


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-47 ◆SUNDAY ◆10 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୪୭ ◆ରବିବାର ◆୧୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଏକାସଙ୍ଗେ ଯା'ଆସ ଟିକଟ ବୁକିଂରେ ୨୦% ରିଆତି

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ଦୀପାବଳି ଏବଂ ଅନ୍ୟ ପାର୍ବଣ ଋତୁକୁ ଧ୍ୟାନରେ ରଖି ଭାରତୀୟ ରେଳବାଇ ଏକ ନୂଆ ଯୋଜନା ଆରମ୍ଭ କରିଛି। ଏକାସଙ୍ଗେ ଯିବା ଏବଂ ଆସିବା ଟିକଟ ବୁକିଂ କଲେ ୨୦ ପ୍ରତିଶତ ରିଆତି ମିଳିବ ବୋଲି ଘୋଷଣା କରାଯାଇଛି। ତେବେ ଏହି ରିଆତି କେବଳ ରିଟର୍ଣ୍ଣ ଟିକଟ ଉପରେ ଦିଆଯିବ। ଘରକୁ ଯାଇ ପୁଣି ଟ୍ରେନରେ ଫେରିବାକୁ ଚାହୁଁଥିବା ଲୋକେ ଏହି ଯୋଜନାରେ ବେଶ ଉପକୃତ ହେବେ। ପାର୍ବଣ ଋତୁରେ ଟିକଟ ପାଇଁ ଭିଡ଼ ଏବଂ ଲୋକଙ୍କ ସମସ୍ୟାକୁ ଦେଖି ପରୀକ୍ଷାମୂଳକ ଭାବେ ଏହି ନିଷ୍ପତ୍ତି ନିଆଯାଇଛି।




### ରେଳବାଇର ନୂଆ ଯୋଜନା

ଯଦି କେହି ଅହମଦାବାଦ ଏକ୍ସପ୍ରେସରେ ପାଟନା ଯାଆନ୍ତି ଏବଂ ଏହି ଯୋଜନାର ଲାଭ ଉଠାଇବାକୁ ଚାହାନ୍ତି ତେବେ ସେଠାରୁ ଫେରୁଥିବା ଏହି ଟ୍ରେନରେ ଟିକଟ କାଟିବାକୁ ହେବ। ସେହିପରି ଟିକଟରେ ଦିଆଯାଇଥିବା ସବୁ ସୂଚନା ମଧ୍ୟ ସମାନ ହେବା ଉଚିତ। ଅର୍ଥାତ୍ କେଉଁଠାରୁ କେଉଁଠିକୁ ଯିବେ, ଯାତ୍ରୀଙ୍କ ନାମ, ବୟସ ଏବଂ କେଉଁ ଶ୍ରେଣୀ ଆଦି ଟିକଟରେ ସମାନ ହେବା ଉଚିତ। ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଅକ୍ଟୋବର ୧୩ରୁ ଅକ୍ଟୋବର ୨୬ ପର୍ଯ୍ୟନ୍ତ କରାଯାଉଥିବା ଟିକଟ ଏବଂ ଫେରିବା ପାଇଁ ନଭେମ୍ବର ୧୭ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଟିକଟ ବୁକିଂ କରିବାକୁ ହେବ। ଏଥିପାଇଁ ଅଗଷ୍ଟ ୧୪ରୁ ବୁକିଂ ଆରମ୍ଭ ହେବ।

## ପ୍ରଥମ ଥର କଶ୍ମୀରରେ ଗଡ଼ିଲା ମାଲବାହୀ ଟ୍ରେନ୍

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ଭାରତୀୟ ରେଳବାଇ ପୁଣି ଏକ ଉପଲବ୍ଧି ହାସଲ କରିଛି। ପ୍ରଥମ ଥର ପାଇଁ ଶନିବାର ଏକ ମାଲବାହୀ ଟ୍ରେନ କଶ୍ମୀର ଘାଟୀରେ ପହଞ୍ଚିଛି। ଏହା ସହିତ କଶ୍ମୀର ଘାଟୀରେ ଲଜିଷ୍ଟିକ ଏବଂ ଆର୍ଥିକ ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହୋଇଯାଇଛି। ଏହି ମାଲବାହୀ ଟ୍ରେନ ପଞ୍ଜାବର ରୁପନଗରରୁ ସିମେଣ୍ଟ ନେଇ କଶ୍ମୀରର ଅନନ୍ତନାଗ ଗୁଡ୍ସ ସେଡ୍‌ରେ ପହଞ୍ଚିଛି। ଏହି ଐତିହାସିକ ପଦକ୍ଷେପ ଦ୍ୱାରା କଶ୍ମୀର କ୍ଷେତ୍ର ରାଷ୍ଟ୍ରୀୟ ମାଲ ପରିବହନ ନେଟୱର୍କ ସହ ସାମିଲ ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ସେ ଏହାର ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହି ମୁହୂର୍ତ୍ତ ବହୁତ ଖାସ୍ ଥିଲା ବୋଲି କହିଛନ୍ତି। ଟ୍ରେନ୍‌ରେ ସାମଗ୍ରୀ ପଠାଇବା ଦ୍ୱାରା କଶ୍ମୀର ବାସିନ୍ଦାଙ୍କ ଖର୍ଚ୍ଚ କମ୍ ହେବ। ଏହାର ଲାଭ ଲୋକଙ୍କୁ ମିଳିବ। ରେଳ ନେଟୱର୍କ ଦ୍ୱାରା ପରିବହନ ଶସ୍ତା ହେବ।



୨୧ ବିସିଏନ ୱାଗନରେ ସିମେଣ୍ଟ ନେଇ ଯାଉଥିବା ଏହି ଟ୍ରେନ ୬୦୦ କିମି ଅତିକ୍ରମ କରିବା ପାଇଁ ୧୮ ଘଣ୍ଟା ସମୟ ନେଇଥିଲା। ଏହା ଅନନ୍ତନାଗରେ ପହଞ୍ଚି ଥିଲା। ଘାଟୀରେ ସଡ଼କ, ପୋଲ, ସାର୍ବଜନୀନ ଭିତ୍ତିଭୂମି ଏବଂ ଭବନ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏହାକୁ ବ୍ୟବହାର କରାଯିବ। ଏହା ଦ୍ୱାରା ବିକାଶକୁ ଗତି ମିଳିବ। ଲୋକଙ୍କ ଜୀବନଧାରଣ ମାନ ଉନ୍ନତ ହେବ।

## ଦିଲ୍ଲୀରେ ବର୍ଷା ବିଭ୍ରାଟ

# ଘର ଭୁଶୁଡ଼ି ୮ ମୃତ

### ୩୦୦ ବିମାନ ଉଡ଼ାଣ ବିଳମ୍ବିତ, ୧୦୦ ବାତିଲ

■ **ନୂଆଦିଲ୍ଲୀ, ୯।୮ (ଏଜେନ୍ସି):** ପ୍ରବଳ ବର୍ଷା ଯୋଗୁଁ ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ସ୍ଥିତି ବେହାଲ ହୋଇପଡ଼ିଛି। ଗତକାଲି ରାତିରୁ ଲଗାତାର ବର୍ଷା ଯୋଗୁଁ ଏକ ପାଚେରି ଘର ଉପରେ ଭୁଶୁଡ଼ି ପଡ଼ିବାରୁ ୮ ଜଣ ପ୍ରାଣ ହରାଇଛନ୍ତି। ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ୩୦୦ରୁ ଅଧିକ ବିମାନ ଉଡ଼ାଣ ବିଳମ୍ବିତ ହୋଇଛି। ସେଥିମଧ୍ୟରୁ ୧୦୦ଟି ବିମାନ ସେବା ବାତିଲ ହୋଇଥିବା ଜଣାପଡ଼ିଛି। ବିଭିନ୍ନ ଅଞ୍ଚଳରେ ବର୍ଷା ପାଣି ଜମି ରହିଥିବାରୁ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି।

**ବିପଦ ସଙ୍କେତ ଛୁଇଁବ ଯମୁନା, ଦିଲ୍ଲୀକୁ ବିପଦ**

ଦିଲ୍ଲୀ-ଏନ୍‌ସିଆରରେ ଶୁକ୍ରବାର ରାତିରୁ ପ୍ରବଳ ବର୍ଷା ଜାରି ରହିଛି। ଦିଲ୍ଲୀର ଜୋତପୁର ଥାନା ଇଲାକାରେ ଆଜି ସକାଳେ ଏକ ପାଚେରି ଭୁଶୁଡ଼ି କୁଡ଼ିଆ ଘର ଉପରେ ପଡ଼ିଥିଲା। ଫଳରେ ଘର ଭିତରେ ଥିବା ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ୪ଜଣ ପୁରୁଷ, ୨ଜଣ ମହିଳା ଓ ୨ ଜଣ ଛୋଟ ପିଲା ଥିବା ଜଣାପଡ଼ିଛି। ଏହାସହିତ ବିଭିନ୍ନ ▶ପୃଷ୍ଠା-୭



### ଆମେରିକାର ପୂର୍ବତନ ଏନ୍‌ଏସ୍‌ଏଙ୍କ ସମାଲୋଚନା

## ଦେଶକୁ ବର୍‌ବାଦ କରୁଛନ୍ତି ଟ୍ରମ୍ପ

■ **ୱାଶିଂଟନ, ୯।୮ (ଏଜେନ୍ସି):** ଜବାବୀ ଶୁଳ୍କ ଲଗାଇ ବିଶ୍ୱରେ ଅର୍ଥନୈତିକ ଭୂକମ୍ପ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶରେ ଘୋର ବିରୋଧର ସମ୍ମୁଖୀନ ହୋଇଛନ୍ତି। ନାଗରିକଙ୍କଠାରୁ ପୂର୍ବତନ କୂଟନୈତିଜ୍ଞ ତଥା ବହୁ ବୁଦ୍ଧିଜୀବୀ ପର୍ଯ୍ୟନ୍ତ ଟ୍ରମ୍ପଙ୍କ 'ଟାରିଫ୍ ନୀତି'କୁ ତୀବ୍ର ସମାଲୋଚନା କରୁଛନ୍ତି।

ଆମେରିକା ରାଷ୍ଟ୍ରପତିଙ୍କ ମନମୁଖୀ କାର୍ଯ୍ୟ ପାଇଁ ନିଜର ଦେଶର ଜନତା ହନ୍ତସନ୍ତ ହେଉଛନ୍ତି। ମୁଦ୍ରାସ୍ଫୀତି ବଢ଼ିବା ସହିତ ନିଯୁକ୍ତି ସୁଯୋଗ ହ୍ରାସ ପାଇବାରେ ଲାଗିଛି। ନିଜ ଦେଶର ନାଗରିକଙ୍କ ଉପରେ ଟ୍ରମ୍ପ ଆର୍ଥିକ ବୋଝ ବଢ଼ାଇ ଚାଲିଛନ୍ତି। ଟ୍ରମ୍ପଙ୍କ ଏଭଳି ଏକଚାଟିଆ ଆଭିମୁଖ୍ୟକୁ ଆମେରିକାର ପୂର୍ବତନ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜନ୍ ବୋଲ୍ଟନ ତୀବ୍ର ସମାଲୋଚନା କରିଛନ୍ତି।

ଏନ୍‌ଏସ୍‌ଏ ଜନ୍ ବୋଲ୍‌ଟନ୍ ଟ୍ରମ୍ପଙ୍କ ଟାରିଫ ନୀତିକୁ 'ବଡ଼ ଭୁଲ' ବୋଲି କହିଛନ୍ତି। ରାଷ୍ଟ୍ରପତିଙ୍କ ବୈଦେଶିକ ଟାରିଫ ନୀତି ଆମେରିକା ଉପରେ ବୀପରିତ ପ୍ରଭାବ ପକାଉଥିବା ସେ ଉଲ୍ଲେଖ କରିଛନ୍ତି। ରାଷ୍ଟ୍ରପତି ଦେଶକୁ ବର୍‌ବାଦ କରୁଥିବା ବୋଲ୍ଟନ ଅଭିଯୋଗ କରିଛନ୍ତି। ଟ୍ରମ୍ପଙ୍କ ନୀତି ଯୋଗୁଁ ଆମେରିକାଠାରୁ ଭାରତ ଦୂରେଇ ଯିବାରେ ଲାଗିଛି।

ଜାତୀୟ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ବୋଲ୍‌ଟନ୍ କହିଛନ୍ତି, ରୁଷ୍ ଏବଂ ଚୀନ୍‌ଠାରୁ ଭାରତକୁ ଦୂରେଇ ରଖିବା ପାଇଁ ଆମେରିକା ଦୀର୍ଘ ବର୍ଷ ହେଲା ପ୍ରୟାସ କରୁଥିଲା; ମାତ୍ର ଏବେ ଏହି ପ୍ରୟାସ ଦୁର୍ବଳ ହୋଇଯାଇଛି। ରୁଷ୍‌କୁ ଦୁର୍ବଳ କରିବା ପାଇଁ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଯାଇଛି। ଏହାର ଓଲଟା ପ୍ରଭାବ ପଡ଼ିବାକୁ ଯାଉଛି। ଭାରତ ଆମେରିକାଠାରୁ ଦୂରେଇ ଯାଇ ରୁଷ୍ ଏବଂ ଚୀନ୍ ନିକଟତର ହେବାକୁ ଯାଉଥିବା ପରିଲକ୍ଷିତ ହୋଇଛି। ରୁଷ୍‌ର ଆର୍ଥିକ କ୍ଷତି ପାଇଁ ଏହି କଟକଣା ଲଗାଯାଇଥିଲା, ▶ପୃଷ୍ଠା-୭

- **ଟ୍ରମ୍ପଙ୍କ ଶୁଳ୍କ ନୀତି 'ବଡ଼ ଭୁଲ୍': ବୋଲ୍‌ଟନ୍**
- **ଜବାବୀ ଶୁଳ୍କର ପଡୁଛି ବୀପରିତ ପ୍ରଭାବ**
- **ଚୀନ୍ ଓ ରୁଷ୍‌ର ନିକଟତର ହେଉଛି ଭାରତ**

## ପୁଣି ଘୁଞ୍ଚିଲା ନିଗମ, ବୋର୍ଡ ନିଯୁକ୍ତି

### ୨୦ ତାରିଖ ପରେ ହୋଇପାରେ ନିଯୁକ୍ତି: ମନମୋହନ

■ **ଭୁବନେଶ୍ୱର, ୯।୮ (ସମିସ):** ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରିବାକୁ ବସିଥିଲେ ହେଁ ଏଯାବତ୍ ନିଗମ, ବୋର୍ଡ ନିଯୁକ୍ତି ହୋଇପାରିଲା ନାହିଁ। ଗତ ୫ ତାରିଖରେ ରାଜ୍ୟ ସରକାର ମହିଳା କମିଶନ ଏବଂ ଶିଶୁ ସୁରକ୍ଷା କମିଶନରେ ଅଧ୍ୟକ୍ଷା ଏବଂ ସଦସ୍ୟାଙ୍କୁ ନିଯୁକ୍ତି ଦେବା ପରେ ନିଗମ ଅଙ୍କ ଛିଡ଼ିବା ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ତେବେ ଦିଲ୍ଲୀ ଗସ୍ତ ସାରି ଭୁବନେଶ୍ୱର ଫେରିବା ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏନେଇ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଛନ୍ତି। ଆସନ୍ତା ୧୫ କିମ୍ବା୨୦ ତାରିଖ ପରେ ଦଳୀୟ ନେତୃତ୍ୱଙ୍କ ସହ ଚର୍ଚ୍ଚା ଆଲୋଚନା କରାଯାଇ ନିଗମ, ବୋର୍ଡରେ ନିଯୁକ୍ତି ପ୍ରଦାନ କରାଯିବ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଦଳ ପ୍ରତି ଆନୁଗତ୍ୟ, ଦକ୍ଷତା ଓ ବରିଷ୍ଠତା ଭିତ୍ତିରେ ବୋଡର୍ ଓ ନିଗମରେ ନିଯୁକ୍ତି ଦିଆଯିବ। କେଉଁମାନେ ଦଳୀୟ ସଂଗଠନ ସମ୍ଭାଳିବେ ଆଉ କେଉଁମାନେ ସରକାରରେ ରହିବେ, ତାହା ଏକପ୍ରକାର ସ୍ଥିର ହୋଇଥିବା କୁହାଯାଉଛି। ତେବେ ଓଡ଼ିଶା ଖଣି ନିଗମ, ଓସାକ୍, ଓଏସ୍‌ଆଇସି, ଓଟିଡିସି, ଓପିଜିସି, ଇଡ୍‌କଲ୍, ଯୋଗାଣ ନିଗମ, ମଦ ନିଗମ ଏବଂ ଓମ୍‌ଫେଡ୍ ଭଳି ଗୁରୁତ୍ୱପୂର୍ଣ୍ଣ ତଥା ଲାଭଦାୟକ ସଂସ୍ଥାର ଅଧ୍ୟକ୍ଷ ପଦ ଉପରେ ଆଶାୟୀ ଦଳୀୟ ନେତାଙ୍କ ଆଖି ରହିଥିବା ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ ଯେ ବିଜେପି ନେତୃତ୍ୱ ସ୍ତରରେ ବ୍ୟାପକ କସରତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯାଇ ପାରୁନାହିଁ। ସମାନ ଭାବେ ନିଗମ, ବୋର୍ଡ, ଏକାଡେମୀ ଏବଂ କେତେକ କମିଶନରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେବାରେ ଲାଗିଛି। ଦିଲ୍ଲୀରେ ତାଲିକା ପ୍ରସ୍ତୁତିରେ ବିଳମ୍ବ ହେଉଛି କି ପ୍ରଶ୍ନରେ ଶ୍ରୀ ସାମଲ କହିଛନ୍ତି ଯେ ଦିଲ୍ଲୀରେ ନୁହେଁ; ସବୁ ତାଲିକା ଓଡ଼ିଶାରେ ପ୍ରସ୍ତୁତ ହେବ। ଦିଲ୍ଲୀରେ ଆମେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ସ୍ୱାଭାବିକ ଭାବେ ଆଲୋଚନା କରିବାକୁ ଯାଇଥିଲୁ। ସେଠାରେ ଦଳୀୟ ସାଂସଦଙ୍କ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରଭାରୀ ଏବଂ ମୁଁ ବିଭିନ୍ନ ପ୍ରସଙ୍ଗରେ ରୁଟିନ୍ ବୈଠକ ଅନୁଯାୟୀ ଏକାଠି ହୋଇଥିଲୁ ବୋଲି ଶ୍ରୀ ସାମଲ କହିଛନ୍ତି।

### ଡାକ୍ତର ଆସିଲେନି, ପ୍ରସବ କରାଇଲେ ନର୍ସ

## ନବଜାତକ ମୃତ୍ୟୁରୁ ତୀବ୍ର ଉତ୍ତେଜନା

■ **ବଲାଙ୍ଗିର, ୯।୮ (ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଗୋଷ୍ଠୀ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ନବଜାତକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବିନା ଡାକ୍ତରଙ୍କ ଉପସ୍ଥିତିରେ ଦୁଇଜଣ ନର୍ସ ଗର୍ଭବତୀଙ୍କ ପ୍ରସବ କରିଥିଲେ। କିନ୍ତୁ ଜନ୍ମ ପରେ ଶିଶୁଟି କୌଣସି ପ୍ରକାର ପ୍ରତିକ୍ରିୟା ଦେଇନଥିଲା। ଫଳରେ ନର୍ସମାନେ ତରବରିଆ ଭାବେ ଉଭୟ ଶିଶୁ ଓ ମହିଳାଙ୍କୁ ବଲାଙ୍ଗିରକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୨୦କିମି ଦୂରରେ ଥିବା ଡାକ୍ତରଖାନାରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

**ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ**

ଡାକ୍ତରଖାନାରେ ଉଭୟ ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରହିଥିବା ସତ୍ତ୍ୱେ ଏହିଭଳି ଘଟଣା ଡାକ୍ତରଖାନାରେ ରହିଥିବା ଦୋଷ ତ୍ରୁଟିକୁ ପଦାରେ ପକାଇଛି। କେବଳ ଏତିକି ନୁହେଁ, ସଂପୃକ୍ତ ମହିଳାଙ୍କୁ ଭର୍ତ୍ତି କରିବାଠାରୁ ଆରମ୍ଭ କରି ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ଜଣେ ବି ଁ ଡାକ୍ତର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ନଥିବା ▶ପୃଷ୍ଠା-୭

## 'ଉତ୍କଳ'ରେ ଅଧ୍ୟାପକ ମରୁଡ଼ି

### ଆଇନ ବିଭାଗ ଖାଁ ଖାଁ

**୭୫ପ୍ରତିଶତ ଉପସ୍ଥାନ ନେଇ ବିଭାଗର ତାଗିଦ**

**ୱେବସାଇଟ୍‌ରେ ଅଛନ୍ତି ଅଧ୍ୟାପକ, ବାସ୍ତବରେ ଶୂନ**




■ **ଭୁବନେଶ୍ୱର, ୯।୮ (ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଘାରିଲାଣି ଉପସ୍ଥାନ ଚିନ୍ତା। ଶିକ୍ଷାବର୍ଷ ଆରମ୍ଭରୁ ଉପସ୍ଥାନ ପାଇଁ ଛାତ୍ରଛାତ୍ରୀଙ୍କୁ ତାଗିଦ୍ କଲେଣି। ହେଲେ ଛାତ୍ରଛାତ୍ରୀ ଆସିବାକୁ ଅମଙ୍ଗ। ପଢ଼ାଇବାକୁ କେହି ନାହାନ୍ତି, ଗଲେ କରିବୁ କ'ଣ ବୋଲି ରୋକଠୋକ୍ କହୁଛନ୍ତି। ବିଶ୍ୱବିଦ୍ୟାଳୟ ଆଇନ ବିଭାଗରେ କେହି ଅଧ୍ୟାପକ ନଥି ବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ମୋଟ୍ ୮୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତନ୍ମଧ୍ୟରୁ ପ୍ରଥମ ବର୍ଷର ୨୩ ଜଣ ପିଲା ଏବଂ ଦ୍ୱିତୀୟ ବର୍ଷର ୧୫ ଜଣ ପିଲା ନିୟମିତ ଭାବେ ଆସୁନାହାନ୍ତି। ସେମାନଙ୍କ ଉପସ୍ଥାନ ୭୫ପ୍ରତିଶତରୁ କମ୍ ରହିଛି। ଉପସ୍ଥାନ କମ୍ ଥିବା ପିଲାମାନଙ୍କ ତାଲିକା ଜାରି କରିବା ସହ ପରୀକ୍ଷା ଦେବାକୁ ଅତି କମରେ ୭୫ ପ୍ରତିଶତ ଉପସ୍ଥାନ ରଖିବାକୁ ବିଭାଗ ପକ୍ଷରୁ ତାଗିଦ କରାଯାଇଛି। ଅପରପକ୍ଷରେ, ବିଭାଗରେ ଶୈକ୍ଷିକ ସଙ୍କଟ ଦେଖାଦେଇଛି। ପାଠ ପଢ଼ାଇବାକୁ କେହି ଅଧ୍ୟାପକ ନାହାନ୍ତି। ବିଭାଗୀୟ ମୁଖ୍ୟ ମାସେ ତଳୁ ଅବସର ନେଇସାରିଛନ୍ତି। ଜଣେ ସଂଯୋଜକରେ ବିଭାଗ ଚାଲୁଛି। ନିୟମିତ ଭାବେ ପାଠପଢ଼ା ହେଉନାହିଁ। ତେଣୁ କାହିଁକି ନିୟମିତ ଯିବେ ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ କରୁଛନ୍ତି।

ଜଣେ ପ୍ରଥମବର୍ଷ ଛାତ୍ରୀଙ୍କ କହିବା କଥା, ସେ ନାମ ଲେଖାଇବା ବେଳେ ଆବଶ୍ୟକ ଅଧ୍ୟାପକ ଥିବେ ବୋଲି ନିଶ୍ଚିତ ହୋଇଥିଲେ। କାରଣ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ବିଭାଗୀୟ ମୁଖ୍ୟଙ୍କ ସମେତ ପ୍ରାୟ ୩ଜଣ ଅଧ୍ୟାପକ କାର୍ଯ୍ୟରତ ଥିବା ଦର୍ଶାଯାଇଛି। ଯାହାକୁ ଦେଖି ସେ ବିଭାଗରେ ନାମ ଲେଖାଇଥିଲେ। ହେଲେ ବାସ୍ତବତା ପୂରା ଭିନ୍ନ। ▶ପୃଷ୍ଠା-୭

## ହସ୍ପିଟାଲରେ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

### ଓଭରଡୋଜ୍ ନିଦ ଇଞ୍ଜେକସନ୍ ମୃତ୍ୟୁର କାରଣ

■ **ଭୁବନେଶ୍ୱର, ୯।୮ (ସମିସ):** ରାଜଧାନୀର ଏକ ଘରୋଇ ଡାକ୍ତରଖାନାର ଜଣେ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ସାନଖେମୁଣ୍ଡି ଥାନା ଅଞ୍ଚଳର ଶୁଭସ୍ମିତା ରାଉତ(୨୫)। ତାଙ୍କ ପାଖରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ଓଭରଡୋଜ୍ ନିଦ ଇଞ୍ଜେକ୍ସନ୍ ନେଇ ମୃତ୍ୟୁ ହୋଇଥିବା ସେଥିରେ ଉଲ୍ଲେଖ ଥିବା ବେଳେ ଝିଅକୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ସାନଖେମୁଣ୍ଡି ବ୍ଲକ ଡି ଆମ୍ବଠା ଗାଁର ଶିବଶଙ୍କର ରାଉତଙ୍କ ଝିଅ ଶୁଭଲକ୍ଷ୍ମୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାରେ ନର୍ସ ଭାବେ କାମ କରୁଥିଲେ। ଆଜି ରାକ୍ଷୀ ପୂର୍ଣ୍ଣିମାରେ ଘରକୁ ଯିବା ପାଇଁ କର୍ତ୍ତୃପକ୍ଷଙ୍କୁ ଛୁଟି ମାଗିଥିଲେ। ଗତକାଲି ନାଇଟ୍ ଡ୍ୟୁଟି କରିବା ବେଳେ ରାତି ପ୍ରାୟ ୧୦ଟା ବେଳେ ଘର ଲୋକଙ୍କ ସହ ଫୋନରେ କଥାବାର୍ତ୍ତା ହୋଇଥିଲେ। ହେଲେ ରାତି ପ୍ରାୟ ୩ଟା ବେଳେ ଶୁଭସ୍ମିତା ଗାଧୁଆଘରେ ପଡ଼ିଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ଫୋନ କରି ପରିବାରଲୋକଙ୍କୁ ଜଣାଇଥିଲେ। ପରିବାରଲୋକ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଶୁଭସ୍ମିତାଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ଚନ୍ଦ୍ରଶେଖରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶୁଭସ୍ମିତାଙ୍କ ମୃତଦେହ ନିକଟରୁ ସୁଇସାଇଡ୍ ନୋଟ୍ ଜବତ କରିଥିଲା। ରୋଗୀଙ୍କୁ ଭୁଲ ମେଡିସିନ ଦେବାକୁ ନେଇ ଡାକ୍ତର ରାଗିବାରୁ ସେ ନିଜକୁ ଦୋଷୀ ଭାବି ମାନସିକ ଚିନ୍ତାରେ ରହୁଥିବା ଚିଠିରେ ଲେଖିଛନ୍ତି। ଶୁଭସ୍ମିତା ନିଜ ଦେହରେ ▶ପୃଷ୍ଠା-୭

**ସୁଇସାଇଡ୍ ନୋଟ୍ ଜବତ**

## ରାଜ୍ୟବ୍ୟାପୀ ନକଲି ସାର ର୍‍ୟାକେଟ୍ ସକ୍ରିୟ

### ସରକାର ଉଦାସୀନ; ଫାଇଦା ଉଠାଉଛନ୍ତି ବ୍ୟବସାୟୀ

■ **ଭୁବନେଶ୍ୱର, ୯।୮ (ସମିସ):** ଚାଷୀର ଆବଶ୍ୟକତା ଅନୁସାରେ ସରକାରୀ ଭାବେ ସାର ମିଳୁନି। ବାଧ୍ୟହୋଇ ଚାଷୀମାନେ ବାହାର ଡିଲର୍‌ଙ୍କଠାରୁ ସାର କିଣୁଛନ୍ତି। ଡିଲରମାନେ ଏହାର ଭରପୂର ଫାଇଦା ଉଠାଉଛନ୍ତି। ଚାଷୀଙ୍କଠାରୁ ମୋଟା ଅଙ୍କର ମୁନାଫା କମାଇବା ସହ ନକଲି ସାରକୁ ଅସଲି ବୋଲି କହି ବିକ୍ରି କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ କୃଷି ବିଭାଗ ଚାହିଦା ଥିବା କଂପ୍ଲେକ୍ସ ସାର ଯୋଗାଇପାରୁନି। ଯେଉଁଠି ୧୦ ଟନ୍ ଆବଶ୍ୟକ ସେଠିକୁ ୭ ଟନ୍ ଦେଉଛି। ଏହାର ଫାଇଦା ନେଇ ନକଲି ସାର କାରବାର କରୁଥିବା ର୍‍ୟାକେଟ୍ ସକ୍ରିୟ ହୋଇ ଉଠିଛନ୍ତି। ରାଜ୍ୟ ବାହାରୁ ବେପାରୀମାନେ ଆସି ଓଡ଼ିଶାର ବିଭିନ୍ନ ବଡ଼ ବଡ଼ ମାର୍କେଟ୍‌ରେ ଡେରା ପକାଇଛନ୍ତି।

**କୃଷି ବିଭାଗର ଚଢ଼ଉ ନାହିଁ କି କାର୍ଯ୍ୟାନୁଷ୍ଠାନ ବି ନାହିଁ**

**ମାଟିରେ ମିଶିପାରୁନି ନକଲି ସାର; ବଢ଼ୁଛି ପ୍ରଦୂଷଣ ଭୟ**

ଯେଉଁଠି ଚାଷୀଙ୍କର ଅଧିକ ଆବଶ୍ୟକତା ଓ ସରକାରୀ ଉଦାସୀନତା ଦେଖୁଛନ୍ତି, ସେଠି ବ୍ୟାପକ ନକଲି ସାର ବିକ୍ରି କରାଯାଉଛି। ବିଶେଷକରି ଅନୁନ୍ନତ ବ୍ଲକ୍ ଓ ପଛୁଆ ଜିଲ୍ଲାଗୁଡ଼ିକୁ ଏମାନେ ଏବେ ଟାର୍ଗେଟ୍ କରିଥିବା ଜଣାପଡ଼ିଛି।

ରାଜ୍ୟ ବାହାର ବେପାରୀମାନେ ଡିଲରମାନଙ୍କୁ ବିଭିନ୍ନ ବ୍ରାଣ୍ଡର ନକଲି ସାର ଶସ୍ତାରେ ବିକ୍ରି କରୁଛନ୍ତି। ଏହି ସାର ର୍‍ୟାକେଟ୍ ବିଶେଷକରି ପଶ୍ଚିମ ଓଡ଼ିଶାକୁ ଟାର୍ଗେଟ୍ କରୁଛନ୍ତି। ନୂଆପଡ଼ା, ବରଗଡ଼, ବୌଦ୍ଧ ଆଦି ଜିଲ୍ଲାକୁ ଛତିଶଗଡ଼ ଅଞ୍ଚଳରୁ ସାର ଆସୁଛି। ସେଠିକାର ଏଜେଣ୍ଟ ପ୍ରଥମେ ଆସି ମାର୍କେଟ୍ ସର୍ଭେ କରୁଛନ୍ତି। ବ୍ୟବସାୟୀମାନଙ୍କୁ ମୋଟା ଅଙ୍କର ମୁନାଫା ସହ ଆକର୍ଷଣୀୟ ଅଫର୍‌ର ଲୋଭ ଦେଖାଉଛନ୍ତି। ଫଳରେ ବ୍ୟବସାୟୀମାନେ ପ୍ରଲୋଭନର ଶିକାର ହୋଇ ନକଲି ସାର ଚାଷୀଙ୍କୁ ବିକ୍ରି କରୁଛନ୍ତି। ସେହିଭଳି ଦକ୍ଷିଣ ଓ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ ସମାନ ସ୍ଥିତି ଦେଖାଯାଉଛି। ଜିଲ୍ଲା ମୁଖ୍ୟାଳୟରୁ ଦୂରରେ ଥିବା ବ୍ଲକ୍‌ଗୁଡ଼ିକର ଛୋଟ ଛୋଟ ମାର୍କେଟ୍‌ଗୁଡ଼ିକୁ ଟାର୍ଗେଟ୍ କରୁଛନ୍ତି। ଏହି ସ୍ଥାନରେ ବ୍ଲକ୍ କୃଷି ଅଧିକାରୀଙ୍କ ନିଷ୍କ୍ରିୟତା ଓ ଜିଲ୍ଲା କୃଷି ଅଧିକାରୀଙ୍କ ▶ପୃଷ୍ଠା-୭






# ପାକିସ୍ତାନର ୬ଟି ଯୁଦ୍ଧ ବିମାନକୁ ଖସାଇଥିଲା ଭାରତ



## ଆକ୍ରମଣରେ ଆମେରିକା ନିର୍ମିତ ଏଫ୍-୧୬ ବି କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ପହଲଗାମର ଆକ୍ରମଣର ପ୍ରତିଶୋଧ ପାଇଁ ଭାରତ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର'କୁ ନେଇ ଭାରତୀୟ ବାୟୁସେନା ମୁଖ୍ୟ ତଥା ଏୟାର ଚିଫ୍ ମାର୍ଶାଲ ଏପି ସିଂହ ବଡ଼ ସୂଚନା ଦେଇଛନ୍ତି। ଆମେରିକାର କିଛି ଏଫ-୧୬ ସହିତ ପାକିସ୍ତାନର ୬ଟି ଲଢୁଆ ବିମାନକୁ ଭାରତ ଧ୍ୱଂସ କରିଦେଇଛି ବୋଲି ସେ କହିଛନ୍ତି। ଏଗୁଡିକ ମଧ୍ୟରେ ୫ଟି ଲଢୁଆ ବିମାନ ଏବଂ ଗୋଟିଏ ବଡ଼ ବିମାନ ଏଇଡବ୍ଲ୍ୟୁଆଣ୍ଡସି (ଏୟାରବର୍ଣ୍ଣ ଆର୍ଲି ୱାର୍ଣ୍ଣି ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ ) ସାମିଲ ରହିଛି। ଏହା ପାକିସ୍ତାନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଥିଲା। ସବୁ ଲଢୁଆ ବିମାନକୁ ମଝି ଆକାଶରୁ ଖସାଇ ଦିଆଯାଇଥିଲା। ଗୋଟିଏ ବଡ଼ ବିମାନକୁ ତିନି ଶହ କିମି ଦୂରରୁ ଖସା ଯାଇଥିଲା। ଏହା ଇଏଲଆଇଏନ୍‌ଟି କିମ୍ବା ଏଇଡବ୍ଲ୍ୟୁଆଣ୍ଡିସି ହୋଇ ଥାଇପାରେ। ପ୍ରଥମ ଥର ପାଇଁ ତିନି ଶହ କିମି ଦୂରରୁ କୌଣସି ବିମାନକୁ ଖସା ଯାଇଛି। ଏହା ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ପାକିସ୍ତାନର ଭୋଲାରି ଏବଂ ଜାକୋବାଦ ସ୍ଥିତ ହ୍ୟାଙ୍ଗରରେ ଭାରତୀୟ ବାୟୁସେନା ଆକ୍ରମଣ କରିଥିଲା। ରକ୍ଷଣାବେକ୍ଷଣ ଲାଗି ସେଠାରେ କିଛି ଏଫ-୧୬ ଲଢୁଆ ବିମାନ ଥିଲା। ଏ ସବୁକୁ ଧ୍ୱଂସ କରିଦିଆଯାଇଥିଲା। ବେଙ୍ଗାଲୁରୁରେ ଅନୁଷ୍ଠିତ '୧୬ତମ ଏୟାର ଚିଫ୍ ମାର୍ଶାଲ ଏଲଏମ କାଟରେ ଲେକ୍ଚର'ରେ ସାମିଲ ହୋଇ ବାୟୁସେନା ମୁଖ୍ୟ ଏହି ସୂଚନା ଦେଇଛନ୍ତି।

**'ଅପରେସନ ସିନ୍ଦୂର'କୁ ନେଇ ବାୟୁସେନା ମୁଖ୍ୟଙ୍କ ଘୋଷଣା**

**ଧ୍ୱଂସ କରିଛୁ ପାକିସ୍ତାନର ୬ ଲଢୁଆ ବିମାନ**

**ବାଲାକୋଟ ଭୂତ ଛାଡ଼ିଗଲା**

**ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା ଏସ୍-୪୦୦**



ଏୟାର ଚିଫ୍ ମାର୍ଶାଲ କହିଛନ୍ତି ଯେ ଚଳିତ ଥର ବାଲାକୋଟ ଭୂତକୁ ଛଡ଼ାଇ ଦେଇଛୁ। ୨୦୧୯ର ବାଲାକୋଟ ଷ୍ଟ୍ରାଇକ ସମୟରେ ଆମେ ପ୍ରମାଣ ସଂଗ୍ରହ କରିପାରି ନ ଥିଲୁ। ସେତେବେଳେ କିଛି ଲୋକ ପ୍ରମାଣ ମାଗିଥିଲେ, କିନ୍ତୁ ଅପରେସନ ସିନ୍ଦୂରକୁ ନେଇ କେହି ଭାରତକୁ ପ୍ରମାଣ ମାଗିନାହାନ୍ତି। ଭାରତର ଜବାବୀ ଆକ୍ରମଣରେ ପାକିସ୍ତାନର ହୋଇଥିବା ବିପୁଳ କ୍ଷୟକ୍ଷତି ସମ୍ପର୍କରେ ପାକିସ୍ତାନୀ ଗଣମାଧ୍ୟମ ହିଁ ଦେଖାଇଛି। ପୂର୍ବରୁ ଏବଂ ଭାରତ ଆକ୍ରମଣ ପରର ପାକିସ୍ତାନ ସାମରିକ ଘାଟିର ଦୃଶ୍ୟ ସବୁଠି ଉପଲବ୍ଧ ରହିଛି। ଭାରତ କ'ଣ ହାସଲ କରିଛି ତାହା ବିଶ୍ୱ ଦେଖିଛି। ବାହାବଲପୁର ସ୍ଥିତ ଆତଙ୍କବାଦୀ ଠିକଣା ବି ଧ୍ୱସ୍ତସ୍ତୁପରେ ପରିଣତ ହୋଇଯାଇଛି।

ବାୟୁସେନା ମୁଖ୍ୟଙ୍କ ଅନୁଯାୟୀ 'ଅପରେସନ ସିନ୍ଦୂର'ରେ 'ଏୟାର ଡିଫେନ୍ସ ସିଷ୍ଟମ' ବହୁତ ଭଲ କାମ କରିଥିଲା। ପାକିସ୍ତାନ ଭାରତର ଏୟାର ଡିଫେନ୍ସକୁ ଭେଦ କରିପାରି ନ ଥିଲା। ଏଥିରେ ଏସ-୪୦୦ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା। ଦୀର୍ଘ ଦୂରଗାମୀ ଗ୍ଲାଇଡେଡ ବୋମା ଥିଲେ ବି ପାକିସ୍ତାନ ଏହାକୁ ବ୍ୟବହାର କରିପାରି ନ ଥିଲା। ରାଜନୈତିକ ଇଚ୍ଛାଶକ୍ତି ଯୋଗୁଁ ଏହି ସଫଳତା ମିଳିଥିଲା। ସେନା ଉପରେ କୌଣସି କଟକଣା ନ ଥିଲା। ଭାବିଚିନ୍ତି ଆକ୍ରମଣ କରାଯାଇଥିଲା। ଯୋଜନା କରି ତାହାକୁ କାର୍ଯ୍ୟକାରୀ କରିବାକୁ ପୂର୍ଣ୍ଣ ସ୍ୱାଧୀନତା ମିଳିଥିଲା। ସେନାର ସବୁ ଶାଖାକୁ ଏକାଠି କରିବାରେ ସିଡିଏସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ଏକ ହାଇଟେକ୍ ଯୁଦ୍ଧ ଥିଲା। ୮୦ରୁ ୯୦ ଘଣ୍ଟିଆ ଏହି ଯୁଦ୍ଧ ଏତେ କ୍ଷତି ହୋଇଥିଲା ଯେ ଜାରି ରହିଲେ ବହୁମୂଲ୍ୟ ଦେବାକୁ ପଡ଼ିବ ଭାବି ପାକିସ୍ତାନ ଡିଜିଏମଓ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲେ। ଭାରତ ମଧ୍ୟ ଏହାକୁ ସ୍ୱୀକାର କରିଥିଲେ। ଏହି ଯୁଦ୍ଧକୁ ନେଇ ଲୋକେ ଅହଙ୍କାରୀ ହୋଇ ଯାଇଥିଲେ। ଲକ୍ଷ୍ୟ ହାସଲ ପରେ ଏହାକୁ ବନ୍ଦ କରିବା ପାଇଁ ସୁଯୋଗ ଖୋଜିବା ଉଚିତ। କିନ୍ତୁ ମୋର କିଛି ଘନିଷ୍ଠ ଆହୁରି ଅଧିକ ମାରିବା ପାଇଁ କହୁଥିଲେ। କିନ୍ତୁ ଯୁଦ୍ଧ ଜାରି ରଖିବା ଠିକ୍ ନ ଥିଲା। ଭାରତ ଏକ ଭଲ ନିଷ୍ପତ୍ତି ନେଇଥିଲା ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ଅବସର ପୂର୍ବରୁ ପାକିସ୍ତାନ ଯିବାକୁ ସମସ୍ତେ ସୁଯୋଗ ଖୋଜିଥାନ୍ତି। ଏହି ଲକ୍ଷ୍ୟ ରଖି ଆମେ ବାୟୁସେନାରେ ବଡ଼ ହୋଇଛୁ। ସଂଯୋଗବଶତଃ ଅବସର ପୂର୍ବରୁ ମୋତେ ଏହି ସୁଯୋଗ ମିଳିଗଲା ବୋଲି ବାୟୁସେନା ମୁଖ୍ୟ ଉଲ୍ଲେଖ କରିଛନ୍ତି। ସେ ଏହି ଟିପ୍ପଣୀ ଦେବା ସମୟରେ ପାକିସ୍ତାନର ସରଗୋଧା ଘାଟୀକୁ ବାୟୁସେନା ନିଶାଣ କରିଥିଲା ବୋଲି କହିଛନ୍ତି।



ନୂଆଦିଲ୍ଲୀରେ ରକ୍ଷାବନ୍ଧନ ଉତ୍ସବ ଅବସରରେ ସ୍କୁଲ ପିଲାଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

## କୁଲଗାମ ଏନକାଉଣ୍ଟର: ୨ ଯବାନ ସହିଦ

କୁଲଗାମ୍, ୯।୮ (ଏଜେନ୍ସି): ଜମ୍ମୁ-କଶ୍ମୀର କୁଲଗାମରେ ଅଖଲ ଜଙ୍ଗଲରେ ଆତଙ୍କବାଦୀମାନଙ୍କ ବିରୋଧରେ ଚାଲିଥିବା ଏନ୍‌କାଉଣ୍ଟରରେ ଶୁକ୍ରବାର ଭାରତର ଦୁଇଜଣ ଯବାନ ଶହୀଦ ହୋଇଛନ୍ତି। ଏଥିରେ ୪ ଜଣ ଯବାନ ଆହତ ହୋଇଛନ୍ତି। ଲାନ୍ସ ନାୟକ ପ୍ରିତପାଲ ସିଂହ ଓ ହରମିନ୍ଦର ସିଂହ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଶନିବାର ସକାଳେ ଏ ନେଇ ସୂଚନା ପ୍ରଦାନ କରାଯାଇଥିଲା। ଅଗଷ୍ଟ ୧ରୁ ଅପରେସନ ଅଖଲ ଜାରି ରହିଛି ଓ ଶନିବାର ଏହି ଅପରେସନ ୯ମ ଦିନରେ ପହଞ୍ଚିଛି। ଗତ ୨ ତାରିଖରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିଲେ। ଏପର୍ଯ୍ୟନ୍ତ ୯ ଜଣ ଜବାନ ଏହି ଏନ୍‌କାଉଣ୍ଟରେ ଆହତ ହୋଇଛନ୍ତି ଓ ଏମାନଙ୍କ ମଧ୍ୟରୁ ୨ ଜଣ ମୃତ୍ୟୁବରଣ କରିଛନ୍ତି। ଅଖଲ ଜଙ୍ଗଲ୍‌ରେ ଏବେ ମଧ୍ୟ କେତେକ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଏହି ଅପରେସନରେ ଜମ୍ମୁ-କଶ୍ମୀର ପୁଲିସ, ସେନା ଓ ସିଆରପିଏଫ୍ କାର୍ଯ୍ୟକାରୀ କରୁଛନ୍ତି। ଏବେ ଦୁଇପଟୁ ଗୁଳି ବିନିମୟ ଚାଲିଛି। ଅଗଷ୍ଟ ୨ରେ ନିହତ ହୋଇଥିବା ଆତଙ୍କବାଦୀ ହେଉଛି ପୁଲବାମାର ହାରିସ ନାଜିର ଦାର। ସେ ସି- ବର୍ଗର ଆତଙ୍କବାଦୀ ଥିଲା। ପହଲଗାମ ଆକ୍ରମଣ ପରେ ଏପ୍ରିଲ ୨୬ରେ ଜାରି କରାଯାଇଥିବା ୧୪ଜଣିଆ ସ୍ଥାନୀୟ ଆତଙ୍କବାଦୀଙ୍କ ତାଲିକା ଜାରି କରାଯାଇଥିଲା। ଏଥିରେ ନାଜିର ସାମିଲ ରହିଥିଲା। ତା ପାଖରେ ଏକେ-୪୭ ରାଇଫଲ, ମ୍ୟାଗାଜିନ ଓ ଗୋଳାବାରୁଦ ଜବତ କରାଯାଇଥିଲା। ଏହି ୧୪ ଜଣଙ୍କ ମଧ୍ୟରୁ ୭ ଜଣ ସେନା ଗୁଳିରେ ପ୍ରାଣ ହରାଇଥିବା ବେଳେ ୭ ଜଣଙ୍କ ତଲାସ ଜାରି ରହିଛି।

## ଅମରନାଥ ଯାତ୍ରା ସମ୍ପନ୍ନ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଶନିବାର ରାକ୍ଷୀପୂର୍ଣ୍ଣିମା ଅବସରରେ ପବିତ୍ର ଅମରନାଥ ଯାତ୍ରା ସମାପନ ହୋଇଛି। ଛଡି ମୁବାରକ ପବିତ୍ର ଗୁମ୍ଫା ନିକଟରେ ପହଞ୍ଚିବା ପରେ ଏହି ଯାତ୍ରା ଆନୁଷ୍ଠାନିକ ଭାବେ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ପାରମ୍ପରିକ ରୀତିନୀତିରେ ମହନ୍ତ ଦୀପେନ୍ଦ୍ର ଗିରିଙ୍କ ତତ୍ତ୍ୱାବଧାନରେ ଶହେରୁ ଅଧିକ ସାଧୁଙ୍କ ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହାପରେ ଭକ୍ତମାନଙ୍କୁ ବର୍ଷର ଅନ୍ତିମ ଦର୍ଶନ କରିବାରୁ ସୁଯୋଗ ମିଳିଥିଲା। ଜୁଲାଇ ୩ରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। କିନ୍ତୁ ପ୍ରବଳ ବର୍ଷା କାରଣରୁ ରାସ୍ତା ଖରାପ ହେବା ଯୋଗୁଁ ଅଗଷ୍ଟ ୩ରେ ଏହି ଯାତ୍ରାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏବର୍ଷ ମୋଟ୍ ୪ ଲକ୍ଷ ୧୦ ଶ୍ରଦ୍ଧାଳୁ ଅମରନାଥ ଦର୍ଶନ କରିଥିଲେ। କିନ୍ତୁ ଗତବର୍ଷ ୫ ଲକ୍ଷ ୧୦ ହଜାର ଭକ୍ତ ଅମରନାଥ ଦର୍ଶନ କରିଥିଲେ। ଏଥର ଯାତ୍ରା ଅବସରରେ ଏକାଧିକ ଅଘଟଣା ମଧ୍ୟ ଘଟିଥିଲା। ଜୁଲାଇ ୫ରେ କେତୋଟି ବସ ପରସ୍ପରକୁ ଧକ୍କା ଦେବା ଫଳରେ ୩୬ ଶ୍ରଦ୍ଧାଳୁ ଆହତ ହୋଇଥିଲେ।

## ଆମେରିକାରେ ୫ଟି ମନ୍ଦିର ଉପରେ ଆକ୍ରମଣ ହୋଇଛି

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ରାଜ୍ୟସଭାରେ ଶନିବାର ଶିବସେନା (ୟୁବିଟି) ସାଂସଦ ଅନୀଲ ଦେଶାଇଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ହିନ୍ଦୁଙ୍କ ଉପରେ ହୋଇଥିବା ଅତ୍ୟାଚାର ତଥା ଆକ୍ରମଣ ନେଇ ତଥ୍ୟ ଉପସ୍ଥାପନା କରିଥିଲେ। ବାଂଲାଦେଶରେ ଗତ ୫ ବର୍ଷ ମଧ୍ୟରେ ହିନ୍ଦୁଙ୍କ ଉପରେ ୩, ୫୮୨ ଆକ୍ରମଣ ହୋଇଥିବା ସେ ସୂଚନା ଦେଇଛନ୍ତି। ରଙ୍ଗପୁର ଓ ଚଟଗ୍ରାମ ଭଳି ଜିଲ୍ଲାରେ ଅଳ୍ପସଂଖ୍ୟକଙ୍କ ଉପରେ ହିଂସା ଜାରି ରହିଛି ବୋଲି ସେ କହିଛନ୍ତି। ସେହିପରି ପାକିସ୍ତାନରେ ଅଳ୍ପସଂଖ୍ୟାକ ବିରୋଧରେ ୩୩୪ଟି ହିଂସାର ମାମଲା ହୋଇଛି ଓ ଏ ନେଇ ଭାରତ ପାକିସ୍ତାନ ସମ୍ମୁଖରେ ପ୍ରଶ୍ନ ଉଠାଇଛି। ସେହିପରି ଆମେରିକାର, କାନାଡା, ବ୍ରିଟେନ ଭଳି ପାଶ୍ଚାତ୍ୟ ତଥା ଉନ୍ନତ ଦେଶଗୁହିକରେ ମଧ୍ୟ ହିନ୍ଦୁଙ୍କ ଉପରେ ବର୍ଣ୍ଣବୈଷମ୍ୟ ଆକ୍ଷେପ ହୋଇଛି। ଏହି ଦେଶଗୁଡିକରେ ହିନ୍ଦୁ ମନ୍ଦିର ଉପରେ ଏକାଧିକ ଆକ୍ରମଣ ହୋଇଛି। ଆମେରିକାରେ ୫ ଓ କାନାଡାରେ ୪ଟି ହିନ୍ଦୁ ମନ୍ଦିରରେ ଭଙ୍ଗାରୁଜା କରାଯାଥିଲା ବୋଲି ସେ କହିଛନ୍ତି।

## କର୍ଣ୍ଣାଟକରେ ମହିଳାଙ୍କ କଟାମୁଣ୍ଡ

ବେଙ୍ଗାଲୁରୁ, ୯।୮ (ଏଜେନ୍ସି): କର୍ଣ୍ଣାଟକର ଟୁମକୁର ଜିଲ୍ଲାରେ ଜଣେ ୪୨ ବର୍ଷୀୟ ମହିଳାଙ୍କ ଶରୀରର ୧୦ଟି ଅଲଗା ଅଲଗା ଅଂଶ ଭିନ୍ନ ଭିନ୍ନ ସ୍ଥାନରୁ ମିଳିଛି। ଶୁକ୍ରବାର ସିଦ୍ଧାରବେତ୍ତାରେ ତାଙ୍କ କଟା ମୁଣ୍ଡ ମିଳିଥିଲା। ଶନିବାର ଗୋଟିଏ କୁକୁର ମହିଳାଙ୍କ କଟା ହାତ ଟାଣୁଥିବାର ଦେଖି ଲିଙ୍ଗପୂରା ଗ୍ରାମର ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଏହାର ଆଖପାଖ ଅଞ୍ଚଳରେ ଆଉ ଏକ ହାତକୁ ଖୋଜି ପାଇଥିଲା। ଏହାପରେ ପୁଲିସ ସର୍ଚ୍ଚ ଅପରେସନ ଆରମ୍ଭ କରି ଶରୀର ଅନ୍ୟ ଅଂଶ ଖୋଜି ପାଇଥିଲା। ଏହି ମହିଳା ଜଣକ ଗତ ୪ ତାରିଖରୁ ନିଖୋଜ ଥିଲେ। ହାତର ଟାଟୁ ଓ ମୁହଁର ଆକୃତିକୁ ନେଇ ପୁଲିସ ତଦନ୍ତ କରିଥିଲା ଓ ଏହା ଲକ୍ଷ୍ମୀଦେବମ୍ମାଙ୍କ ମୃତଦେହ ବୋଲି ଜାଣିବାକୁ ପାଇଥିଲା। ଟୁମକୁରୁ ତାଲୁକସ୍ଥିତ ବେଲ୍ଲାଭି ଗାଁ ମହିଳା ଜଣକ ରହୁଥିଲେ। ମହିଳାଙ୍କ ସ୍ୱାମୀ ବାସଭାରାଜୁ ପତ୍ନୀ ନିଖୋଜ ହେବା ନେଇ ପୁଲିସରେ ଅଭିଯୋଗ କରିଥିଲେ। ସେ ତାଙ୍କ ଝିଅଙ୍କୁ ଭେଟିବାକୁ ଯିବା ପରେ ଫେରି ନଥିଲେ।

**ଆରଜି କର ହସ୍ପିଟାଲ ଦୁଷ୍କର୍ମ ମାମଲାକୁ ବର୍ଷେ**

# ପୁଲିସ-ବିକ୍ଷୋଭକାରୀ ମୁହାଁମୁହିଁ

କୋଲକାତା, ୯।୮ (ଏଜେନ୍ସି): କୋଲକାତାର ଆରଜି କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାକୁ ଏକ ବର୍ଷ ପୂରଣ ହୋଇଛି। ଏଥିପାଇଁ ପୀଡିତାଙ୍କ ପରିବାର ଶନିବାର ପଶ୍ଚିମବଙ୍ଗ ସଚିବାଳୟ (ନବନ୍ନା) ଚଲୋ ଅଭିଯାନର ଆହ୍ୱାନ ଦେଇଥିଲେ। ଏଥିପାଇଁ ଏହି ରାଲିରେ ପୀଡିତାଙ୍କ ପରିବାର ସଦସ୍ୟଙ୍କ ସହିତ ବିଜେପିର କେତେଜଣ ବରିଷ୍ଠ ନେତା ଯୋଗ ଦେଇଥିଲେ। କିନ୍ତୁ ଏମାନଙ୍କ ଉପରେ ଶନିବାର କୋଲକାତା ପୁଲିସ ଲାଠି ଚାର୍ଜ କରିଥିଲା। ପୁଲିସର ଲାଠିମାଡରେ ପୀଡିତାଙ୍କ ମାତାପିତା ଆହତ ହୋଇଛନ୍ତି। ଏହି ଘଟଣାକୁ ଗୋଟିଏ ବର୍ଷ ପୁରଣ ହୋଇଥିବାରୁ ବିଜେପି ବିଧାୟକ ତଥା ବିଧାନସଭା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମାର୍ଚ୍ଚରେ ସାମିଲ ହୋଇଥିଲେ। ପୁଲିସର ଏହି ବର୍ବରତାକୁ ବିରୋଧ କରି ଶୁଭେନ୍ଦୁ କୋଲକାତା ପାର୍କ ଷ୍ଟ୍ରିଟ୍‌ରେ ଧାରଣାରେ ବସିଥିଲେ।

ମୃତ ମହିଳା ଡାକ୍ତରଙ୍କ ମାତାପିତା ଏହି ମାର୍ଚ୍ଚର ଆହ୍ୱାନ ଦେଇଥିଲେ। କିନ୍ତୁ ନବନ୍ନା ପରିସରରେ ପ୍ରଥମରୁ ଧାରା ୧୬୩ ଲାଗୁ କରାଯାଇଥିଲା। ଫଳରେ ସେଠାରେ କୌଣସି ପ୍ରକାର ଆନ୍ଦୋଳନକୁ ବାରଣ କରାଯାଇଥିଲା। କୋଲକାତା ପୁଲିସ ପ୍ରଥମରୁ ଚେତାବନୀ ଜାରି କରିଥିଲା। ଏହା ସତ୍ତ୍ୱେ ବ୍ୟାରିକେଡ ଭାଙ୍ଗି ଆନ୍ଦୋଳନକାରୀ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏହି ମାର୍ଚ୍ଚ ଆଗକୁ ଯାଉଥିବା ବେଳେ କୋଲକାତାର ପାର୍କ ଷ୍ଟ୍ରିଟ୍‌ରୁ ଡୋରିନା କ୍ରସିଂ ଏବଂ ହାଓଡା ମେଇଦାନରୁ ସନ୍ତରାଗାଛି ପର୍ଯ୍ୟନ୍ତ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ବ୍ୟାରିକେଡ ଭାଙ୍ଗି ଆଗକୁ ବଢ଼ିବା ବେଳେ ପୁଲିସ ଲାଠି ଚାର୍ଜ କରିଥିଲା। ଶୁଭେନ୍ଦୁଙ୍କୁ ରୋକିବା ଫଳରେ ପାର୍କ ଷ୍ଟ୍ରିଟ୍‌ରେ ହଙ୍ଗାମା ହୋଇଥିଲା। ଫଳରେ ସେ ଧାରଣାରେ ବସିଥିଲେ। ପୁଲିସ ଲାଠିମାଡରେ ମୁଣ୍ଡରେ ଆଘାତ ଲାଗିଛି ଓ ହାତର ଶଙ୍ଖା ଭାଙ୍ଗିଯାଇଛି ବୋଲି ମୃତକଙ୍କ ମା ଅଭିଯୋଗ କରିଛନ୍ତି।

**ପୁଲିସର ଲାଠିମାଡ଼: ପୀଡିତାଙ୍କ ମାତାପିତା ମଧ୍ୟ ଆହତ**



## ନିର୍ବାଚନ ପୂର୍ବରୁ ୧୬୦ ସିଟ୍ ଅଫର ମିଳିଥିଲା: ପାୱାର

ନାଗପୁର, ୯।୮ (ଏଜେନ୍ସି): ଏନ୍‌ସିପି (ଏସ୍‌ପି) ସୁପ୍ରିମୋ ଶରଦ ପାୱାର ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନେଇ ଏକ ବଡ଼ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ଦୁଇଜଣ ବ୍ୟକ୍ତି ତାଙ୍କ ପାଖକୁ ଆସିଥିଲେ ଓ ମହା ବିକାଶ ଅଘାଡି (ଏମ୍‌ଭିଏ) ୨୮୮ରୁ ୧୬୦ ସିଟ୍ ଜିତିବା ନେଇ ଗ୍ୟାରେଣ୍ଟି ଦେଇଥିଲେ। ସେ ଏହି ଦୁଇ ଲୋକଙ୍କୁ ରାହୁଲ ଗାନ୍ଧୀଙ୍କ ପାଖକୁ ପଠାଇଥିଲେ। ସେମାନେ ରାହୁଲଙ୍କୁ ମଧ୍ୟ ଏହି ପ୍ରସ୍ତାବ ଦେଇଥିଲେ। ତେବେ ଆମେ ଏହି ପ୍ରସ୍ତାବକୁ ଗ୍ରହଣ କରି ନଥିଲୁ। ଆମେ ଲୋକଙ୍କ ପାଖକୁ ଯାଇ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଥିଲୁ। ପାୱାର କିନ୍ତୁ ଏହି ଦୁଇ ଲୋକଙ୍କ ପରିଚୟ ପ୍ରକାଶ କରି ନାହାନ୍ତି। ତେବେ ସେ କହିଛନ୍ତି ଯେ ଏଥିରୁ ଜଣାପଡୁଛି ଯେ ନିର୍ବାଚନରେ ଜାଲିଆତି ହୋଇଛି। ପାୱାର କହିଲେ ଯେ ରାହୁଲ ଗାନ୍ଧୀ ଯେଉଁ ପ୍ରଶ୍ନ ଉଠାଉଛନ୍ତି, ନିର୍ବାଚନ କମିସନ ତାର ଜବାବ ଦିଅନ୍ତୁ। କମିସନ ବଦଳରେ ବିଜେପି କାହିଁକି ପ୍ରତିକ୍ରିୟା ଦେଉଛି ବୋଲି ପାୱାର ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ କହିଛନ୍ତି ଯେ ପାୱାର ପୂର୍ବରୁ ଏହା କହିନଥିଲେ। ବୋଧେ ସେ ରାହୁଲ ଗାନ୍ଧୀଙ୍କ ପ୍ରଭାବରୁ ଏପରି କହୁଛନ୍ତି। ନିର୍ବାଚନର ଏତେ ଦିନ ପରେ ପାୱାରଙ୍କୁ ଏହି କଥା କିଭଳି ମନେ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାହୁଲ ପ୍ରତିଦିନ ମନଗଢ଼ା କାହାଣୀ କହୁଛନ୍ତି। ରାହୁଲଙ୍କ ଭଳି ପାୱାର ମଧ୍ୟ ଏଭଳି କହିବା ଆରମ୍ଭ କଲେଣି। ଏହାପୂର୍ବରୁ ରାହୁଲ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଟର ତାଲିକାରେ ଜାଲିଆତି ହେବା ଓ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ହରିୟାଣା ବିଧାନସଭା ନିର୍ବାଚନରେ ଭୋଟଚୋରି ହେବା ନେଇ ଅଭିଯୋଗ କରିଥିଲେ।



## ଝାଡ଼ଖଣ୍ଡରେ ଦୁଇ ମାଲ୍‌ଗାଡି ଧକ୍କା, ରେଳ ଚଳାଚଳ ବାଧାପ୍ରାପ୍ତ

ରାଞ୍ଚି, ୯।୮ (ଏଜେନ୍ସି): ଝାଡଖଣ୍ଡର ଜାମସେଦପୁର ନିକଟସ୍ଥ ଚାନ୍ଦିଲ୍‌ରେ ଶନିବାର ସକାଳ ୪.୧୫ରେ ଦୁଇଟି ମାଲଗାଡି ପରସ୍ପରକୁ ଧକ୍କା ଦେଇଥିଲେ। ଗାଡିର ଏକାଧିକ ଡବା ରେଳ ଲାଇନ ବାହାରକୁ ଚାଲିଯାଇଥିଲା। ଫଳରେ ଏହି ରୁଟ୍‌ରେ ସବୁ ରେଳ ଚଳାଚଳକୁ ବନ୍ଦ କରିଦିଆଯାଇଛି। ଦୁର୍ଘଟଣା ପରେ ରେଳ ଲାଇନ ଉପରେ ଆବର୍ଜନା ବିଛାଡି ହୋଇ ପଡ଼ିଥିଲା। ମିଳିଥିବା ସୂଚନା ମୁତାବିକ ଗୋଟିଏ ମାଲଗାଡି ଟାଟାନଗରରୁ ବୋକାରୋ ଯାଉଥିଲା। ଅନ୍ୟ ଗାଡିଟି ବୋକାରୋରୁ ଟାଟାନଗର ଆସିଥିଲା। ସିଗ୍‌ନାଲ ସିଷ୍ଟମ୍‌ରେ ବୈଷୟିକ ତ୍ରୁଟି କାରଣରୁ ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଏକ ମାଲଗାଡି ଟାଟା ନଗରରୁ ପୁରୁଲିଆକୁ ଯାଉଥିଲା। ଚାନ୍ଦିଲ ଷ୍ଟେସନ ପାର କରିବା ପରେ ଏହି ଗାଡି ଲାଇନଚ୍ୟୁତ ହୋଇଥିଲା ଓ ଏହି ଗାଡିର ଏକାଧିକ ବଗି ସାମ୍ନା ପଟୁ ଆସିଥିବା ଟ୍ରାକ୍ ଉପରେ ପଡ଼ିଥିଲା। ସାମ୍ନା ପଟୁ ଆସୁଥିବା ଗାଡି ଏହି ବଗିଗୁଡିକୁ ଧକ୍କା ଦେଇଥିଲା। ଫଳରେ ଦ୍ୱିତୀୟ ମାଲଗାଡିର ବଗିଗୁଡିକ ମଧ୍ୟ ଲାଇନଚ୍ୟୁତ ହୋଇଥିଲା। ଏହି ଦୁର୍ଘଟଣା ପିତକୀ ଗେଟ୍ ଓ ଚାଣ୍ଡିଲ ଷ୍ଟେସନ ମଧ୍ୟରେ ହୋଇଛି।

## ୧୫ରେ ଆଲାସ୍କାରେ ପୁଟିନଙ୍କୁ ଭେଟିବେ ଟ୍ରମ୍ପ

ୱାସିଂଟନ, ୯।୮ (ଏଜେନ୍ସି): ଆଲାସ୍କାରେ ଅଗଷ୍ଟ ୧୫ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଶିଖର ବୈଠକ ହେବ। ଟ୍ରମ୍ପ ଶୁକ୍ରବାର ରାତିରେ ଏ ନେଇ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଏହି ବୈଠକ ସହିତ ଜଡିତ ବିଭିନ୍ନ ସୂଚନା ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ରୋକିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ଅନ୍ୟପଟେ ରୁଷିଆ ଆମ ଅଞ୍ଚଳ ଉପରେ କବ୍‌ଜା କରିଛି ଓ ଏହାକୁ ଆମେ କେବେବି ଦେବୁନାହୁଁ ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି। ଶାନ୍ତି ପାଇଁ ଯୁଦ୍ଧ ରୋକିବାକୁ ଆମେ ପ୍ରସ୍ତୁତ ବୋଲି ଜେଲେନସ୍କି କହିଛନ୍ତି।

# 'ଫ୍ୟାଟ୍‌ମ୍ୟାନ୍' ପ୍ରଳୟକୁ ପୂରିଲା ୮୦: ପ୍ରିୟଜନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ 'ହିବାକୁଶା'

ଟୋକିଓ, ୯।୮ (ଏଜେନ୍ସି): ଜାପାନର ନାଗାସାକିରେ ୧୯୪୫ରେ ହୋଇଥିବା ପରମାଣୁ ବୋମା ଆକ୍ରମଣକୁ ଶନିବାର ୮୦ ବର୍ଷ ପୂରିଛି। ଆମେରିକା ଅଗଷ୍ଟ ୯ରେ ସକାଳ ୧୧ଟାରେ ହିଁ ଜାପାନର ଏହି ସହରରେ ପରମାଣୁ ବୋମା ମାଡ କରିଥିଲା ଓ ଏହାପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ବିଶ୍ୱରେ ଶେଷଥର ପାଇଁ ନାଗାସାକିରେ ପରମାଣୁ ବୋମା ପଡ଼ିଥିଲା। ଏହି ବୋମାର ନାମ ଥିଲା 'ଫ୍ୟାଟମ୍ୟାନ'। ଏହି ଆକ୍ରମଣରେ ୭୦ ହଜାର ଲୋକ ପ୍ରାଣ ହରାଇଥିଲେ। ଏହାର ୩ ଦିନ ପୂର୍ବରୁ ଅର୍ଥାତ ଅଗଷ୍ଟ ୬ରେ ହିରୋସିମାରେ ଆମେରିକା ପ୍ରଥମ ପରମାଣୁ ବୋମା ମାଡ କରିଥିଲା ଓ ଏହାର ନାମ 'ଲିଟିଲ ବଏ' ଥିଲା। ଏହି ଆକ୍ରମଣରେ ୧ ଲକ୍ଷ ୪୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏହି ଦୁଇଟି ପରମାଣୁ ବୋମା ମାଡ଼ ପରେ ଜାପାନ ୧୯୪୫ ଅଗଷ୍ଟ ୧୫ରେ ଆତ୍ମ ସମର୍ପଣ କରିଥିଲା ଓ ଏଥିସହ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ଏହି ଦୁଇଟି ପରମାଣୁ ବୋମା ବିଭୀଷିକାରୁ ବର୍ତ୍ତିଯାଇଥିବା ୯୯ ହଜାର ୧୩୦ ଜଣ ଲୋକ ଏବେ ଜୀବିତ ଅଛନ୍ତି। ଏହି ଲୋକମାନଙ୍କୁ ହିବାକୁଶା କୁହାଯାଉଛି। ଏମାନଙ୍କ ହାରିହାରି ବୟସ ହେଉଛି ୮୬ ବର୍ଷ। ପରମାଣୁ ବୋମା ଆକ୍ରମଣରେ ମୃତାହତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଯୋଗ ଦେବାକୁ ନାକାସାକି ପ୍ରଶାସନ ସବୁଦେଶକୁ ନିମନ୍ତ୍ରଣ କରିଥିଲା। କିନ୍ତୁ ଚୀନ୍ ଏହି ନିମନ୍ତ୍ରଣକୁ ଗ୍ରହଣ କରିନାହିଁ। ନାଗାସାକିର ପିସ୍ ପାର୍କରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ୯୫ଟି ଦେଶର ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ଓ ନାଗାସାକି ମେୟର ଶିରୋ ସୁଜୁକି ଯୋଗ ଦେଇଥିଲେ।



୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାକୁ ଯାଉଥିବା ବେଳେ ଆମେରିକା ଓ ଜାପାନ ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଥିଲା। ଜାପାନ ଇଷ୍ଟ- ଇଣ୍ଡିଜ କ୍ଷେତ୍ରକୁ ଅକ୍ତିଆର କରିବାକୁ ନିଜ ସେନାକୁ ଆଗକୁ ବଢ଼ାଇଥିଲା। ଜାପାନକୁ ଆତ୍ମସମର୍ପଣ କରାଇବା ପାଇଁ ଆମେରିକାର ରାଷ୍ଟ୍ରପତି ହ୍ୟାରୀ ଟ୍ରୁମ୍ୟାନ ଏହି ପରମାଣୁ ବୋମା ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାପାନ ଆତ୍ମସମର୍ପଣ କରୁ କିମ୍ବା ସମ୍ପୂର୍ଣ୍ଣ ଭାବେ ବିନାଶ ହେବାକୁ ପ୍ରସ୍ତୁତ ରହୁ ବୋଲି ଟ୍ରୁମ୍ୟାନ ସେତେବେଳେ ଚେତାବନୀ ଦେଇଥିଲେ।

# 'ସୁଭଦ୍ରା'ର ତୃତୀୟ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ




ଜୟପୁର, ୯ ।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଜୟପୁରଠାରେ 'ସୁଭଦ୍ରା' ଯୋଜନାର ତୃତୀୟ କିସ୍ତି ତଥା ନୂତନ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ବାଙ୍କବିଜସ୍ଥିତ ରେଳଷ୍ଟେସନ୍ ନିକଟସ୍ଥ ପଡ଼ିଆରେ ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ

- ■ ଜୟପୁର-ଭୁବନେଶ୍ୱର ମଧ୍ୟରେ ଖୁବ୍‌ଶୀଘ୍ର 'ବନ୍ଦେ ଭାରତ'
- ■ ୭୬୨ କୋଟି ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅର୍ଥ ସିଧାସଳଖ ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ 'ସୁଭଦ୍ରା' ସହାୟତା ପ୍ରଦାନ କରାଯାଇଛି। ଏହାଦ୍ୱାରା ମହିଳାମାନଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି ହେବ। ପରିବାରର ଆର୍ଥିକ ଶକ୍ତି ବୃଦ୍ଧିରେ ମଧ୍ୟ ଏହା ସହାୟକ ହେବ।

ଆଜି ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ପୂଜାର୍ଚ୍ଚନା ଏବଂ ଗୋ-ପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ବିଦ୍ୟାଳୟର ଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ପରେ ଶ୍ରୀରାମନଗର ପାର୍କଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ନୂତନ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହାପରେ ବାଙ୍କବିଜସ୍ଥିତ ରେଳ ଷ୍ଟେସନ୍ ନିକଟ ପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେବା ସହ ସୁଭଦ୍ରା ସହାୟତା ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାର ବିବାଦୀୟ କୋଟିଆ ପଞ୍ଚାୟତରେ ବସବାସ କରୁଥିବା ୧୭୯୭ ମହିଳା ପ୍ରଥମ କିସ୍ତି ଓ ୧୭୯୫ଜଣ ଦ୍ୱିତୀୟ କିସ୍ତି ଅର୍ଥ ପାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାରେ ୭୬୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଲ, ସଡ଼କ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି। ସେହିପରି, ଜିଲ୍ଲାରେ ୪୫୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୪୩୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜୟପୁର-ଭୁବନେଶ୍ୱର ମଧ୍ୟରେ ଖୁବ୍‌ଶୀଘ୍ର 'ବନ୍ଦେ ଭାରତ' ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯିବ ଏବଂ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ସ୍ଥାନୀୟ ସେବା ପେପର୍ ମିଲ ପୁନର୍ବାର ଚାଲୁ ଏବଂ ଜୟପୁରଠାରେ ଏକ ନୂତନ ମହାବିଦ୍ୟାଳୟ ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଥିଲେ, 'ସୁଭଦ୍ରା' ସହାୟତା ବ୍ୟବହାର କରି ଆଜି ରାଜ୍ୟର ଲକ୍ଷ ଲକ୍ଷ ମା'-ଭଉଣୀମାନେ ଛୋଟବଡ଼ ବ୍ୟବସାୟ ଆରମ୍ଭ କରି ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇ ପାରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, 'ସୁଭଦ୍ରା' ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ ବିଭୂତି ଭୂଷଣ ନାୟକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ରଘୁରାମ ମାଛ, ବିଧାୟକ ରୂପୁ ଭତ୍ରା, ବିଧାୟକ ନରସିଂହ ମାଡକାମି, ବିଧାୟକ ଗୌରୀଶଙ୍କର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରେ ବି ଭୋଟ୍ ଚୋରି

## ନିର୍ବାଚନ କମିଶନଙ୍କ ଉପରେ ବର୍ଷିଲେ ଭକ୍ତ

ଭୁବନେଶ୍ୱର, ୯।୮ (ସମିସ): କର୍ଣ୍ଣାଟକରେ ଭୋଟ ଚୋରି ନେଇ ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁତର ଅଭିଯୋଗ ଆଣିବା ପରେ ଏହାକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହୋଇଛି। ଗତ ସାଧାରଣ ନିର୍ବାଚନରେ ଓଡ଼ିଶାରେ ମଧ୍ୟ ଭୋଟ ଚୋରି ହୋଇଥିବା ନେଇ ଅଭିଯୋଗ କରିଛନ୍ତି କଂଗ୍ରେସ ଓ ବିଜେଡି। ପୂର୍ବରୁ ବିଜେଡି ଏନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ବିଧିବଦ୍ଧ ଅଭିଯୋଗ କରିଥିବା ବେଳେ ଶନିବାର ପିସିସି ସଭାପତି ଭକ୍ତଚରଣ ଦାସ କେନ୍ଦ୍ର ସରକାର ଏବଂ ନିର୍ବାଚନ ଆୟୋଗଙ୍କୁ ଏନେଇ ନିଶାଣ କରିଛନ୍ତି। ରାଜ୍ୟରେ ୨୧ ଲୋକସଭା ଆସନରେ ୪୨ ଲକ୍ଷ ଅଧିକ ଭୋଟ ପଡ଼ିଛି।

- ▶▶ ରାଜ୍ୟରେ ପଡ଼ିଛି ଅଧିକ ୪୨ ଲକ୍ଷ ଭୋଟ
- ▶▶ ଭୋଟଚୋରି ପାଇଁ ବିଜେପିରୁ ୨୦ ସାଂସଦ
- ▶▶ ବିଜେଡି ଦୋହରାଇଲା ସମାନ ଅଭିଯୋଗ; ୧୯ରେ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହେବ

ଅପରପକ୍ଷେ ୫୧ ବିଧାନସଭା ଆସନରେ ବିଜେଡି ଜିତିଥିବା ବେଳେ ଗୋଟେ ହେଲେ ବି ଲୋକସଭା ଆସନ ଜିଣିପାରିଲା ନାହିଁ। ସେହିପରି କଳାହାଣ୍ଡି ଓ କେନ୍ଦ୍ରାପଡ଼ା ଲୋକସଭା ଆସନରେ ମାତ୍ର ଗୋଟିଏ ଲେଖାଁଏ ବିଧାନସଭା ଆସନ ଜିତି ବିଜେପି ଲୋକସଭା ଆସନ କିଭଳି ଜିତିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ଶନିବାର କଂଗ୍ରେସ ଭବନରେ ଶ୍ରୀ ଦାସ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି ଯେ ନିର୍ବାଚନ କମିଶନ ଓ ଶାସକ ଦଳ ହାତ ମିଶାଇ ଭୋଟ ଚୋରି କରିଛନ୍ତି। ସେଥିପାଇଁ ରାହୁଲ ଗାନ୍ଧୀ ବାରମ୍ବାର ମାଗିବା ସତ୍ତ୍ୱେ ନିର୍ବାଚନ କମିଶନ ଭୋଟରଙ୍କ ତଥ୍ୟ କିମ୍ବା ମତଦାନ ବେଳର ତଥ୍ୟ ଦେଲେନାହିଁ। ଗତ ନିର୍ବାଚନ ନିରପେକ୍ଷ ଭାବେ ହୋଇଥିଲେ ରାଜ୍ୟରେ କଂଗ୍ରେସ ୩୫-୪୦ ବିଧାନସଭା ଆସନ ହାସଲ କରିପାରିଥାନ୍ତା। ମହାରାଷ୍ଟ୍ର ଓ ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ଭୋଟ ଚୋରି ହେବାରୁ ବିଜେପିର ୨୦ ସାଂସଦ ଜିତିବାରେ ସକ୍ଷମ ହେଲେ। ଆସନ୍ତା ସୋମବାରରୁ ଏ ନେଇ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। କଂଗ୍ରେସର ଭୋଟଚୋରି ପ୍ରସଙ୍ଗକୁ ବିଜେଡି ମଧ୍ୟ ବଳ ଯୋଗାଇଛି। ଅନୁରୂପ ଅଭିଯୋଗ ଆଣି ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଦଳର ବରିଷ୍ଠ ନେତା ଅମର ପଟ୍ଟନାୟକ ରାଜ୍ୟରେ ଭୋଟ ଜାଲିଆତି ନେଇ ପୂର୍ବରୁ କହିଥିଲେ। ଫର୍ମ -୧୭ ସି ଏଯାଏଁ ବିଜେଡିକୁ ଦିଆଗଲା ନାହିଁ। ଆସନ୍ତା ୧୯ ତାରିଖରେ ପୁଣି ବିଜେଡି ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟକୁ ଯିବ ବୋଲି ସେ ସୂଚନା ଦେଇଛନ୍ତି।

**ଅସହ୍ୟ ହେଲା ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିର୍ଯାତନା**

# ୩ ମହଲା କୋଠାରୁ ଡେଇଁ ପଡ଼ିଲେ ଛାତ୍ରୀ

ବେତନଟୀ, ୯ ।୮ (ସମିସ): ପ୍ରଧାନଶିକ୍ଷୟିତ୍ରୀଙ୍କ ନିର୍ଯାତନା ଅସହ୍ୟ ହେବାରୁ ୩ ମହଲା ହଷ୍ଟେଲ ଛାତରୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଏସ୍. ଏସ୍ ନହଣ୍ଡାଶୋଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ରେ ଏପରି ଏକ ଘଟଣା ଘଟିଛି। ୪ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ ଛାତ୍ରୀଙ୍କ ବାପା ଆଜି ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଗୁରୁତର ଛାତ୍ରୀଜଣଙ୍କ ହେଲେ, ବେତନଟୀ ବ୍ଲକ୍ ଅଧୀନ କଳମା ପଞ୍ଚାୟତ ଗୋବିନ୍ଦରାୟପୁର ଗ୍ରାମର ସାଇନା ଖାତୁନ। ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାଲେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ମେରୁଦଣ୍ଡ ହାଡ଼ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଅପରପକ୍ଷେ, ଛାତ୍ରୀଙ୍କ ବାପା ସେକ ମେଜବୁଲଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ



କରିଛି। ସେହିପରି ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା କରଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।

ସୂଚନାନୁଯାୟୀ, ସାଇନା ଅଷ୍ଟମ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ପାଇବା ପାଇଁ ଯୋଗ୍ୟଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ତାଙ୍କୁ କମ ନମ୍ବର ଦେଇଥିଲେ। ଏହାର ସେ ପ୍ରତିବାଦ କରିଥିଲେ। ଏନେଇ ସେ ବାରମ୍ବାର ପ୍ରଶ୍ନ କରିବାରୁ ଗତ ମାର୍ଚ୍ଚରୁ ଜୁଲାଇ ମଧ୍ୟରେ

- ■ ଭାଙ୍ଗିଛି ମେରୁଦଣ୍ଡ ହାଡ଼; ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ
- ■ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ବିଭିନ୍ନ ସମୟରେ ପ୍ରଧାନଶିକ୍ଷୟିତ୍ରୀ ରାଗ ରଖି ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏପରିକି, ବିନା କାରଣରେ ଗାଳିଗୁଲଜ କରି ପ୍ରବଳ ମାଡ଼ ମାରୁଥିଲେ। ଏ ସଂପର୍କରେ ଛାତ୍ରୀଙ୍କ ବାପା ଜାଣିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ବହୁବାର ଅଭିଯୋଗ କରିଛନ୍ତି।

ଗତ ରବିବାର ସାଇନା ସଜ ହେଉଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ କଟୁ ମନ୍ତବ୍ୟ ଦେଇ ଅପମାନିତ କରିଥିଲେ। ଏହା ସହି ନପାରି ସାଇନା ଏକ ସୁଇସାଇଡ ନୋଟ୍ ଲେଖି ୩ ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁବାର ଥାନାରେ ଅଭିଯୋଗ ପରେ ଶୁକ୍ରବାର ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର ଓ ଆଇଆଇସି ସସ୍ମିତା ମହାନ୍ତ, ବିଡିଓ ସୁଶାନ୍ତ ସୂତାର ଛାତ୍ରୀନିବାସ ଓ ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଛନ୍ତି। ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ କର ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଙ୍କ ବୟାନ ନେବା ପରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କରଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି।



ପବିତ୍ର ରକ୍ଷା ବନ୍ଧନ ଅବସରରେ ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାକ୍ଷୀ ବାନ୍ଧୁଛନ୍ତି

**ଆଇଜର୍‌ର ସମାବର୍ତ୍ତନ ଉତ୍ସବ**

# ଶିକ୍ଷାକୁ ପରିବେଶ ଓ ସମାଜ ପରିବର୍ତ୍ତନରେ ବିନିଯୋଗ କର: ରାଜ୍ୟପାଳ




ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୯ ।୮ (ସମିସ): ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ ବ୍ରହ୍ମପୁର (ଆଇଜର)ର ୫ମ ସମାବର୍ତ୍ତନ ଉତ୍ସବ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ ଶିକ୍ଷାକୁ କେବଳ ଡିଗ୍ରୀରେ ସୀମିତ ନ ରଖି ସମାଜ ପରିବର୍ତ୍ତନରେ ଲଗାଇବା ସହ ପରିବେଶ ଓ ସମାଜ କଲ୍ୟାଣରେ ବିନିଯୋଗ କରିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଜାତୀୟ ଶିକ୍ଷାନୀତିକୁ ପ୍ରଶଂସା କରିଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୧୬ରେ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ଜ୍ଞାନମନ୍ଦିର ଭାବେ ପରିଗଣିତ ହୋଇଛି। ଏହା ଦେଶ ପାଇଁ ଗୌରବର ବିଷୟ। ଆଗାମୀ ଦିନରେ ଏଠାକାର ଅନୁସନ୍ଧାନ ବିକଶିତ ଭାରତର କାମରେ ଆସିବ। ଏହି ଅନୁଷ୍ଠାନ ରାଷ୍ଟ୍ରୀୟ ଆବଶ୍ୟକତା ପୂରଣ କରିବ। ନବଅନୁସନ୍ଧାନରେ ଏଠାକାର ପିଲାମାନେ ମଞ୍ଜି ପୋତିବେ। ଏଣୁ ଚାକିରି ପଛରେ ନ ପଡ଼ି ରୋଜଗାର ତିଆରି କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ସେ ଆହ୍ୱାନ ଦେଇଥିଲେ।

ଅନ୍ୟତମ ଅତିଥିଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ପ୍ରତାପ ନାୟକ, ଆଇଜର ଗଭର୍ଣ୍ଣିଙ୍ଗ ବଡ଼ି ଚେୟାରପର୍ସନ ଅରବିନ୍ଦ ଅନନ୍ତ ନାଟୁ, ଡିନ୍ ପ୍ରଫେସର୍ ପ୍ରସନଜିତ ମଣ୍ଡଳ, ରେଜିଷ୍ଟ୍ରାର୍ ପ୍ରଦୀପ କୁମାର ରାୟଙ୍କ ସମେତ ବୋଡର୍‌ର ଅନ୍ୟ ସଦସ୍ୟମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଏସ-ଏମଏସ ବର୍ଗରେ ୧୩୬ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ଏମଏଏସ୍ ଡିଗ୍ରୀ ଓ ୨୨ଜଣଙ୍କୁ ପିଏଚ୍‌ଡି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଇଜର ପରିସରରେ ଚାରାରୋପଣ କରାଯାଇଥିବା ବେଳେ ୭୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୁବର୍ଣ୍ଣରେଖାରେ ଭାସିଗଲେ ୨ ଭଉଣୀ

## ଶୈବପୀଠରେ ଜଳଲାଗି ପାଇଁ ପାଣି ଉଠାଉଥିଲେ

ଜଳେଶ୍ୱର, ୯।୮ (ସମିସ): ମହାଦେବଙ୍କୁ ଜଳଲାଗି ପାଇଁ ପାଣି ଉଠାଇବାକୁ ଆସିଥିବା ଦୁଇ ଭଉଣୀ ସୁବର୍ଣ୍ଣରେଖା ନଦୀରେ ଭାସି ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଜଳେଶ୍ୱର ବ୍ଲକ ଶିଖରପୁର ଗାଁର କାହ୍ନୁ ଦାସଙ୍କ ଦୁଇ ଝିଅ ନନ୍ଦିତା (୧୪) ଓ ନନ୍ଦିନୀ (୧୨)। ସାଙ୍ଗମାନଙ୍କ ସହ ଦୁହେଁ ପାଣି ଉଠାଇବାକୁ ଶିଖରପୁର ପୋଲ ନିକଟ ଘାଟକୁ ଯାଇଥିଲେ। ନଦୀର ପ୍ରଖର ସ୍ରୋତରେ ନିୟନ୍ତ୍ରଣ ହରାଇ ୪ଜଣ ଭାସି ଯାଇଥିଲେ। ପାଖରେ ଥିବା କାଉଡ଼ିଆମାନେ ଜ୍ୟୋତିପ୍ରକାଶ ଦାସ, ଚାନ୍ଦିନୀ ଦାସକୁ ଉଦ୍ଧାର କରିଥିଲେ। ହେଲେ ନନ୍ଦିତା ଓ ନନ୍ଦିନୀ ଦୂରକୁ ଭାସିଯିବାରୁ ସେମାନଙ୍କୁ ଉଦ୍ଧାର ସମ୍ଭବ ହୋଇପାରିନଥିଲା। ଖବର ପ୍ରଘଟ ହେବା ପରେ ଗ୍ରାମବାସୀ ଓ ପରିବାରଲୋକେ ନଦୀକୂଳରେ ଖୋଜାଖୋଜି କରିଥିଲେ। ଖବର ପାଇ ଜଳେଶ୍ୱର ଓ ବାଲିଆପାଳରୁ ୨ଟି ଓଡ୍ରାଫ୍ ଟିମ୍, ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କୁ ଉଦ୍ଧାର କରାଯାଇପାରିନାହିଁ। ପରିସ୍ଥିତି ସଂପର୍କରେ ଏସ୍‌ଡିପିଓ ସୁବ୍ରତ ବେହେରାଙ୍କ ସହ ଜଳେଶ୍ୱର ପୁଲିସ ନଜର ରଖିଥିବା ଜଣାଯାଇଛି।

**ଡକାୟତି ଯୋଜନା ପଣ୍ଡ**

# ପୁଲିସ୍ ପଞ୍ଝାରେ ଡକାୟତ ଗ୍ୟାଙ୍ଗ

ଅନୁଗୋଳ, ୯ ।୮ (ସମିସ): ଅନୁଗୋଳ ପୁଲିସ୍ ଏକ ବଡ଼ଧରଣର ଡକାୟତି ଯୋଜନା ପଣ୍ଡ କରିବା ସହ ୮ ଡାକୟତଙ୍କୁ ଗିରଫ କରିଛି। ସେମାନେ ହେଲେ, ଅନୁଗୋଳ ସଦର ଥାନା ଅନ୍ତର୍ଗତ ଅଙ୍ଗାରବନ୍ଧ ଗାଁର ପାର୍ଥସାରଥି ପ୍ରଧାନ(୨୫), ବବୁଲୁ ପ୍ରଧାନ (୧୮), ଦିଲୀପ ସାହୁ (୨୨), ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ହୁଲସୁରିଙ୍ଗା ଘାସିସାହିର ସୁଜାଲ ଓରଫ ବୁଦ୍ଧ ମୁଖୀ (୧୯), ଘୁଞ୍ଚାପାଳ ଗାଁର ସୌମ୍ୟ ଓରଫ ସମୟ ନାଏକ (୨୨), ବନ୍ତଲା ଥାନା

- ■ ୮ ଡକାୟତ ଗିରଫ
- ■ ଦୁଇ କାର୍, ୪ ପିସ୍ତଲ ଜବତ

କଲେଇପଦା ଗାଁର ତନ୍ମୟ ନାଏକ ଓରଫ ମଣ୍ଟୁ (୨୧), ମାଣପୁରର ସିଲୁ ଓରଫ ଜଗନ ନାଏକ (୧୯), ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ପୋଡ଼ାପଡ଼ାର ମିଲନ୍ ଓରଫ ରୁଦ୍ରନାରାୟଣ ଭୁତିଆ (୨୫)। ଏନେଇ ଅନୁଗୋଳ ପୁଲିସ୍ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଅପରାହ୍ଣରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ମହାଳିକ ସୂଚନା ଦେଇଛନ୍ତି। ପୁଲିସ ସେମାନଙ୍କ ନିକଟରୁ ଦୁଇଟି କାର୍, ୪ଟି ଦେଶୀ ପିସ୍ତଲ, ୭ଟି ମୋବାଇଲ ଓ ୭ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି।

ଏମାନେ ଜାତୀୟ ରାଜପଥରେ ଡକାୟତି ଉଦ୍ଦେଶ୍ୟରେ ଏକ ଧଳା ରଙ୍ଗର ସ୍କର୍ପିଓ ଓ ଥାର୍‌ରେ ବୁଲୁଥିବା ଖବର ପାଇ




ପୁଲିସ୍‌ର ଏକ ପାଟ୍ରୋଲିଂ ଟିମ୍ ଅନୁଗୋଳ ଟାଉନ୍ ଅଞ୍ଚଳରେ ସେମାନଙ୍କୁ ଖୋଜାଖୋଜି କରି ହେମସୁରପଡ଼ା ଛକରେ ଠାବ କରିଥିଲା। ପୁଲିସକୁ ଦେଖି ଦୁର୍ବୃତ୍ତମାନେ ରାଜ୍ ହୋଟେଲ ଛକ ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପୁଲିସ ସେମାନଙ୍କୁ ପିଛା କରି ଶନିବାର ଭୋର୍ ୪ଟାରେ ହାଟଛକ ନିକଟ ଅନୁଗୋଳର ପୁରୁଣା ଗୋରୁ ହାଟ ଭିତରୁ ଧରିବାରେ ସଫଳ ହୋଇଥିଲା। ଯାଞ୍ଚ ସମୟରେ ଅଭିଯୁକ୍ତମାନେ ଅନେକ ମାମଲାରେ ଜଡ଼ିତ ଏବଂ ସଂଗଠିତ ଭାବେ ଅସାମାଜିକ କାର୍ଯ୍ୟକଳାପ କରୁଥିବା ଜଣାପଡ଼ିଥିଲା। ଏହି ଡକାୟତ ଗ୍ୟାଙ୍ଗକୁ ଧରିବାରେ ଆଇଆଇସି ଧୀରେଶ ଦାସ, ଏସଆଇ ଆଶିଷ କୁମାର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସାହୁ, ଆଦିତ୍ୟ କୁମାର ପଟ୍ଟନାୟକ, ଏଏସଆଇ ଚିତ୍ରସେନ ବିଶୋଇଙ୍କ ସମେତ କର୍ମଚାରୀ ମହେଶ ନାୟକ, ଲିଙ୍ଗରାଜ ବେହେରା, ନୀଳାମ୍ବର ଦଳବେହେରା, ସଂଗ୍ରାମ କେଶରୀ ମହାପାତ୍ର, ସୁଶୀଲ ସୁହୁଲା, ସାଗର ବୋଇତା, ବଳରାମ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

**ବିଶ୍ୱ ଆଦିବାସୀ ଦିବସରେ ବର୍ଷିଲା ବିଜେଡି**

# ଆଦିବାସୀଙ୍କ ସ୍ୱାର୍ଥକୁ ଭୁଲି ସରକାର ଗପ ଶୁଣାଉଛନ୍ତି

ଭୁବନେଶ୍ୱର, ୯।୮ (ସମିସ): ରାଜ୍ୟ ସରକାର ଗତ ୧୩ ମାସର ଶାସନରେ ଆଦିବାସୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ଯେଉଁଥିପାଇଁ ଆଦିବାସୀ ଭାଇଭଉଣୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଥିବା ବେଳେ ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଶନିବାର ଶଙ୍ଖ ଭବନରେ ବିଜେଡି ଆଦିବାସୀ ସେଲର ଆବାହକତ୍ୱରେ ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଆଦିବାସୀଙ୍କ ମନ୍ଥର ବିକାଶକୁ ନେଇ କ୍ଷୋଭ ପ୍ରକାଶ ପାଇଛି।



ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସେଲର ଆବାହକ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ସରକାରଙ୍କ ଆଦିବାସୀ ମାରଣା ନୀତି ବିରୋଧରେ ବର୍ଷିଥିଲେ। ଶ୍ରୀ କିଷାନ କହିଥିଲେ ଯେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ରାଜ୍ୟରେ ଆଦିବାସୀମାନେ ଚରମ ଅବହେଳାର ସମ୍ମୁଖୀନ ହେଉଛନ୍ତି। ମାତ୍ର ସରକାର କେବଳ ଗପ ଶୁଣାଇବାରେ ବ୍ୟସ୍ତ ରହୁଛନ୍ତି। ସରକାର ଆଦିବାସୀଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ନିମନ୍ତେ ଦେଇଥିବା ପ୍ରତିଶ୍ରୁତିକୁ

- ■ ଆଦିବାସୀ ଛାତ୍ରଛାତ୍ରୀଙ୍କ ବର୍ଦ୍ଧିତ ବୃତ୍ତିରାଶି କାଟି ଦିଆଯାଇଛି
- ■ ଆଭିମୁଖ୍ୟରେ ପରିବର୍ତ୍ତନ ନ ହେଲେ ଆନ୍ଦୋଳନ ଚେତାବନୀ
- ■ ହୋ, ମୁଣ୍ଡାରି, ଭୂମିଜ, କୁଇ ଓ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରନ୍ତୁ ଡବଲ ଇଞ୍ଜିନ ସରକାର

ଭୁଲିଯାଇ ଆଦିବାସୀ କଲ୍ୟାଣ ବିଭାଗର ବଜେଟ୍ କାଟ୍, ଆଦିବାସୀ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବନ୍ଦ ଭଳି ଆଦିବାସୀ ବିରୋଧୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସରକାର ଏହି ଆଭିମୁଖ୍ୟରେ ପରିବର୍ତ୍ତନ ନଆଣିଲେ ଆଗାମୀ ଦିନରେ ଭୟଙ୍କର ଆନ୍ଦୋଳନ ହେବ। ଶ୍ରୀ ମାର୍ଣ୍ଡି କହିଥିଲେ ଯେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ସହ ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଉଥିବା ବେଳେ ରାଜ୍ୟ ସରକାର ଏହି ଦିବସକୁ ଭୁଲିଗଲେଣି। ଜଣେ ଆଦିବାସୀ ଭାଇ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ମଧ୍ୟ ଆଜିର ଦିନରେ ଆଦିବାସୀ ସମାଜ ପାଇଁ ଗୋଟିଏ ବାର୍ତ୍ତା ନ ଦେବା ଦୁର୍ଭାଗ୍ୟର ବିଷୟ। ରାଜ୍ୟରେ ପ୍ରତିଦିନ ଆଦିବାସୀ ମହିଳା ଓ ଛାତ୍ରୀମାନେ ଦୁଷ୍କର୍ମର ଶିକାର ହେଉଥିବା ବେଳେ ସରକାରୀ ଛାତ୍ରାବାସରେ ଆଦିବାସୀ ଛାତ୍ରୀମାନେ ଗର୍ଭବତୀ ହେବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଡ. ମାଝୀ କହିଥିଲେ ଯେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷାରେ ୩୮.୫ ପ୍ରତିଶତ ସଂରକ୍ଷଣ ମିଳୁ। ହୋ, ମୁଣ୍ଡାରୀ, ଭୂମିଜ, କୁଇ ଓ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ସହିତ ୧୩୫ ଆଦିବାସୀ ସମ୍ପ୍ରଦାୟକୁ ଆଦିବାସୀ ଜନଜାତିରେ ସାମିଲ କରିବା ପାଇଁ ଡବଲ ଇଞ୍ଜିନ ସରକାର ପଦକ୍ଷେପ ନିଅନ୍ତୁ। ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଭାରତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଆଦିବାସୀ ଦିବସ

# ପାଟଣାଗଡ଼ ଉପଖଣ୍ଡକୁ ମଦମୁକ୍ତ କରିବାକୁ ଆହ୍ୱାନ



**ପାଟଣାଗଡ଼,୯ ।୮ (ସମିସ):**

ସ୍ଥାନୀୟ ଆଦିବାସୀ ଭବନ ବ୍ରହ୍ମପୁରା ଠାରେ ଶନିବାର ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ତରଫରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ଼ ବ୍ଲକ୍ ସଭାପତି ଭୁବନେଶ୍ୱର କୁଅଁରଙ୍କ ସଭାପତିତ୍ୱରେ ପ୍ରଥମେ ଆଦିବାସୀ ଦେବାଦେବୀ ଓ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବିର୍ଷା ମୁଣ୍ଡା, ମାଧୋ ସିଂ ବରିହା, ସୁରେନ୍ଦ୍ର ସାଏ, ଅଇରୀ ସିଂ ବରିହା, ବଇରୀ ସିଂ ବରିହା, ହଟେ ସିଂ ବରିହା, କୁଞ୍ଜଲ ସିଂ ବରିହା, ତିଲକା ମାଝୀ, ରେଣ୍ଡୋ ମାଝୀ, ମାନ୍ଧାତା ସିଂ ମାଝୀ, ଡ଼ ବିଆର ଆମ୍ବେଦକରଙ୍କ ସହ ଅସ୍ତ୍ରଶସ୍ତ୍ର ପୂଜନ କରାଯଇଥିଲା।ପରେ ଅନୁଷ୍ଠିତ ବୈଠକରେ କୁହାଯାଇଥିଲା ଯେ ଜାତି ସଂଘ ପ୍ରଥମେ ୧୯୮୨ ମସିହାରେ ଆଦିବାସୀଙ୍କ ପ୍ରଥା, ପରମ୍ପରା, ଯାନୀ ଯାତ୍ରା, ପୂଜା ପଦ୍ଧତି, କଥା ଭାଷା, ବେଶ ପୋଷାକ,ରହିବା ଶୈଳୀ, ଜୀବନ ଯାପନ, ଖାଦ୍ୟପେୟକୁ ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ସଂଘପକ୍ଷରୁ ୧୯୯୪ ମସିହା ଅଗଷ୍ଟ ୯ ତାରିଖକୁ ଜାତିସଂଘ ବିଶ୍ୱ ଆଦିବାସୀ ଦିବସ ଭାବେ ସାରା ବିଶ୍ୱରେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା।ସେହିଦିନ ଠାରୁ ସାରା ବିଶ୍ୱରେ ବିଶ୍ୱ ଆଦିବାସୀ ଦିବସ କୋଣ ଅନୁକୋଣରେ ପାଳନ କରାଯାଉଛି। ସେହି ପରିପ୍ରେକ୍ଷୀରେ ପାଟଣାଗଡ଼ ଆଦିବାସୀ ଭବନ ଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବରେ ପାଟଣାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ,ବ୍ଲକ୍ ସମ୍ପାଦକ ସାରଥୀ ବାଗ, ରାମଚନ୍ଦ୍ର ଧରୁଆ, ଗୌରାଙ୍ଗ ବରିହା, ଯୋଗେଶ୍ୱର ଭୋଇ, ପରୀକ୍ଷିତ ମାଝୀ, ପରମେଶ୍ୱର ରାଏ,ଗୌତମ ବରିହା, ଥବୀର ରାଏ,ଶ୍ରୀମତୀ ରେବତୀ ମାଝୀ, ଲଳିତ ମିର୍ଦ୍ଧା ପ୍ରମୁଖ ଯୋଗଦେଇ ଆଦିବାସୀ ଦିବସର ଲକ୍ଷ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଆଦିବାସୀଙ୍କ ହକ ଅଧିକାର ପାଇବା ପାଇଁ ସମସ୍ତେ ଗୋଟିଏ ମାର ସନ୍ତାନ ହୋଇ ଲଢ଼େଇ କରିବାକୁ ଆହ୍ୱାନ ଦେବା ସହିତ ସମାଜକୁ ବିକଶିତ ଓ ଦେଶର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ହେଲେ ନିଶାକୁ ନିବାରଣ କରାଯାଇ ଶିକ୍ଷାକୁ ଅଗ୍ରାଧିକାର ଦେବାକୁ କହିଥିଲେ। ପର୍ଯ୍ୟାୟକ୍ରମେ ପାଟଣାଗଡ଼ ଉପଖଣ୍ଡକୁ ମଦମୁକ୍ତ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ସଚେତନ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନିଆଯାଇଥିଲା।କାର୍ଯ୍ୟକ୍ରମରେ ହୃଷିକେଶ ଭୋଇ, ମଦନ ମାଝୀ, ଭାବଗ୍ରାହୀ ବରିହା, ରାମ ବରିହା,ବିରଞ୍ଚି ବୁଢ଼େକ, ସରୋଜ ଭୋଇ, ନୀଳ ଧରୁଆ, ନିମେଇ କୁଅଁର, ସତ୍ୟ ବରିହା ସହଯୋଗ କରିଥିବାବେଳେ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ ସଭା ପରିଚାଳନା କରିଥିବା ବେଳେ ଶେଷରେ ପିଣ୍ଟୁ ବୁଢ଼େକ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଓହ୍ଲାଇଲେ ଆଦିବାସୀ ସଂଘ

**ଖପ୍ରାଖୋଲ, ୯ ।୮ (ସମିସ):** ବିଶ୍ୱ ଆଦିବାସୀ ଦିବସ ଅବସରରେ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ଧାନମଣ୍ଡିଠାରେ ବିଶ୍ୱ ଆଦିବାସୀ ଦିବସ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖପ୍ରାଖୋଲ ବିଡିଓଙ୍କ ଜରିଆରେ ଆଦିବାସୀ ସଂଘ ତରଫରୁ ୧୭ଦଫା ଦାବିପତ୍ର ଦିଆଯାଇଥିଲା।ମିଥ୍ୟା ମାମଲାରେ ତଦନ୍ତ କରି ବିହୀତ ପଦକ୍ଷେପ ,ପଶ୍ଚିମ ଓଡ଼ିଶାର ସ୍ୱାଧିନତା ସଂଗ୍ରାମୀଙ୍କ ଜୀବନ କାହାଣୀ ପାଠ୍ୟପୁସ୍ତକମାନଙ୍କରେ ସ୍ଥାନୀତ,ଆଦିବାସୀଙ୍କ ଉପରେ କାଳ୍ପନିକ



ପାଳିତ ହୋଇଯାଇଛି। ବିପ୍ର ବିଶିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା।ପ୍ରଥମେ ରୀତିନୀତି ଅନୁସାରେଇଷ୍ଟଦେବୀକରମସାନୀମାଁଙ୍କ ପାଖରେ ନିଜର ପାରମ୍ପାରିକ ଅସ୍ତ୍ରଶସ୍ତ୍ର ରଖି ପୂଜା କରାଯାଇଥିଲା।ତାପରେ ନିଜ ପାରମ୍ପରିକ ଅସ୍ତ୍ରଶସ୍ତ୍ର ବାଦ୍ୟସହ ଖପ୍ରାଖୋଲ ଗ୍ରାମ ପରିକ୍ରମା କରାଯାଇ ଆଦିବାସୀଙ୍କୁ ଗିରଫଦାରୀ ତୁରନ୍ତ ବନ୍ଦ କରାଯାଉ ଏବଂ ବିକାଶ ନାମରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖଣି ଖଦାନକୁ ବନ୍ଦ, ସିଜିମାଳି ଆନ୍ଦୋଳନର ଲଢୁଆ ଆଦିବାସୀ ନାରୀନେତ୍ରୀ ଶ୍ରୀମତୀ ନାରଙ୍ଗୀ ଦେଇ ମାଝୀଙ୍କ ନାମରେ ଥିବା ମିଥ୍ୟା ମକଦ୍ଦମାକୁ ତୁରନ୍ତ ଖାରଜ,କର୍ମ କ୍ଷେତ୍ରରେ ମହିଳାଙ୍କୁ ନିର୍ଯାତନାର ଉଚିତ ଧର୍ମଗ୍ରନ୍ଥ ଗୁଡ଼ିକର ପ୍ରଚାର, ପ୍ରସାରକୁ ବନ୍ଦ,ଚାକିରି କ୍ଷେତ୍ରରେ ଜିଲ୍ଲା ଭିତ୍ତିକ ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯିବା ସମେତ ୧୭ ଦଫା ଦାବି ଉପସ୍ଥାପନ କରାଯାଇଛି। ଦାବୀ ଗୁଡିକ ସରକାର ତୁରନ୍ତ ପୂରଣ କରିବା ପାଇଁ ଆଦିବାସୀ ସଂଘ ତରଫରୁ କୁହାଯାଇଛି। ସଂଘର ବହୁସଂଖ୍ୟକ ଲୋକ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜିରେ ବିଶ୍ୱ ଆଦିବାସୀ ଦିବସ

**କଣ୍ଟାବାଞ୍ଜି, ୯ ।୮ (ସମିସ):** ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଶାଖା ତୁରେକେଲା ବ୍ଲକ୍ ଆନୁକୂଲ୍ୟରେ ବିଶ୍ୱ ଆଦିବାସୀ ଦିବସ କଣ୍ଟାବାଞ୍ଜି ଜିଆର ପ୍ଲେସ ଠାରେ ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟନାରାୟଣ ଭୋଇ, ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ପୁରୁଶୋତ୍ତମ ଧରୁଆ, ,ଜିଲ୍ଲା ପରିଷଦ ଉପଧ୍ୟକ୍ଷା ମିଥିଳା ମାଝୀ,ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ବଲାଙ୍ଗିର ଜିଲ୍ଲା ନିରୁପମା ମାଝୀ, ,ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଂଯୋଜକ ଗିରିରାଜ ସିଂ ମାଝୀ, ବ୍ଲକ୍ ସଭାପତି ଦୁଃଖୀଶ୍ୟମ ଭୋଇ,ଗୋଣ୍ଡ ସମାଜର ସଭାପତି ଯୁଗେଶ୍ୱର ମାଝୀ, ଗୋଣ୍ଡ ସମାଜର ସମ୍ପାଦକ ହରିହର ମାଝୀ, କଣ୍ଟାବାଞ୍ଜି ନଗର ସଭାପତି ଗୋବିନ୍ଦ ବର୍ଗେ,ପୁର୍ବତନ ସରପଞ୍ଚ ଧାମନଡଙ୍ଗା ଗ୍ରା ପ ଶ୍ରୀଧର ମାଝୀ,ମୁରିବାହାଲ ବ୍ଲକ୍ ସଭାପତି ଲକ୍ଷ୍ମିକାନ୍ତ ଧରୁଆ,ଧୁବା ଗୋଣ୍ଡ ସମାଜର ସଭାପତି ଅଲେଖ ଧରୁଆ,ବ୍ଲକ୍ ସଂଯୋଜକ ତୁରେକେଲା ବ୍ଲକ୍ ସମ୍ପାଦକ ଦୈତାରି ଭୋଇ, ,ଅମର ସିଂ ଧରୁଆ, ଯୁବରାଜ ମାଝୀ,ନିଳକଣ୍ଠ ବରିହା,ସଞ୍ଜିବ କୁମାର ସିଂ ଭୋଇ,ଖେଳନ୍ତି ସମରଥ,ଭୂମିସୁତା ସମରଥ,ସୁଶାନ୍ତ ମାଝୀ,ଟିକଚନ ଧରୁଆ ଲିଳିତ ମାଝୀ,କଲାକାହ୍ନୁ ମାଝୀ,ଗଦାଧର ଭୋଇ,କନ୍ଦର୍ପ ଭୋଇ ପ୍ରମୁଖ ମଞ୍ଚାସିନ ଥିଲେ।ଅର୍ଜୁନ ଧରୁଆ ଓ ଧନସିଂ ମାଝୀ ମଞ୍ଚ ପରିଚାଳନା କରିଥିଲେ।



## ବିକାଶଠାରୁ ବହୁ ଦୂରରେ ଆଦିବାସୀ




**ସଇଁନ୍ତଲା, ୯ ।୮ (ସମିସ):** ମୌଳିକ ସୁବିଧାରୁ ଆଜି ବି ଆଦିବାସୀ ମାନେ ବଞ୍ଚିତ ରହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନରୁ ବହୁ ଦୂରରେ ଆଜି ବି ଆଦିବାସୀମାନେ ରହିଛନ୍ତି। ଆଦିବାସୀଙ୍କ ଅଧିକାର ପାଇଁ ବାରମ୍ବାର ଲଢେଉ ମଧ୍ୟ କରି ଆସୁ ଥିବା ବେଳେ ବିକାଶର ବହୁ ଦୂରରେ ବୋଲି ସମାଲୋଚନା ହେଉଛି। ସଇଁନ୍ତଲା ବ୍ଲକ୍‌ରେ ଆଦିବାସୀ ଦିବସ ପାଳିତ ହେଉଛି। ଆଦିବାସୀମାନେ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଧରି ନାଚଗୀତରେ ମସଗୁଲ ହୋଇ ମା'ଚଣ୍ଡୀ ଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରା ରେ ସହର ପରିକ୍ରମା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଯୋଗଦେଇ ପାରମ୍ପାରିକ ଅସ୍ତ୍ର ଧରି ନାଚି ବେଶ ଉତ୍ସାହିତ ମଧ୍ୟ କରିଥିଲେ। ପରେ କଲ୍ୟାଣ ମଣ୍ଡପ ଠାରେ ପ୍ରେମ ଭୋଇଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ମୁଖ୍ୟବକ୍ତା ଭାବେ ବେଦ ବ୍ୟାସ ଭୋଇ ଯୋଗଦେଇ ଥିବା ବେଳେ ବ୍ଲକ୍ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ,ଜିଲ୍ଲା ପରିଷଦ ପ୍ରମୋଦ ଭୋଇ,ଘୁନସର ମାଝୀ ପ୍ରଗଣା ସଭାପତି ଲେକୃ ସିଂ ମାଝୀ,ଭଦ୍ରା ସରପଞ୍ଚ ରାଜେନ୍ଦ୍ର ଜାନୀ,ସୁରେନ୍ଦ୍ର ଭୋଇ,ଡ଼ମଭୋଇ,ହୀରାଲାଲ ମାଝୀ,ରାଜେନ୍ଦ୍ର ଭୋଇ,ଶଙ୍କର ମାଝୀ,ସଂକୁଳ ମାଝୀ,ଗୁଣ ନିଧି ମହାଲିଙ୍ଗ,ଚନ୍ଦ୍ର ଲାଲ ଭୋଇ,ଧୂବଳେ କହଁର,ସିଦ୍ଧେଶ୍ୱର ମାଝୀ,ବୈକୁଣ୍ଠ ମାଝୀ,ଅବସର ପ୍ରାପ୍ତ ଶିକ୍ଷକ ଶେଷ ଦେବ ଯାନୀ,ଶ୍ରୀକର ଭୋଇ,ରାଧେଶ୍ୟାମ ମାଝୀ,ଭାନୁ ପ୍ରତାବ ଭୋଇ,ଦେବେନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରସନ୍ନ ଭୋଇ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

## ଆଦିବାସୀ ଭାଷା ସଂସ୍କୃତି ସୁରକ୍ଷିତ ରହୁ




**ବଲାଙ୍ଗିର, ୯ ।୮ (ସମିସ):** ସ୍ଥାନୀୟ ଗୌଣ୍ଡୱାନା ଭବନରେ ବିଶ୍ୱ ଆଦିବାସୀ ଦିବସ ପୌରାଞ୍ଚଳ ଆଦିବାସୀ ସମାଜ, ଅଖିଳ ଭାରାତୀୟ ଗୌଣ୍ଡୱାନା ଗୌଣ୍ଡମହାସଭା, ଆଦିବାସୀ କଲ୍ୟାଣ ସଂଘ, ଆଦିବାସୀ କର୍ମଚାରୀ ସଂଘ ମିଳିତ ଆନୁକୂଲ୍ୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରକୃତି ଶକ୍ତି ପୂର୍ବ ପୁରୁଷଙ୍କୁ ପୂଜା ସେବା ପରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଦହିତ ଭୋଇଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସମନ୍ୱୟ ପରିଷଦର ଜିଲ୍ଲା ସଭାପତି ମୀନକେତନ ମାଝୀ, ମୁଖ୍ୟବକ୍ତା ଅଧାପକ ମଦନ ସିଂ ମାଝୀ, ସମ୍ମାନିତ ବକ୍ତା ଗଣେଶ ମାଝୀ, ସମ୍ମାନିତ ଅତିଥି ଭାବରେ କଳାହାଣ୍ଡି କୋଷାଧିକାରୀ ପ୍ରଦୀପ କୁମାର ମଲ୍ଲୀକ, ଦିଲ୍ଲିପ କୁମାର ଭୋଇ,ଯୋଗେଶ୍ୱର ଭୋଇ, ରୁଦ୍ରମଣି ମାଝୀ,ଶ୍ରୀକର ଧରୁଆ, ଲାଲମଣୀ ଧରୁଆ, ଧନଞ୍ଜୟ କୁମାର ରାଏ, ପୁସ୍ପକେତନ ଭୁଏ, ସୁଭାଂଶୁ ବାଗ ସଂଗଠିତ ରହି ଆଦିବାସୀ ସଂସ୍କୃତି, ପରମ୍ପରା, ଇତିହାସ,ଭାଷାକୁ ଜାଣିବା ଓ ବଞ୍ଚାଇ ରଖିବା ପାଇଁ ମତ ବ୍ୟକ୍ତ କରିଥିଲେ। ବିଶ୍ୱ ଆଦିବାସୀ ଦିବସକୁ ସରକାର ଛୁଟି ଦିବସ ଘୋଷଣା କରିବା ପାଇଁ ଉପସ୍ଥିତ ସମସ୍ତେ ଦାବି କରିଥିଲେ। ସଂଯୁକ୍ତ ରାଷ୍ଟ୍ର ସଂଘ ୨୦୨୫ ବର୍ଷର ବାରତା ଆଦିବାସୀ ଏବଂ କୃତ୍ରୀମ ବୁଦ୍ଧି ,ଅଧିକାର ରକ୍ଷା କରିବା, ଭବିଷ୍ୟତ ଗଠନ କରିବା ରଖିଛନ୍ତି।ସଂଯୁକ୍ତ ରାଷ୍ଟ୍ର ସଂଘ ୨୦୨୨ ରୁ ୨୦୩୨କୁ ଅର୍ନ୍ତଜାତୀୟ ଆଦିବାସୀ ଭାଷା ଦଶନ୍ଧି ଭାବରେ ଘୋଷଣା କରିଥିବାରୁ ଭାଷାର ସୁରକ୍ଷା ପାଇଁ ମତ ପ୍ରକାଶ ପାଇଥିଲା। ଶେଷରେ ନୃପ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।

## ସାନ ଭାଇକୁ ହତ୍ୟାକରି ପୋତି ଥିଲା ବଡ଼

**ଟିଟଲାଗଡ଼, ୯ ।୮ (ସମିସ):** ଭାଇକୁ ହତ୍ୟା କରି ମାଟି ତଳେ ପୋତି ଦେଇଥିବା ଘଟଣାର ପର୍ଦାଫାଶ କରିଛି ପୁଲିସ। ବଲାଙ୍ଗିର ଏସ୍‌ପି ଅଭିଲାଷ ଜୀ ଟିଟିଲାଗଡ଼ ଥାନା ପରିସରରେ ଟିଟିଲାଗଡ଼ ଥାନାଧିକାରୀ କଲ୍ୟାଣି ବେହେରାଙ୍କ ଉପସ୍ଥିତରେ ନାବାଳକ ହତ୍ୟାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ୨୮ ତାରିଖ ଦିନ ଟିଟିଲାଗଡ଼ ସହର ହାଟପଦାପଡାର ଚେରୁ ପୋଢ଼ଙ୍କ ସାନ ପୁଅ ନିଖୋଜ ଅଛି ବୋଲି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତତ୍ପରତା ଦେଖାଇ ତଦନ୍ତ ଜାରି ରଖିଥିଲା। ସୂଚନା ମତେ ସାନ ଭାଇ ବଡ଼ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିବା ବେଳେ ପରିବାର ଲୋକେ ବଡ଼ ପୁଅକୁ ଅଣ ଦେଖା ମଧ୍ୟ କରୁଥିବା ଜଣାପଡିଛି। ଗତ ୨୮ ତାରିଖ ଦିନ ପରିବାର ଲୋକେ ବଡ଼ ପୁଅକୁ ନଦେଇ ସାନ ପୁଅକୁ ପିଜୁଳି ଖାଇବା ପାଇଁ ଦେଇଥିଲେ। ପିଜୁଳି ଖାଇବା ପାଇ ସାନ ଭାଇକୁ ବଡ଼ ଭାଇ ମାଗିଥିଲା ହେଲେ ସାନ ଦେଇ ନ ଥିଲା। ଶେଷରେ ସାନ ଭାଇକୁ ଛୁରିଭୁଷି ହତ୍ୟା କରି ନିଜ ବେଡ଼ ରୁମ ଭିତରେ ପୋତି ଦେଇଥିଲା। ବିଳମ୍ବିତ ରାତିରେ ନିଜ ମା' ଶାଢ଼ୀରେ ସାନ ଭାଇକୁ ମାଟି ତଳୁ ବାହାର କରି ସ୍ଥାନୀୟ ନାଳକୁ ନେଇ ମୃତଦେହ ଫୋପାଡି ଦେଇଥିଲା। ପୁଣି ରାତିରେ ଯାଇ ମାଟିରେ ପୋତିଦେଇ କିଛି ନଜାଣିଲା ପରି ବୁଲୁ ଥିଲା। ପୁଲିସ ପରିବାରଲୋକଙ୍କୁ ପଚରାଉଚରା କରିବା ପରେ ବଡ଼ ଭାଇ ହି ସାନ ଭାଇକୁ ହତ୍ୟା କରିଥିବା ଜଣାପଡିଛି। ମୃତଦେହ ଜବତ କରି ତଦନ୍ତ ଜାରି ରହି ଥିବା ବଲାଙ୍ଗିର ଏସ୍‌ପି ସୂଚନା ଦେଇଛନ୍ତି।

## ଗଛରେ ରାକ୍ଷୀ ବାନ୍ଧି ପରିବେଶ ସୁରକ୍ଷାର ବାର୍ତ୍ତା

**ମୁରିବାହାଲ, ୯।୮ (ସମିସ):** ପରିବେଶ ବିନା ଜୀବନ ନାହିଁ। ପରିବେଶର ସୁରକ୍ଷା ଅତି ଜରୁରୀ। ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ପାଇଁ ପବିତ୍ର ରକ୍ଷା ବନ୍ଧନରେ ବୃକ୍ଷ ସହ ରକ୍ଷା ବନ୍ଧନ ପାଳିତ ହୋଇଛି। ମୁରିବାହାଲ ବ୍ଲକ୍ ଗୋଇମୁଣ୍ଡ ବିଦ୍ୟାଳୟ ପରିସରରେ ରକ୍ଷା ବନ୍ଧନ ପାଳିତ ହୋଇଛି। ଗଛ ଗୁଡିକରେ ରାକ୍ଷୀ ବନ୍ଧାଯାଇ ଗଛର ସୁରକ୍ଷା ନେଇ ସଂକଳ୍ପ ନିଆ ଯାଇଥିଲା। ଯୁକ୍ତ ୨ କଳା ରେ ଅଧ୍ୟୟନ ସହିତ ଚାରା ରୋପଣ ଓ ଏହାର ଯତ୍ନ କରି ଆସୁଛନ୍ତି। ପରିବେଶର ସୁରକ୍ଷା ନିତାନ୍ତ ଆବଶ୍ୟକ ରହିଛି। ସମସ୍ତେ ଚାରା ରୋପଣ କରିବା ପାଇଁ ଆଗେଇ ଆସିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ସାମ୍ବାଦିକ ଅଶୋକ ନାରାୟଣ ଭୋଇ, ଅବିନାଶ ଭୋଇ, କେଦାର ବଡ଼ଜେନା, ଶିକ୍ଷକ ପ୍ରଶାନ୍ତ ମହାନ୍ତି ଯୋଗଦେଇଥିଲେ।

# ଜିନ୍ଦାବାଦ ସଂଗଠନ ପକ୍ଷରୁ ଫରେଷ୍ଟ ଅଫିସ ଘେରାଉ


**ମୁରିବାହାଲ, ୯।୮ (ସମିସ):**



ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଅଧିକାର ସୀକୃତି ଆଇନ ୨୦୦୬, ସଂଶୋଧୀତ ନିୟମ ୨୦୧୨କୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ଦାବି ନେଇ ଜିନ୍ଦାବାଦ ସଂଗଠନ ପକ୍ଷରୁ ମୁରିବାହାଲ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।୧୭ ଦଫା ଦାବି ନେଇ ଜିନ୍ଦାବାଦ ସଂଗଠନର ଉପଦେଷ୍ଟା ତ୍ରିଲୋଚନ ପୁଞ୍ଜିଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତାଙ୍କ ସହିତ ଶହ ଶହ ସଂଖ୍ୟାରେ ଯୋଗଦେଇ ସ୍ଥାନୀୟ ଦୁର୍ଗା ମଣ୍ଡପ ନିକଟରୁ ଶୋଭାଯାତ୍ରାରେ ବାହାରି ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ୧୭ ଦଫା ଦାବିପତ୍ର ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତିଆଇନ ଓ ସଂଶୋଧିତ ନିୟମକୁ ସଠିକ ଭାବରେ କାର୍ଯ୍ୟକାରୀ କରାଯାଉ,ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନର ଧାରା-୪ର ଉପଧାରା-୫ ମୁତାବକ ଜଙ୍ଗଲ ଅଧିକାର ସ୍ୱୀକୃତି ଓ ଯାଞ୍ଚ ପ୍ରକ୍ରିୟା ଶେଷ ନହେବା ଯାଏ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଭାଗ ଦଖଲ କରୁଥିବା ଜଙ୍ଗଲ ଜମିରୁ ଉଚ୍ଛେଦ କିମ୍ବା ବିତାଡିତ ହେବେନାହିଁ ବୋଲି ଉଲ୍ଲେଖ ରହିଛି। ତେଣୁ ଭାଗଦଖଲ କରୁଥିବା ଜଙ୍ଗଲ ଜମିରେ ବଳପୂର୍ବକ ବୃକ୍ଷରୋପଣ କରିବା କାର୍ଯ୍ୟକୁ ବନ୍ଦ କରାଯାଉ,ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ଗୋଷ୍ଠୀ ସମ୍ବଳ ଅଧିକାର କାର୍ଯ୍ୟକୁ ସୁନିଶ୍ଚିତ କରାଯାଉ ଏବଂ ଗ୍ରାମ ସଭାକୁ ଗୁରୁତ୍ୱ ଦିଆଯାଉ, ଜଙ୍ଗଲ ଜମି ଅଧିକାର ପ୍ରଦାନ କରିବା ସହିତ ୧୭ଦଫା ପୂରଣ କରାଯାଉ। ଆଗାମୀ ଦିନରେ ଦାବି ଉପରେ ପଦକ୍ଷେପ ନିଆ ନଗଲେ ଜିନ୍ଦାବାଦ ସଂଗଠନ ଆନ୍ଦୋଳନକୁ ଓହ୍ଲେଇବ ବୋଲି ଚେତାବନୀ ଦିଆଯାଇଥିଲା। ଜିନ୍ଦାବାଦ ସଂଗଠନର ମୁରିବାହାଲ ବ୍ଲକ୍ ସମ୍ପାଦକ କେଶବ ଧରୁଆ,ବଙ୍ଗୋମୁଣ୍ଡା ବ୍ଲକ୍ ସଭାପତି କୁରରାଜ ଧରୁଆ, ଠଣ ସୁନ୍ଦର ସଗରିଆ, ତୁରେକେଲା ବ୍ଲକ୍ ସଭାପତି ଗଙ୍ଗାଧର ମାଝୀ, ସମ୍ପାଦକ ଦୁର୍ଯ୍ୟଧନ ମାଝୀ ଟିଟିଲାଗଡ଼ ସଭାପତି ଟଙ୍କଧର ପ୍ରଧାନୀ,ଆଞ୍ଚଳିକ ସଭାପତି ଦୁର୍ଯ୍ୟାଧନ ମାଝୀ, ଟଙ୍କ ଶବର,ନରେଶ ମାଝୀ,ବୈଷ୍ଣବ ହଂସ,ଡମ୍ବରୁ ଭରାସଗରିଆ,ସାଧବ ଧରୁଆ,ଶଙ୍କର ଗହିର,ମୁଖ୍ୟ ପଟେଲ,ଚିଟକ ମାଝୀ,ଟିକେଚନ ପୁଟେଲ,ସୁରୁସିଂ ମାଝୀ,ଶୁକ୍ଳ ଶବର, ଦେବନାଶନ ଛତ୍ରିଆ,ନିରଞ୍ଜନ ବରିହା,ଖଗପତି ମାଝୀ, ହୀରାଲାଲ ହଂସ,ମଧୁସୂଦନ ଆଡଜୁଆଡ଼,ସୁନ୍ଦର ମାଝୀ,ପଦ୍ମଲୋଚନ ଶାଣ୍ଡେ,ଲକ୍ଷପତି ବାଗ,ନକୁଲ ବାଗ,ପର୍ଶୁରାମ ମାଝୀ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ।

## ଗ୍ରାମମଙ୍ଗଳ ପାଠାଗାରରେ ରକ୍ଷାବନ୍ଧନ ଉତ୍ସବ

**ଦେଓଗାଁ, ୯ ।୮ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସାଲେପାଲି ଗ୍ରାମମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ଆବାସ ଓ ଶିଶୁଯତ୍ନ ଅନୁଷ୍ଠାନରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଂପାଦକ ଭୁବନେଶ୍ୱର ସାମଲଙ୍କ ସଭାପତିତ୍ୱରେଅତିଥିଭାବେ କମିଟୀ ସଦସ୍ୟ ଗୋପାଳ ସାମଲ, ଅନୁଷ୍ଠାନରଅଧ୍ୟକ୍ଷ ସୁରେଶ ମହାକୁର, ସଙ୍ଗିତ ଶିକ୍ଷକ ଶିବ ପ୍ରସାଦ ସାହୁ ଉପସ୍ଥିତଥିଲେ। କାର୍ଯ୍ୟକ୍ରମକୁ ରମାକାନ୍ତ ସାହୁ, ସମୀର ସାଗର, ନିବେଦିତା ସାମଲ, ଚର୍ତୁଭୁଜ ଭୋଇ, ଠାକୁର ଭୋଇ, ବିରାଟ ସାମଲ, ସଞ୍ଜୁ ବିଶ୍ୱାଲ, ପ୍ରତ୍ୟୁଷ ସାହୁ ସହଯୋଗ କରିଥିଲେ।ସେହିପରି ଦେଓଗାଁ ଶିଶୁ ମନ୍ଦିର ପରିସରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଗୁରୁଜୀ ପ୍ରଶାନ୍ତ ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ଜନ୍ମେଜୟ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ କୁଡାସିଂହା ଫରେଷ୍ଟର ଚିତ୍ତ ରଞ୍ଜନ ଖମାରୀ, ଡିଇଓ ନରେନ୍ଦ୍ର ବିଶ୍ୱାଳ ଯୋଗଦେଇଥିଲେ।



## ବିଭିନ୍ନ ସ୍ଥାନରେ ବିଶ୍ୱ ଆଦିବାସୀ ଦିବସ

# ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଆଦିବାସୀଙ୍କ ନଗର ପରିକ୍ରମା





କଳମପୁର, ୯ ।୮ (ସମିସ): କଳମପୁର ବ୍ଲକ ପଣ୍ଡିଗାଁ ପଞ୍ଚାୟତର ଆଦିବାସୀ ସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ପଣ୍ଡିଗାଁ ବସ୍ତିପଡାରୁ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ପାରମ୍ପରିକ ବାଜାର ତାଳେ ତାଳେ ନାଚଗୀତ କରି ନଗର ପରିକ୍ରମା କରିଥିଲେ। ଗାଁ ପରିକ୍ରମା ପରେ ପଞ୍ଚାୟତ ପର୍ଯ୍ୟନ୍ତ ଯାଇ ଫେରିଥିଲେ। ପ୍ରଶାନ୍ତ ମାଝିଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥଲେ। ଦିବାକର ମାଝି, ସନ୍ୟାସୀ ମାଝି, ସମ୍ରାଟ ମାଝି, ଜଳଧର ମାଝି, ବନମାଳୀ ମାଝି, ବର୍ଷା ମାଝି, ରୁବି ମାଝି, ବବଲି ମାଝି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ଲାଞ୍ଜିଗଡ଼:** ଲାଞ୍ଜିଗଡ଼ ବ୍ଲକ୍ ବେନଗାଁ ପଞ୍ଚାୟତ ଖେଳ ପଡିଆରେ ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ବେନଗାଁ ଧରଣୀ ଗୁଡ଼ିରେ ପୂଜାର୍ଚ୍ଚନା କଲା ପରେ ଗାଁ ପରିକ୍ରମା କରିଥିଲେ। ସ୍ଥାନୀୟ ଜଳ ପୁରୁଷ ସ୍ୱର୍ଗତ କାର୍ଜି ମାଝୀ ଓ ରେଣ୍ଡୋ ମାଝୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଳ ଦେଇ ପୂଜାର୍ଚ୍ଚନା କରିଥିଲେ। ଆଦିବାସୀ ଏକତା ଘାଟି ଅଞ୍ଚଳ ସଭାପତି ଘାସି ମାଝୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଶିବାଜୀ ମାଝୀ, ସମ୍ମାନୀତ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ସଂଘ ସଭାପତି ଶୁକ୍ରୁ ମାଝୀ, ଜଗନ୍ନାଥପୁର ସମିତି ସଭ୍ୟ ପ୍ରଦୀପ ମାଝୀ, ବେନଗାଁ ସରପଞ୍ଚ ପୁରାଣା ମାଝୀ, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ, ବିଜେପୁର ଥାନା ଏସ୍ଆଇ ଶ୍ୟାମ କୁଲସିକା ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀଙ୍କ ସୁରକ୍ଷା ଓ ମୌଳିକ ଅଧିକାର ତଥା ଜଳ, ଜମି, ଜଙ୍ଗଲ ସୁରକ୍ଷା ସମେତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ପାଲିସି ମାଝୀ, ଲୋକନଥ ମାଝୀ, ଭରତ ମାଝୀ, ଟିକା ମାଝୀ, ରାମତୁ ମାଝୀ, ସୁଶାନ୍ତ ମାଝୀ, ପ୍ରଦାନ ମାଝୀ, ପୂର୍ଣ୍ଣି ମାଝୀ, ଲେଲି ମାଝୀ, ସିଙ୍ଗା ମାଝୀ, ପତି ମାଝୀ, ରାଣୁ ମାଝୀ, ବୈଶାଖୁ ମାଝୀ ଗୋବିନ୍ଦ ମାଝୀ, ଡମ୍ବରୁ ମାଝୀ, ରାଜେନ୍ଦ୍ର ମାଝୀ ପ୍ରମୁଖଙ୍କ ସମେତ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଆଦିବାସୀ ମହିଳା ଓ ପୁରୁଷମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପବିତ୍ର ମାଝୀ ମଞ୍ଚପରିଚାଳନା କରିଥିବା ବେଳେ ନିରଞ୍ଜନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

**ସିନାପାଲି:** ନୂଆପଡ଼ା ଜିଲ୍ଲା ସିନାପାଲିରେ ଜିଲ୍ଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଆଦିବାସୀ ଗୋଡ଼ାଳ ଛକଠାରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବିରାଟ ଶୋଭାଯାତ୍ରାରେ ସିନାପାଲି ସହର ପରିକ୍ରମା ପରେ ଯୁଗେନପଦରେ ପହଞ୍ଚିଥିଲେ। ସିନାପାଲି ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ମାଝିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲା ସଭାପତି ଘାସିରାମ ମାଝି, ମୁଖ୍ୟ ବକ୍ତା ଭାବେ ସୋମନାଥ ଖମାରୀ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚିତ୍ତ ରଞ୍ଜନ ବନଗୋଲ, ଖଡିଆଳ ବ୍ଲକ ସଭାପତି ବିହାରୀ ମରକାମ, ନୂଆପଡ଼ା ବ୍ଲକ ସଭାପତି ହରି ମାଝି, ଦିବ୍ୟ ସିଂ ମାଝି, ରମାକାନ୍ତି ମାଝି, ଭୁବନେଶ୍ୱର ମାଝି, ଗିରିରାଜ ମାଝି, ମଧୁସୁଦନ ମାଝି, ଧରମୁ ନାଏକ, ଡିଙ୍ଗର ମାଝି, ଟୋପଚନ ମାଝି, ପ୍ରେମଲାଲ ଚିନ୍ଦା, ଲଛମନ ବଞ୍ଜରା, ଗୌତମ ସୋରି, ଦେବୀ ଚରଣ ମାଝି, ହେରାମ୍ବ ଭୋଇ, ନରେଶ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମାବେଶରେ ଆଦିବାସୀଙ୍କ ଏକତା, ଅଖଣ୍ଡତାକୁ ପ୍ରାଧାନ୍ୟ ଦେବା ନେଇ ଆଲୋଚନା ହୋଇଥିଲା। ନାରୀ ଶିକ୍ଷା ଉପରେ ଆଲୋଚନା ହୋଇଥିଲା। ଅନ୍ଧବିଶ୍ୱାସ, କୁସଂସ୍କାର ଦୂର କରିବାକୁ ଅତିଥିଗଣ କହିଥିଲେ। ପ୍ରଗତିଶୀଳ ସମାଜରେ ବଞ୍ଚିବା ପାଇଁ ପରାମର୍ଶ ଦିଆଯାଇଥିଲା। ନିଜର ହକ, ଅଧିକାର, ମୌଳିକ ସୁବିଧା ହାସଲ ପାଇଁ ଲଢେଇ କରିବାର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ ପାଇଥିଲା। ସାମ୍ବିଧାନିକ ମୌଳିକ ଅଧିକାର, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଆଦିବାସୀଙ୍କ ଜନସଂଖ୍ୟା ଆଧାରରେ ବଜେଟରେ ସ୍ୱତନ୍ତ୍ର ସ୍ଥାନ ଦେବା, ସଂରକ୍ଷଣ ଆଦି ଅନେକ ବିଷୟକୁ ନେଇ ଆଦିବାସୀ ନେତାଗଣ ଗର୍ଜିଥିଲେ। ବରିଷ୍ଠ ଆଦିବାସୀ ନେତା ତଥା ନୂଆପଡ଼ା ଜିଲ୍ଲା ସହ ସମ୍ପାଦକ ପ୍ରସନ୍ନ ମାଝି ସଭା କାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଭବାନୀପାଟଣାରେ 'ସୁଭଦ୍ରା' କାର୍ଯ୍ୟକ୍ରମ



ଭବାନୀପାଟଣା, ୯ ।୮ (ସମିସ): ଭବାନୀପାଟଣା ଟାଉନ୍‌ହଲରେ 'ସୁଭଦ୍ରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ ପ୍ରଭାତ ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୌରପାଳିକା ନିର୍ବାହୀ ଅଧିକାରୀ ଚିନ୍ମୟ ନାୟକ, ବିଡିଓ ଚନ୍ଦନ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ



ବୌଦ୍ଧ, ୯ ।୮ (ସମିସ): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ରମେଶ ମେହେର, ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟା ତୃପ୍ତିମୟୀ ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଅତିଥି ଥିଲେ। ନରେନ୍ଦ୍ର ମହାକୁଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଗୋଧନେଶ୍ୱର ଶୈବପୀଠରେ କାଉଡିଆଙ୍କ ଜଳାଭିଷେକ



ସୁବଳୟା, ୯ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଜଟେସିଂହା ପଞ୍ଚାୟତ ମହାନଦୀ କୂଳରେ ଅବସ୍ଥିତ ବାବା ଗୋଧନେଶ୍ୱର ଠାରେ ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇଥିବା ଦେଖିବାକୁ ମିଳିଛି।

ବିଶେଷ କରି ବିଭିନ୍ନ ଅଞ୍ଚଳରୁ ମହିଳା ଓ ପୁରୁଷ କାଉଡ଼ିଆଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭୋର ଗୋଟିଏ ଟାରୁ ମନ୍ଦିର ଖୋଲା ହୋଇ ମହାଦେବଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପର୍ଯ୍ୟାୟ କ୍ରମେ ବୋଲବମ ଗୋଷ୍ଠୀ ଜଳାଭିଷେକ କରିଥିଲେ। ବହୁ ଦୁରଦୁରାନ୍ତ ମହାଦେବଙ୍କ ଦୁର୍ଲଭ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇଥିଲା। ସେହିପରି ବୀରମହାରାଜପୁର ବ୍ଲକ୍‌ର ଚମ୍ପାମାଲ ସ୍ଥିତ ଚମ୍ପେଶ୍ୱର ବାବା, ସୁନାରୀବେନୀ ସପ୍ତେଶ୍ୱର ବାବା, ସୁବଳୟା, ପିତାମହୁଲ, ଚଡକା, କଳମପୁର, ଉଫୁଲା, ବର୍ଡାକଟା, ଗୌଉଡଗାଡ ପ୍ରଭୃତି ଶୈବପୀଠରେ ରାକ୍ଷୀ ପୂର୍ଣ୍ଣିମା ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ମହାଦେବଙ୍କୁ ଦର୍ଶନ କରିଥିଲେ।

## ଆନ୍ଧ୍ରପ୍ରଦେଶରେ ଓଡ଼ିଆ ଶ୍ରମିକ ନିଖୋଜ



କୋକସରା, ୯ ।୮ (ସମିସ): କୋକସରା ଥାନା ଫୁପଗାଁ ପଞ୍ଚାୟତ ସିର୍ଲିଗୁଡା ଗ୍ରାମର ଶ୍ରମିକ ଅଶୋକ ଶବର(୪୨) ଆନ୍ଧ୍ରପ୍ରଦେଶରେ ନିଖୋଜ ହୋଇ ଯାଇଛନ୍ତି। ୬ ବର୍ଷ ହେଲା ସେ ଆନ୍ଧ୍ରପ୍ରଦେଶ ରାମଗୁଣ୍ଡମ୍‌ସ୍ଥିତ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରି ଆସୁଥିଲେ। ଦେହ ଅସୁସ୍ଥ ହେବାରୁ ଜୁନ୍ ୨୩ ତାରିଖରେ ସମ୍ପର୍କୀୟମାନେ ନିକଟସ୍ଥ ଡାକ୍ତରଖାନାରେ ତାଙ୍କୁ ଚିକିତ୍ସା କରାଇ ବସ୍ ଯୋଗେ ଘରକୁ ପଠେଇଥିଲେ। ଅଶୋକ ଆଜି ପର୍ଯ୍ୟନ୍ତ କିନ୍ତୁ ଘରେ ପହଞ୍ଚି ନାହାଁନ୍ତି। ସେଠାରେ କାମ କରୁଥିବା ତାଙ୍କ ସମ୍ପର୍କୀୟ ଓ କମ୍ପାନୀ ଲୋକେ ଖୋଜାଖୋଜି କରୁଥିଲେ ମଧ୍ୟ ଅଶୋକଙ୍କ ସନ୍ଧାନ ପାଇପାରୁ ନାହାନ୍ତି। ଏହାକୁ ନେଇ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଏନେଇ କୋକସରା ଥାନାରେ ଅଶୋକଙ୍କ ପରିବାର ଲୋକେ ନିଖୋଜ ଅଭିଯୋଗ କରିଛନ୍ତି।

## ଜୟନ୍ତପୁରରେ ଅଲେଖ ମହିମାଧର୍ମାବଲମ୍ବୀଙ୍କ ନୂଆଁଖାଇ



ଧର୍ମଗଡ, ୯ ।୮ (ସମିସ): ଧର୍ମଗଡ଼ ବ୍ଲକ୍ ଜୟନ୍ତପୁରସ୍ଥିତ ଅଲେଖ ମହିମା ମଠରେ ସାମୂହିକ ନବାନ୍ନ ଭକ୍ଷଣ ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଶୁକ୍ରବାର ରାତିରେ ପୂଜ୍ୟ ସାଧୁ ହର ବାବା ଏବଂ ସାଥୀ ବାବାଙ୍କ ଦ୍ୱାରା ଅଖଣ୍ଡ ବ୍ରହ୍ମ ଧୁନି ପ୍ରଜ୍ୱଳନ ହେଲା ପରେ ଭକ୍ତଗଣ ପ୍ରଭୁଙ୍କ ନାମ ସ୍ମରଣ କରିଥିଲେ। ଭଜନ, କୀର୍ତ୍ତନ କରି ପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ। ଶନିବାର ସକାଳେ ବ୍ରହ୍ମ ସମୟରେ ଅଲେଖ ମହିମା ପ୍ରଭୁଙ୍କୁ ପଣାପାଣି ଅର୍ପଣ କରାଯାଇଥିଲା। ସମସ୍ତ ଅଲେଖ ମହିମା ଭକ୍ତମାନେ ପୂଜ୍ୟ ସାଧୁ ହର ବାବାଙ୍କ ହସ୍ତରୁ ନବାନ୍ନ ପ୍ରସାଦ ଗ୍ରହଣ କରି ସାମୂହିକ ଭକ୍ଷଣ କରିଥିଲେ। ଏହି ଅବସରରେ ଅଲେଖ ମହିମା ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଥିଲା। ବଡଭାଇ ଭାବେ ହରିପ୍ରକାଶ ଭକ୍ତ, ଅଧିକାରୀ ଭାବେ ଧର୍ମାନନ୍ଦ ଭକ୍ତ, ଟହଲିଆ ଭାବେ ଈଶ୍ୱର ଭକ୍ତ, ସଭାପତି ଭାବେ ଦିଗାମ୍ବର ଭକ୍ତ, ସାଧାରଣ ସମ୍ପାଦକ ଭାବେ ପବିତ୍ର ଭକ୍ତ, ସମ୍ପାଦକ ଭାବେ ରୁପେନ୍ଦ୍ର ଭକ୍ତଙ୍କୁ ମନୋନୀତ କରାଯାଇଥିଲା।

## ଉଲୁଣ୍ଡା ଶିଶୁ ମନ୍ଦିରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ



ସୁବଳୟା, ୯ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ କୋଟସମଲାଏ ଗ୍ରାମରେ ଶନିବାର 'ରକ୍ଷା ବନ୍ଧନ' ଓ ପାତଳୀ କ୍ଷେତ୍ର ଠାରେ ଚାରାରୋପଣ କରିବା ସହ ବୃକ୍ଷକୁ ରକ୍ଷା ବନ୍ଧନ ପାଇଁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଡକ୍ଟର ହୃଷୀକେଶ ଦେହେରି ଯୋଗଦେଇ ଜଙ୍ଗଲ ଆମ ମା' ପରି ଆମେ ଜୀବନ ସାରା ବଞ୍ଚିବା ପାଇଁ ପାଣି, ପବନ, ମାଟି, ଫଳ, ବିଭିନ୍ନ ପ୍ରକାର ଗଛଲତା , ଔଷଧ ବୃକ୍ଷ ଆମେ ଜଙ୍ଗଲ ମା ଠାରୁ ହିଁ ପାଇଥାଉ, ଜଙ୍ଗଲର ସୁରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମା ଉପସ୍ଥିତି ରହି ଗ୍ରାମରେ ଲୋକଙ୍କୁ ରାକ୍ଷୀ ବାନ୍ଧିବା ସହ ବୃକ୍ଷ ରୋପଣ କରିଥିଲେ। କୋଟସମଲାଏର ସ୍ୱେଚ୍ଛାସେବୀ ଅଭିଷେକ ପାତ୍ର ,ବିଦ୍ୟାଳୟର ଚନ୍ଦ୍ର ଶେଖର କର୍ଣ୍ଣ, ଅଭିଷେକ କଲତା, ପଦ୍ମିନୀ ଭୋଇ, ସୁଜାତା ହୋତା, ସ୍ୱପ୍ନାରାଣୀ ଭୋଇ ସହଯୋଗ କରିଥିଲେ।

## ଆଜି ନୂଆପଡ଼ା ଗସ୍ତରେ ଆସୁଛନ୍ତି ପ୍ରଭାତୀ

ନୂଆପଡ଼ା, ୯ ।୮ (ସମିସ): ରବିବାର ଦୁଇ ଦିନିଆ ନୂଆପଡ଼ା ଗସ୍ତରେ ଆସୁଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପାର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା। ରବିବାର ଅପରାହ୍ନ ୩ଟା ସମୟରେ ନୂଆପଡା ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ପରେ ନୂଆପଡ଼ା ସର୍କିଟ ହାଉସଠାରୁ ଜିଲ୍ଲାସ୍ତରୀୟ ହର ଘର ତିରଙ୍ଗା,ଘର ଘର ତିରଙ୍ଗା ଯାତ୍ରାରେ ସର୍କିଟ ହାଉସ ଠାରୁ ବାହାରି ନୂଆପଡା ସହର ପରିକ୍ରମା ପରେ ନୂଆପଡା ବିଜେପି କାର୍ଯ୍ୟାଳୟରେ କର୍ମକର୍ତ୍ତା ସମ୍ମିଳନୀ କରାଯିବାର ସୂଚନା ରହିଛି। ପରେ ରାତି ୭ଟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପାର୍ଯ୍ୟଟନ ବିଭାଗ ଉପରେ ସମୀକ୍ଷା ବୈଠକ ହେବ। ସର୍କିଟ ହାଉସ ଠାରେ ସୁଭଦ୍ରା ଓ ଲକ୍ଷପତି ଦିଦିମାନଙ୍କ ସହ ରାତି ଭୋଜନର କାର୍ଯ୍ୟକ୍ରମ ରହିଛି। ରାତ୍ରିଯାପନ କରିବା ସହ ସୋମବାର ଦିନ ସକାଳୁ ନୂଆପଡ଼ା ନ୍ୟାସନାଲ ହାଇସ୍କୁଲ ଓ ଗାନ୍ଧୀ ଉଦ୍ୟାନ ଓ ଘାସିରାମ ମାଝୀ ଛକ ଠାରେ ପୁଷ୍ପମାଲ୍ୟ ଦେବାର କାର୍ଯ୍ୟକ୍ରମ ରହିଛି।

## ଅଲେଖମହିମାଧର୍ମୀଙ୍କ ନବାନ୍ନ ଭକ୍ଷଣ



କେସିଙ୍ଗା, ୯ ।୮ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ନାଶିଗାଁ ପଞ୍ଚାୟତର ଅଫୁଅପଡ଼ାସ୍ଥିତ ଅଲେଖ ମହିମା ମଠରେ ମହିମାଧର୍ମୀ ଭକ୍ତମାନେ ନବାନ୍ନ ଭକ୍ଷଣ କରିଛନ୍ତି। ବ୍ରହ୍ମ ଅବଧୂତ ସୁରେଶ ଚନ୍ଦ୍ର ବାବାଙ୍କ ତତ୍ତ୍ୱାଧାନରେ ବ୍ରହ୍ମଧ୍ୱନି ପ୍ରଜ୍ୱଳନ ହୋଇଥିଲା।
ଶନିବାର ପ୍ରାତଃ ୮ଟଶରେ ଅଲେଖ ମହିମା ଶୂନ୍ୟ ମହାପ୍ରଭୁଙ୍କୁ ପ୍ରସାଦ ଅର୍ପଣ କରାଯାଇଥିଲା। ପୂର୍ଣ୍ଣାହୁତି ସାରି ଅଞ୍ଚଳ ଶହ ଶହ ମହିମା ଧର୍ମୀ ଏକ ଜୁଟ ହୋଇ ନବାନ୍ନ ଭକ୍ଷଣ ଭକ୍ଷଣ କରିଥିଲେ। ସେହିପରି ନାଶିଗାଁସ୍ଥିତ ଅଫୁଆପଡା ମହିମା ମଠର ବ୍ରହ୍ମ ଅବଧୂତ ସୁରେଶ ଚନ୍ଦ୍ର ବାବା, କରୁଣାକର ଦାସ, ସାଧୁ ବିଦୁର ଦାସ, ଇନ୍ଦ୍ରମଣି ଦାସ, ରାଜେଶ୍ ତ୍ୟାଗୀ, ଆଫୁଆପଡା ଗ୍ରାମବାସୀଙ୍କ ସହଯୋଗରେ ନବାନ୍ନ ଭକ୍ଷଣ ଶେଷ ହୋଇଥିଲା।

## ପତଞ୍ଜଳି ଯୋଗ ଶିବିରରେ ରକ୍ଷାବନ୍ଧନ ଉତ୍ସବ

ନୂଆପଡା, ୯ ।୮ (ସମିସ): ନୂଆପଡା ସିର୍ଟୋଲପଡାରେ ପତଞ୍ଜଳି ଯୋଗାଭ୍ୟାସ ପରିବାରର ତତ୍ତ୍ୱାବଧାନରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହେମନ୍ତ ଦଣ୍ଡେସନା ଅଧ୍ୟକ୍ଷତା କରିଥିଲେ।

ପତଞ୍ଜଳି ଯୋଗ ସମିତି ଜିଲ୍ଲା ପ୍ରଭାରୀ କ୍ଷମାସାଗର ଦେୱାଙ୍ଗନ ସମସ୍ତଙ୍କୁ ଯୋଗର ଉପକାରିତା ଓ ରକ୍ଷା ବନ୍ଧନ ଉପରେ ମାର୍ଗ ଦର୍ଶନ କରିଥିଲେ। ବିଭୁତି ଭୂଷଣ ପାଣିଗ୍ରାହୀ, ଶଶୀଭୂଷଣ ପାଣିଗ୍ରାହୀ, ଅମରସିଂ ମହାନନ୍ଦ, ସୁପ୍ରିୟା ଶବର, ଅଞ୍ଜନାରାଣୀ ପଣ୍ଡା, ବୀରେନ୍ଦ୍ର ପରିଡା, ଯୁଗଳକିଶୋର ସାହୁ, ଦୀନବନ୍ଧୁ ଦାସ, ମତୀରଞ୍ଜନ ସାହୁ, ପଙ୍କଜିନୀ ବିଶ୍ୱାଳ, ମମତା ପଟ୍ଟନାୟକ, ଅନ୍ନପୂର୍ଣ୍ଣର୍‌ା ତାଣ୍ଡି, ନମିତା ପାଣିଗ୍ରାହୀ, ବନିତା ଦୁରିଆ, ମିନା ଦେୱାଙ୍ଗନ, ଉମାସଙ୍କର ସାହୁ, ଯଶସ୍ୱିନୀ ପାଣିଗ୍ରାହୀ, ରେବତୀ ମହାନନ୍ଦ, ସାମ୍ବାଦିକ ପୁରୋହିତ ସୁନାନୀ ପ୍ରମୁଖ ସାମିଲ ଥିଲେ।



# ବିଶ୍ୱ ଦ୍ରଷ୍ଟା ଥିଲେ ଗଙ୍ଗାଧର ମେହେର





ମ.ରାମପୁର ,୯ ।୮ (ସମିସ): ଗଙ୍ଗାଧର ମେହେରଙ୍କ ସାହିତ୍ୟର ପଟାନ୍ତର ନାହିଁ। ସେ କେବଳ କବି ନୁହଁନ୍ତି। ଜଣେ ଦାର୍ଶନିକ ଥିଲେ। ପ୍ରକୃତି କବି ଗଙ୍ଗାଧର ଥିଲେ ବିଶ୍ୱ ଦ୍ରଷ୍ଟା। ଯୁଗ ଯାତ୍ରୀ ସାହିତ୍ୟ ସଂସଦର ମେହେର ଜୟନ୍ତୀରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ସଭାପତି ପଦ୍ମଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ବରଗଡ଼ ଜିଲ୍ଲା ଘେଁସ ଅଭିମନ୍ୟୁ ସାହିତ୍ୟ ସଂସଦର ସଭାପତି ଅଧ୍ୟାପକ ସୁଶାନ୍ତ ମିଶ୍ର, ବିଶିଷ୍ଟ ସାହିତ୍ୟିକ ଶ୍ରୀଧର ପଟ୍ଟନାୟକ (ରାୟଗଡା) ଅତିଥି ଭାବେ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସମ୍ପାଦକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। କବି ନବଘନ ସାହୁ, କବି ମକରଧ୍ୱଜ ସାହୁ, କବୟିତ୍ରୀ ସରସ୍ୱତୀ ମିଶ୍ରଙ୍କ ସଂଯୋଜନାରେ ୩୦ରୁ ଅଧିକ କବି କବିତା ପାଠ କରିଥିଲେ। ଏହା ପରେ ପ୍ରାକ ପ୍ରାଥମିକ ବିଦ୍ୟାଳୟରୁ ମହା ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ରାକେଶ ଶତପଥୀ, ମାନସ ରଞ୍ଜନ ପ୍ରହରାଜ, ପବନ ମହାଲିକ ପରିଚାଳନା କରିଥିଲେ। ପରମାନନ୍ଦ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

**ସିନାପାଲି:** ନୂଆପଡ଼ା ଜିଲ୍ଲା ସିନାପାଲିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ସଭାପତି ବୈଷ୍ଣବ ମେହେର ସଭାପତିତ୍ୱ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ମେହେର, ସ୍ଥାନୀୟ ଏସବିଆଇ ଶାଖା ପରିଚାଳକ ଉତ୍କଳ ପ୍ରଧାନ, କବି ରାଜେଶ ମୁଣ୍ଡ, କବି ସତ୍ୟବ୍ରତ ଗହୀର, ରବୀନ୍ଦ୍ରନାଥ ଯୋଷୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଧ୍ରୁବଚରଣ ପ୍ରଧାନ ଓ ଲଳିତ ସୁନାରି କବିତା ସଂଯୋଜନା କରିଥିଲେ। ପ୍ରଦ୍ୟୁମ୍ନ ଚିନ୍ଦା, ପରେସନାଥ ପାଣିଗ୍ରାହୀ, ଶାଶ୍ୱତୀ ହୋତା, ଚିନ୍ତାମଣି ସାହୁ, ହରେକୃଷ୍ଣ ମେହେର, ବବିତା ମେହେର, ରେଶ୍ମା ମେହେର, ଯଶୋବନ୍ତ ସା, ରାଜେଶ ମୁଣ୍ଡ, ଗୌତମ ମେହେର, ଖଗେଶ୍ୱର ବାଗ, ନବୀନ ଚନ୍ଦ୍ର ମେହେର, ଜିତେନ୍ଦ୍ର ଗହୀର, ଡିସମ୍ବର ମେହେର, ମୂରଲୀଧର ସା, ଲୋଚନ ମେହେର, ଚୂଡ଼ାମଣି ମେହେର, ଭୀଷ୍ମରାଜ୍ ମେହେର, ବିଜୟ ଯୋଷୀ, ଇତିଶ୍ରୀ ମେହେର, ନିଳାଞ୍ଚଳ ମେହେର, ସସ୍ମିତା ମେହେର, ନିକୁଞ୍ଜ ସା, ସରସ୍ୱତୀ ମେହେର, ହିତେଶ ସୁନାନୀ, ଭଗତ ରାମ ଶବର, ଧବଳେଶ୍ୱର ମେହେର, ଶିବ ପ୍ରସାଦ ମେହେର, ମୋତିଲାଲ ମାଝୀ, ରୋହିତ ନାଗେଶ, ରଶ୍ମୀ ରଞ୍ଜନ ସା, ଲଇଖନ୍ ମାଝୀ, ବେଣୁଧର ମେହେର ପ୍ରମୁଖ କବିତା ଆବୃତ୍ତି କରିଥଲେ।

**କେସିଙ୍ଗା:** କେସିଙ୍ଗା ଉଚ୍ଚ ବିଦ୍ୟାଳୟରେ ଚେତାବନୀ ସାହିତ୍ୟ ସଂସଦ କେସିଙ୍ଗା ପକ୍ଷରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ନଗରପାଳ ଡାକ୍ତର ହେମସାଗର, ବରିଷ୍ଠ ଶିକ୍ଷକ ହରିଶଙ୍କର ଭୋଇ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସାହିତ୍ୟିକ ରାଜମଣି ସାହୁଙ୍କୁ ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସେହିଭଳି ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ମେହେର ସଙ୍ଗୀତ ପରିବେଷଣ କରାଯାଇଥିଲା। ସାହିତ୍ୟ ସଂସଦ ସଭାପତି ଯାଜ୍ଞସେନୀ ସାହା ସଭାପତିତ୍ୱ କରିଥିଲେ। ସମ୍ପାଦକ ରଞ୍ଜନ ପଣ୍ଡା ସ୍ୱାଗତ ସମ୍ଭାଷଣ ଦେଇଥଲେ। ସାଂଗଠାନିକ ସମ୍ପାଦକ ଯାଦବେନ୍ଦ୍ର ସାହା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜି କ୍ରୀଷ୍ଣା ରେଡ୍ଡୀ ମଞ୍ଚ ପରିଚାଳନା କରିଥିଲେ। ଗୋବିନ୍ଦ ବାଗ, ରମେଶ ଜେନା, ସଂଯୁକ୍ତା ପାଢ଼ୀ, ଡମ୍ବରୁଧର ଭୋଇ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।



# ପାଗଳା




ଅଞ୍ଜନ ଚାନ୍ଦ




ମଡ଼ିକାକା ସବୁବେଳେ ହସୁଥିଲେ । ସେଥିପାଇଁ ବୋଧେ ସମସ୍ତେ ତାଙ୍କୁ ପାଗଳା ବୋଲି କହୁଥିଲେ ।

ଗାଁରେ ମଡ଼ିକାକାଙ୍କର ନିଜଘର ଥିଲା । ଜମିବାଡ଼ି ଥିଲା । ତାଙ୍କ ଭାଇମାନେ ଚାଷ କରୁଥିଲେ । ପରିବାର ସହିତ ସ୍ୱଚ୍ଛଳ ଜୀବନ ଯାପନ କରୁଥିଲେ । ସେ କିନ୍ତୁ ଘରେ ନରହି ଚଇନ ଦାଦା ଘରେ ବାରମାସୀ ଭାତିଆ ହୋଇ ରହିଥିଲେ ।

ସେତେବେଳେ ଆମ ଗାଁରେ ଗୋଟିଏ ମାତ୍ର ପକ୍କାଘର ଏବଂ ସେଇଟା ଚଇନ ଦାଦାଙ୍କର । ଆଗରୁ ଜମିଦାରୀ ଥିଲା । ଏବେ ବି ଭୁଆବିଲରେ ନାଳକୂଳିଆ ଭଲ ଜମି ସବୁ ତାଙ୍କର । ଖଳା ବାଡ଼ିରେ ବଡ଼ ବଡ଼ କଳେଇଗଦା । ଧାନ ଅମାରରେ ଏତେ ଧାନ, ଗାଁ ଯାକ ସମସ୍ତେ ଖାଇଲେ ବି ସରିବନି । ଖଳାବାଡ଼ିକୁ ଲାଗି ଗୁହାଳଘର । ଗୁହାଳରେ ଗୁହାଳେ ଗୋରୁ, ଗାଈ । ସାନ ବଡ଼ ହୋଇ ପଲେ ବାଛୁରୀ । ସେତେ ବଡ଼ ଗୁହାଳ ଆଉ ଗୋରୁଗାଈ ଆମ ଅଞ୍ଚଳରେ କେଉଁଠି ନଥାଏ । ମଡ଼ିକାକା ଥିଲେ ସେଇ ଗୁହାଳ ଘରର ଅଧିକାରୀ । ସକାଳରୁ ରାତିଯାଏ କେତେ କାମରେ ଲାଗିଥା'ନ୍ତି । ଗୋରୁଗାଈଙ୍କୁ କୁଟା, କୁଣ୍ଡା, ପାଣି, ତୋରାଣି ଖୁଆଇବା, ପଡ଼ିଆକୁ ଚରାଇ ନେବା, ରୋଗ ବୈରାଗରେ ଔଷଧ, ସେବା ଶୁଶ୍ରୁଷା, ଗୁହାଳଘର ସଫା, ଆଉକାମ କରିବାକୁ ତାଙ୍କୁ ତର ନଥାଏ । ଗୁହାଳକୁ ଲାଗିଥିବା ଅମାର ଘରର ପିଣ୍ଡାରେ ସେ ରୁହନ୍ତି । ଖଣ୍ଡେ ସପ, ତେଲଚିକିଟା ତକିଆ, ଦୁଇଟା ନାଲିରଙ୍ଗର ଖୋର୍ଦ୍ଧା ଗାମୁଛା, ଏତିକି ମାତ୍ର ସମ୍ବଳ ସହିତ ଦିନକୁ ଦୁଇ ବକ୍ତ ପଖାଳଭାତ ଖାଇ ଯିଏ ସବୁବେଳେ ହସିପାରୁଛି ସେ ଯେ ନିହାତି ଗୋଟେ ପାଗଳା ଏଥିରେ ଗାଁ ଲୋକଙ୍କର ସନ୍ଦେହ ନଥାଏ ।

ଗାଁରୁ ବାହାରିଲେ ବିଶାଳ ମଶାଣିପଦା ଓ ଗୋଚରଭୂଇଁ ନଈକୂଳକୁ ଲମ୍ବିଥାଏ । ମଡ଼ିକାକା ସବୁଦିନ ସେଠାରେ ଗୋରୁ ଗାଈଗୁଡ଼ିକକୁ ଛାଡ଼ିଦେଇ ବରଗଛ ମୂଳରେ ବସନ୍ତି । ମନକୁ ମନ କଥା ହୁଅନ୍ତି ଆଉ ହିଁ ହିଁ ହୋଇ ହସନ୍ତି । ଦିନେ ମୋତେ ପାଖକୁ ଡାକି ପଚାରିଲେ - କିରେ ଛୁଆ, ମୁହଁ ଶୁଖେଇଚୁ କେନେ ?

ମୁଁ କହିଲି - କାକା, ମୋ ପାଠପଢ଼ା ବନ୍ଦ ହେଇଗଲା ।

- ବାଃ, ବଢ଼ିଆ ହେଲା । ତୁ ତ ଖାଲି ଖେଳିବୁ । ମଟର ଟାୟାର ପଛରେ ଧାଇଁବୁ ।

- ନା ନା, ମୁଁ ପଢ଼ିବି ।

- ପଢ଼, କିଏ ମନା କଲା !

- ବହି ଖାତା କିଣିବାକୁ ପଇସା ନାହିଁ ।

ମଡ଼ିକାକା ଏଣେତେଣେ ଚାହିଁ ହୁରି ଛାଡ଼ିଲା - ଏ "ଛୁଆଧରା ବାବୁ, ଏଠିକି ଟିକେ ଆସ ।"

ମଶାଣି ପାଖ ଦେଇ ଗୋଟେ ଧସରା ବାଲି ରାସ୍ତା ହାଟକୁ ପଡ଼ିଥାଏ । ସେଇ ରାସ୍ତାରେ ଯାଉଥିଲେ ଟୋଲବାଡ଼ିର କିରାଣି । ଟୋଲରେ ପଢ଼ିବାକୁ ପିଲା ହେଉ ନଥିବାରୁ ସେ ପ୍ରତିବର୍ଷ ଘର ଘର ବୁଲି ଛୁଆ ଖୋଜନ୍ତି । ସମସ୍ତେ କୁହନ୍ତି, ହେଇ ଆଇଲେ ଛୁଆଧରା ବାବୁ । ମଡ଼ିକାକାଙ୍କ ଡାକ ଶୁଣି ସେ ଆସିଲେ । ମୋତେ ସାଥିରେ ନେଇ ବାପାଙ୍କୁ ଦେଖା କଲେ । ମାଗଣା ବହି ଖାତା ସହିତ ମାସକୁ ଦଶଟଙ୍କା ବୃତ୍ତି ମିଳିବ ଶୁଣି ବାପା ତାଙ୍କ କଥାରେ ରାଜି ହୋଇଗଲେ ।

ଯେ କି ଯୁଗ ହେଲାରେ ! ଶୁଦ୍ରର ଘର ଛୁଆ ସଂସ୍କୃତ ପଢ଼ିବ ! ବଡ଼ ହେଇ କିସ ମନ୍ଦିରରେ ପୂଜାପାଠ କରିବ !

ମୋ' ମନ ପୁଣି ଖରାପ ହୋଇଗଲା । ବରଗଛ ମୂଳରେ ମଡ଼ିକାକାଙ୍କୁ ପଚାରିଲି - ସଂସ୍କୃତ ପଢ଼ି କି କାମ କରିବି ?

ସେ କହିଲେ - ପାଠ ପଢ଼ିବୁ, ଶିଖିବୁ । କିସ କରିବୁ ଭାବୁଚୁ କେନେ ?

ମୁଁ ସଂସ୍କୃତ ପଢ଼ିଲି । ଟୋଲ ପାଠ ସାରି କଲେଜ, ତାପରେ ୟୁନିଭର୍ସିଟିରେ ଆଚାର୍ଯ୍ୟ ପାସ କଲି । ସହରରେ ଗୋଟେ କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଲି । ଛୁଟିରେ ଗାଁକୁ ଆସିଲି । ଦେଖିଲି ଏଇ ସମୟ ଭିତରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି । ମଶାଣିଭୂଇଁ ଓ ଗୋଚର ଜାଗାରୁ ଅଧାଅଧି ସରକାର ଓ ସାଧାରଣ ଲୋକ ମାଡ଼ି ବସିଛନ୍ତି । ଗୋଟେ ଇଲେକ୍ଟ୍ରି ଷ୍ଟ୍ରକ୍ଚର, ପୋଲିସ୍ ଫାଣ୍ଡି, ପାଣିଟାଙ୍କି ଓ ପମ୍ପ ହାଉସ୍ । ରାତିରେ ଉଜ୍ଜ୍ୱଳ ବିଜୁଳିବତିରେ ଝଙ୍କା ବରଗଛଗୁଡ଼ିକ ସେମାନଙ୍କ ଅନ୍ଧାରି ରହସ୍ୟ ହରାଇ ବସିଛନ୍ତି । ଧସରା ବାଲିରାସ୍ତା ଏବେ ପିଚୁ ସଡ଼କ । ଛକ ଜାଗାରେ ଦୋକାନ ବଜାର । ମୋ ବାଲିବନ୍ତ ମଫସଲ ଗାଁଟି ଏବେ କୁନି ସହର ହୋଇଯାଇଛି ।

ବରଗଛ ମୂଳରେ ମଡ଼ିକାକା ଆଉ ତାଙ୍କର ଗୋରୁଗୋଠକୁ ଦେଖିଲି ନାହିଁ ।

ବୋଉ କହିଲା - "ସେ ଆଉ ନାହିଁରେ । ବଞ୍ଚିଥିବାବେଳେ ଯେମିତି ହସୁଥିଲା, ସେମିତି ହସହସ ମୁହଁରେ ମରି ଯାଇଛି । ମରିବା ଦିନ ରାତିରେ ଯେଉଁ କାମଟି କରିଯାଇଛି ତୁ ଶୁଣିଲେ ଆଶ୍ଚର୍ଯ୍ୟ ହେବୁ ।"

- କ'ଣ ?

- ଭଲମନ୍ଦରେ ଚଇନ ତାକୁ ଖର୍ଚ୍ଚ କରିବାକୁ ଯେଉଁ ଟଙ୍କା ଦେଉଥିଲା ସେ ତାକୁ ସବୁ ସଞ୍ଚି ରଖିଥିଲା । ଗୋଟିଏ ନାଲି କନାରେ ବାନ୍ଧି ମୁଣ୍ଡତଳେ ରଖି ଶୋଉଥିଲା । ସେ ମରିଯିବା ପରେ ସେଇଟା ମିଳିଲା । ତା' ଭିତରେ ଖଣ୍ଡେ କାଗଜରେ ଅଙ୍କାବଙ୍କା ଅକ୍ଷରରେ ଲେଖିଥିଲା – ସ୍କୁଲ ପିଲାଙ୍କ ପାଇଁ ରଖିଛି ।

- କେତେ ଟଙ୍କା ଥିଲା ?

- ମୁଁ ଜାଣିନି । ସ୍କୁଲ ଆଗରେ ପିଲାଙ୍କ ପାଇଁ ଯେଉଁ ଖେଳ ବଗିଚା ଅଛି, ସେଇଟା ସେଇ ଟଙ୍କାରେ ତିଆରି ହୋଇଛି ।

ମୋ' ଆଖିଆଗରେ ମଡ଼ିକାକାଙ୍କ ହସହସ ମୁହଁଟି ସ୍ପଷ୍ଟ ଦିଶିଲା । ଯିଏ ଗୋଟେ ଛୋଟ ବାକ୍ୟରେ ମୋ' ଭାଗ୍ୟ ବଦଳାଇ ଦେଇଥିଲେ । ଘର ପରିବାର ନଥାଇ ବି ଗାଁଯାକର ପିଲାଙ୍କ ଖୁସି ପାଇଁ ଟଙ୍କା ସଞ୍ଚୁଥିଲେ । ବଳଦ ପରି ନିରବରେ ଖଟୁଥିଲେ ଅଥଚ ଉଦାସ ନହୋଇ ଅନାବିଳ ହସଟିଏ ସବୁବେଳେ ମୁହଁରେ ଧରିରଖିଥିଲେ ।


ମଡ଼ିକାକା ସତରେ ପାଗଳା ଥିଲେ । ■


ବିକାଶନଗର, ଅଙ୍ଗାରଗଡ଼ିଆ
ବାଲେଶ୍ୱର
ମୋ: ୬୩୭୦୬୬୧୧୪୭


## ପୁସ୍ତକ ପରିଚୟ

### ଚିତ୍ରମୟ ପିଲାଦିନ

ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର




ବନଫୁଲ
ଭି.ଏସ୍.ଏସ୍. ନଗର
ଭୁବନେଶ୍ୱର-୭୫୧୦୧୩
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୧୦ ଟଙ୍କା

ପିଲାଦିନର ସ୍ମୃତି ଅପାସୋରା । ଗାଁର ମନୋରମ ପ୍ରାକୃତିକ ପରିବେଶ, ପର୍ବପର୍ବାଣିର ଆନନ୍ଦ, ସାଙ୍ଗସାଥୀଙ୍କ ନିଷ୍କପଟ ଭଲ ପାଇବା କୈଶୋର କାଳକୁ କରିଦିଏ ମଧୁମୟ । ଏଭଳି ନିଜର ପିଲାଦିନର ସ୍ମୃତିକୁ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର 'ଚିତ୍ରମୟ ପିଲାଦିନ' ପୁସ୍ତକରେ । ବାଲେଶ୍ୱର ଜିଲ୍ଲାର ସମୁଦ୍ରକୂଳବର୍ତ୍ତୀ ଗାଁ ଜଗାଇ ଲେଖିକାଙ୍କ ଜନ୍ମଭୂମି । ଜନ୍ମମାଟିର ବାସ୍ନା ଏବେ ମଧ ତାଙ୍କୁ ଭାବବିଭୋର କରେ । ଗ୍ରାମ୍ୟ ପରିବେଶ, ସରଳ ଗ୍ରାମ୍ୟ ମଣିଷ, ପରିବାର, ସାଙ୍ଗସାଥୀଙ୍କ ଅକପଟ ଭଲ ପାଇବା, ସ୍କୁଲ ଜୀବନର ଅଭୁଲା ସ୍ମୃତିକୁ ଅତି ହୃଦୟସ୍ପର୍ଶୀ ଭାବେ ସେ ଏହି ପୁସ୍ତକରେ ଲିପିବଦ୍ଧ କରିଛନ୍ତି । 'ଚିତ୍ରମୟ ପିଲାଦିନ', 'ପିଲାଦିନ, ଲତାଗିରି ବନଗିରି', 'ପୋଖରୀ ଆଡ଼ିରେ ଗଇଶ ଫୁଲର ଘର', 'କ୍ଷୀରପା ସହ ଯାତ୍ରା ଦେଖା', 'ଶୈଶବର ସୁଗନ୍ଧ ଭିତରେ ଅପାସୋରା ମାମୁଁ ଘର ଗାଁ', 'ମକର ସଂକ୍ରାନ୍ତି ମେଳା ଏବଂ କ୍ଷୀରପା', 'ସ୍ମୃତିର ସିନ୍ଦୂର ଭିତରେ', 'ମୋର ପ୍ରଥମ ଗୀତ ଶିଖିବାର ଦିନ', 'ପ୍ରିୟ ବାନ୍ଧବୀ ସାଳନ୍ଦୀ' ଆଦି ଲେଖାଗୁଡ଼ିକରେ ଲେଖିକା ପିଲାଦିନର ମଧୁର ସ୍ମୃତିଚାରଣ କରିଛନ୍ତି । ମାମୁଁ ଘର ଗାଁ, ସାଳନ୍ଦୀ ନଦୀ, ପୋଖରୀ ପାଣିରେ କଇଁଫୁଲ ତୋଳିବାର ମଜା, ଗଇଶ ଫୁଲର ସୌନ୍ଦର୍ଯ୍ୟ, ଅଜଣା ପକ୍ଷୀଙ୍କ କଳରବ ପିଲାଦିନେ ଲେଖିକାଙ୍କୁ ତନ୍ମୟ କରିଥିଲା । 'ଚିତ୍ରମୟ ପିଲାଦିନ' ପୁସ୍ତକଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ବର୍ଷା


ଇନ୍ଦିରା ଦାଶ




ଅରଣ୍ୟର ସୀମା ଡେଇଁ
ପର୍ବତର ଚୂଳ ଛୁଇଁ
ଝରି ପଡ଼ ଝରଝର ହୋଇ
ଆକାଶର ଆଚ୍ଛନ୍ନ ସୀମାନ୍ତେ ।

ବଳାକାର ରୂପ ନେଇ
ଭାସି ଚାଲ ଚାରି ମେଘ ହୋଇ
ପକ୍ଷୀର ଆର୍ଦ୍ର ଡେଣାରୁ ସ୍ନେହର
ସନ୍ତକ ହୋଇ ମାଟି ଅଗଣାକୁ ।

କଳା ବଉଦର ଶାଢ଼ି ପିନ୍ଧି
କାଦମ୍ବରୀ ପିଆଲା ଧରି
ଗଭାରେ କଦମ୍ବ ଖୋସି ବିସ୍ତରି ଯାଅ
ଚେତନାର ମୃଣ୍ମୟୀ ସଂଜରେ ।

ପୂର୍ଣ୍ଣଗର୍ଭା କରିବାକୁ
ଶୁଖିଲା ନଈକୁ, ମିଶି ଯାଅ
ଅମୁହାଁ ମୁହାଣର ନିର୍ଜନ ସୈକତର
ଅନ୍ଧାରି ଛାତିରେ ।

ଧୂ ଧୂ ନିଦାଘ କ୍ଷେତରେ
ରଚିଦିଅ ସବୁଜ ଶୃଙ୍ଗାର
ତୃପ୍ତ କର ଦେହ ମନ, ପ୍ରାଣ
ନିଖିଳ ନିଃସର୍ଗ ।

ବର୍ଷା କ'ଣ ଏକ ସମ୍ମୋହନ
ସମ୍ଭୋଗର ଋତୁ
ମିଳନର ଅପେକ୍ଷାରେ
ବଂଶୀର ବିଳାପ
ଅବା ଯନ୍ତ୍ରଣାର ଆଦିମ ରୂପକ
ଦୁଃଖକୁ ଭୋଗି ଭୋଗି
ଲୁହ ପିଇ ଯାଇ ଥିବା ଦୁଇ ଓଠ ।

ରହସ୍ୟମୟୀ ନାରୀ ଭଳି
ପ୍ରେମ ଦିଅ, ଶକ୍ତି ଦିଅ
ଧ୍ୱଂସର ଆବର୍ତ୍ତ ଭିତରୁ ଶୁଣାଅ
ସର୍ଜନାର ଗୋପନ ସଂକଳ୍ପ । ■




ଅନୁଗୋଳ ବଜାର, ଅନୁଗୋଳ


# ଅଜଣା ପକ୍ଷୀ


ତ୍ରିନାଥ ସିଂହ




ନିଘୋଡ଼ ରାତିରେ ଆଚ୍‌କା ଭାଙ୍ଗିଯାଏ
ନିଦ ।

ମନେହୁଏ ଯେମିତି
ଏବେ ଏବେ କେହିଜଣେ ଏଇଠି ଥିଲା
ଓ ଛୁଇଁଦେଲା ଖୁବ୍ ସନ୍ତର୍ପଣରେ ମୋର ନିଦ୍ରିତ ଦେହ ।

ରାତ୍ରୀର ନୀରବତାକୁ ଆଡ଼େଇ
ଝର୍କା ସେପାଖର କୋଉ ଗଛଉହାଳରୁ
ରହି ରହି ଶୁଭିବ ଗୋଟେ ଅଜଣା ପକ୍ଷୀର ଉଚ୍ଛନ୍ନ ରାବ
ଧୀରେ ଧୀରେ ଯାହା ମୋହାଚ୍ଛନ୍ନ କରିଦେବ ମତେ
ଓ କ୍ରମଶଃ ଶୁଭିବ ମୋର ନାଆଁ ଭଳି...

ଯେମିତି ନିହାତି ଚିହ୍ନାଜଣା କେହିଜଣେ
ମତେ ଡାକପାରୁଛି ଥରକୁ ଥର ।

ସେଇ ଆଚ୍ଛନ୍ନତା ଭିତରେ ହିଁ ମୁଁ ଉଠିବସିବି
କର୍ତ୍ତୃତ୍ୱହୀନ
ଓ କେହିଜଣେ ବଶୀଭୂତ କରିନେଉଥିବା ପରି
ବାହାରି ଆସିବି ବାହାରକୁ ।

ଖଇ ବୁଣିଯିବା ପରି ଚିତ୍ରିତ ଆକାଶରେ ଏଣେତେଣେ ଜିକ୍‌ଜିକ୍ କରୁଥିବା
ଓ ନିଜ ଭିତରେ ନିଜେ ଜଳୁଥିବା ତାରାମାନେ
ନିର୍ବାକ କାନେଇଥିବେ ପକ୍ଷୀକୁ...

ଯାହା ସେତେବେଳ ଯାଏଁ
ଅଭିମନ୍ତ୍ରିତ କରିସାରିଥିବ ନିରୀହ ନୀରବତାକୁ ଆଖପାଖର ।

ରାତିର ଅନ୍ଧାରରେ ଉତ୍ତରପାଖର ପାହାଡ଼
ଯାହା ଅତ୍ୟନ୍ତ ବୃଦ୍ଧ, ଜୀର୍ଣ୍ଣଶୀର୍ଣ୍ଣ ଓ ଏବକୁ ଲୋପପାଇ ଯାଇଥିବା
କୋଉ ପ୍ରାଗୈତିହାସିକ ଜୀବଜନ୍ତୁଙ୍କ କଙ୍କାଳ ପରି ପ୍ରତେ ହେଉଥିବ...

ପକ୍ଷୀର ପ୍ରତି ଡାକର ବ୍ୟବଧାନରେ
ବାରିହେଇ ପଡୁଥିବା ତା'ର କୁହାଣୀ ଓ ଭଙ୍ଗାଭଙ୍ଗା ଛାଇ
ବେଳୁବେଳ ଆହୁରି କ୍ଷୀଣ ଓ ଦୁର୍ବଳ ଲାଗୁଥିବ ।

ମୋ' ନାଆଁ ଭଳି
ଓ ନିହାତି ଚିହ୍ନାଜଣା ଲୋକର ସ୍ୱର ପରି ଶୁଭୁଥିବା
ପକ୍ଷୀର ଡାକ
ଆଉ ଗଛ ଉହାଳରୁ ଶୁଭିବନି ଏଥର...
ଗୁମୁରି ଗୁମୁରି ଆସୁଥିବ
କୋଉ ଯୋଜନ ଯୋଜନ ବର୍ଷ ଦୂର
ଗୋଟେ ସଂକୀର୍ଣ୍ଣ ଓ ଆବଦ୍ଧ ଗମ୍ଭୀରା ଭିତରୁ
ଡେଇଁଡାଇଁ ଅରମା, ବଣ, ପାହାଡ଼, ଶ୍ମଶାନ ଓ ଜନ୍ମଜନ୍ମାନ୍ତର ।


ଅଚାନକ ମୁକୁଳି ଆସିବା ବେଳକୁ
ସେଇ ଅତିନ୍ଦ୍ରୀୟ ଆଲୋକର ନିଗୂଢ଼ ଆଚ୍ଛାଦନରୁ,
ମୁଁ ଚମତ୍କୃତ ହେଇଯିବି...
ଯେତେବେଳେ ମୁଁ ଅନୁଭବ କରିବି ଯେ'
ସେଇ ଅଜଣା ପକ୍ଷୀର କୁହାଟ
ମୋ'ରି ନିକଟରୁ ହିଁ ଶୁଭୁଛି କୋଉଠୁ...

ହୁଏତ ମୋ'ରି ଭିତରୁ...!! ■


ଭବିଷ୍ୟନିଧି କାର୍ଯ୍ୟାଳୟ
ପାନପୋଷ ମାର୍ଗ, ରାଉରକେଲା - ୭୬୯୦୧୨
ମୋ: ୮୮୯୫୦୯୯୪୬୪


### ପବନର ଦେହ

ସେନାପତି ପ୍ରଦ୍ୟୁମ୍ନକେଶରୀ




ଟାଇମ୍ ପାସ୍
ନୀଳକଣ୍ଠ ମାର୍ଗ, ବରମୁଣ୍ଡା
ଭୁବନେଶ୍ୱର-୭୫୧୦୦୩
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୯୫ ଟଙ୍କା

'ପ୍ରେମର କ୍ଷେତବାଡ଼ି/ସମ୍ପର୍କର ହାଣ୍ଡିଠେକି/ବିଶ୍ୱାସର ଘରଡିହ/ଭରସାର କୂଅମୂଳ/ଏସବୁ ଭିତରେ ବୋଉ ସୁଖ ପାଏ ।' (ବୋଉର ଖାଲି ବିଛଣା) ଅତୁଳନୀୟ ମା'ର ତ୍ୟାଗ ଓ ତିତିକ୍ଷା । ସବୁ ଦୁଃଖ, କଷ୍ଟ, ଯନ୍ତ୍ରଣା ଭିତରେ ମଧ ସେ ପାଏ ଅପାର ସୁଖ । ଜୀବନକୁ ତିଳ ତିଳ କରି ଜାଳି ଦେବାରେ ହିଁ ତା'ର ଆନନ୍ଦ । ଏହି ମାନବୀୟ ଭାବାବେଗ ଫୁଟି ଉଠିଛି ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ 'ପବନର ଦେହ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ପଇଁଚାଳିଶଟି ମନଛୁଆଁ କବିତା ସଂକଳିତ ହୋଇଛି । କବି କେଉଁଠି ପ୍ରକୃତିର ସୌନ୍ଦର୍ଯ୍ୟରେ ବିଭୋର ହୋଇଉଠିଛନ୍ତି, ପୁଣି କେଉଁଠି ମଣିଷର ଦୁଃଖ, ଯନ୍ତ୍ରଣାରେ ବିଳପି ଉଠିଛି ତାଙ୍କ ହୃଦୟ । ଆଉ କେବେ ଜୀବନବାଦର ସଙ୍ଗୀତ ଗାନ କରିଛନ୍ତି ସେ ତଲ୍ଲୀନ ହୋଇ । ଏହି ପୁସ୍ତକର 'ବର୍ଷାରାତିରେ', 'ଆକାଶ ପୂଜା', 'ପଦ୍ମତୋଳା', 'ବୁଢ଼ାର ଲାଠି', 'ନିର୍ବୋଧ ଦର୍ପଣ', 'ନଗଡ଼ା କଥା', 'କାଳ ଅକାଳ', 'ସେଇ ଚାଦରଖଣ୍ଡକ', 'ବୋଉର ଖାଲି ବିଛଣା', 'କାଲି ରାତିର ଅନ୍ଧାର', 'ଅଭିନ୍ନ ଛାଇ', 'ବର୍ଷା ଋତୁରେ ନଈ', 'ଯେଉଁଠି ସରିଯାଏ ସମ୍ବାଦ', 'ଅଚିହ୍ନା ପ୍ରାଣୀ', 'ଦୀପ ଜଳିଲେ', 'ଘର' ପ୍ରଭୃତି କବିତା ହୃଦୟସ୍ପର୍ଶୀ ହୋଇଛି । ପ୍ରତିଟି କବିତାର ଭାବ ଓ ସମ୍ମୋହନ ସ୍ୱତନ୍ତ୍ର । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ମୁଁ ତ ଅମୃତ ସାଗର ବିନ୍ଦୁ ...


ପ୍ରଦୀପ୍ତ ଶ୍ରୀଚନ୍ଦନ




ଏ ମାଟିର ମହାକବି ଗଙ୍ଗାଜୀବ ଗଙ୍ଗାଧର ସାରସ୍ୱତ ସାଧନା ଆଉ ଉପାସନା ସହ ଶବ୍ଦ ଶବ୍ଦ ମଧ୍ୟରେ ନିର୍ମାଣ କରିଛନ୍ତି ଶବ୍ଦମୟ ଜଗତ । ତାଙ୍କ କାବ୍ୟକୃତି ପାଠକର ଚେତନାକୁ, ଭକ୍ତି ଭାବନା ଓ ଜୀବନ ଦର୍ଶନକୁ, ମାନବିକ ଓ ସାମାଜିକ ମୂଲ୍ୟବୋଧକୁ ରଞ୍ଜିତ ତଥା ଉଦ୍‌ବେଳିତ କରି ପାରିଛି । ପୁନଶ୍ଚ ଏହି ମହାନ୍ ଋଷିକବି ଗଙ୍ଗାଧର ମେହେରଙ୍କ ସାହିତ୍ୟ ଶିଳ୍ପ ସତ୍ୟ, ଶିବ ଓ ସୁନ୍ଦରର ପ୍ରତ୍ୟକ୍ଷ ଚିତ୍ରଣ କରି ତା'ର ପ୍ରତିଷ୍ଠା କରିଯାଇଛି । ତେଣୁ ସ୍ୱଭାବ କବିଙ୍କ ସାହିତ୍ୟ କୃତି ମଧ୍ୟରେ ଦିବ୍ୟ ଆଲୋକର ମହନୀୟ ବିଭା ଓ ସୁନ୍ଦରର ସ୍ପନ୍ଦନ ସତତ ଅନୁରଣିତ । ସେଇଥିପାଇଁ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କର କବି ଗଙ୍ଗାଧର ପ୍ରବନ୍ଧର ଆରମ୍ଭରେ ଲେଖିଛନ୍ତି, "ସାହିତ୍ୟରେ କବିତାର ସ୍ଥାନ ଓ ସମାଜରେ କବିର ସ୍ଥାନ ବିଷୟରେ ଧାରଣା କ୍ରମଶଃ ବଦଳି ଯାଉଛି । ସାହିତ୍ୟ କ୍ଷେତ୍ରରେ ଏକଦା କବିତାର ସ୍ଥାନ ଥିଲା ସର୍ବଶ୍ରେଷ୍ଠ । ସେହିପରି ସମାଜରେ କବି ଥିଲେ ସର୍ବଶ୍ରେଷ୍ଠ ବ୍ୟକ୍ତି । ଐଶୀଶକ୍ତି ବିନା କବି ହେବା ଅସମ୍ଭବ ବୋଲି ଏକ ସମୟରେ ବିଶ୍ୱାସ ଥିଲା । କବି କହିଲେ ସିଦ୍ଧପୁରୁଷ ବୋଲି ବୁଝାଉଥିଲା । ସାଧନା କରି ଯେଉଁ ସମୟରେ କବିର ପ୍ରତିଷ୍ଠା ଅତି ଅଳ୍ପ ଲୋକେ ଲାଭ କରୁଥିଲେ, ସେତେବେଳେ କବି ଜଣେ ଦାର୍ଶନିକ, ଜଣେ ସମାଜ ବିଧାୟକ, ଜଣେ ଦୂରଦର୍ଶୀ ଓ ଜଣେ ଈଶ୍ୱରଙ୍କର ନିକଟତମ ବ୍ୟକ୍ତି ବୋଲି ସମାଜ ବିଚାରୁ ଥିଲା" । ତେଣୁ ଡକ୍ଟର ମହତାବଙ୍କ ବିଚାରରେ ସ୍ୱଭାବ କବି ଗଙ୍ଗାଧର ମେହେର ଥିଲେ ସେହି ଅର୍ଥବୋଧର କବି । ସ୍ୱଚ୍ଛ ହୃଦୟ, ସ୍ୱଚ୍ଛଳ ଭାବାବେଶ, ଭାଷା ଉପରେ ଭାବର ପ୍ରାଧାନ୍ୟ ଓ ସର୍ବୋପରି ଈଶ୍ୱରାଭିମୁଖୀନତା ଏହା ହିଁ ଗଙ୍ଗାଧରଙ୍କର କାବ୍ୟ-କବିତାରେ ପରିସ୍ଫୁଟ ଆଉ ସେଇଥିପାଇଁ ସେ ସମାଜର ସର୍ବଶ୍ରେଷ୍ଠ ବ୍ୟକ୍ତି – କବି ।

ଗଙ୍ଗାଧରଙ୍କର ଏ ଅନନ୍ୟ ପ୍ରତିଭା ଖାଲି ସ୍ୱଭାବଜାତ ନୁହେଁ, ଜୀବନ ଓ ପ୍ରକୃତିର ଗଭୀର ଅନୁଶୀଳନ, ଅଧ୍ୟବସାୟ ଓ ଅଧ୍ୟୟନ ଯୋଗୁଁ ତାହା ଯେତିକି ପରିମାର୍ଜିତ ଆଉ ସ୍ୱଚ୍ଛ ସେତିକି ସଂଯତ ହୋଇ ତାଙ୍କୁ ଆମର ସାଂସ୍କୃତିକ ପ୍ରତୀକ ଭାବରେ ମର୍ଯ୍ୟାଦା ପ୍ରଦାନ କରିଛି । କବି-ରାଧାନାଥଙ୍କ ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ସର୍ବାଧିକ ପ୍ରତିଭାଶାଳୀ କବି କେବଳ ନୁହନ୍ତି, ତାଙ୍କର ବ୍ୟକ୍ତିତ୍ୱ ଓ ଜୀବନାଦର୍ଶ ମଧ ଜନସାଧାରଣରେ ସର୍ବାଧିକ ଆଦୃତ । ସେ ସଂଖ୍ୟାଧିକ ସାଧାରଣ ଜନତାଙ୍କ ଅନ୍ତଃସ୍ୱରବାହୀ ସାହିତ୍ୟ ସାଧକ । ଋଷିପ୍ରାଣ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱର ମୂଳଦୁଆ, ତାଙ୍କ ବଞ୍ଚିବାର ଅସଲ ଆଧାର ଈଶ୍ୱର ସମର୍ପିତ ଜୀବନଧାରଣ ଯାହା ଏ ଭୂଖଣ୍ଡର ଅଗଣିତ ଜନତାଙ୍କ ପାଇଁ ସଦୈବ ଜୀବନର ମୂଳଧାର । କବି ମେହେର ବାଲ୍ୟକାଳରୁ ଥିଲେ ଈଶ୍ୱରବିଶ୍ୱାସୀ । ମାନବ ଜୀବନର ଶାଶ୍ୱତ ଅଭିଳାଷ ଭଗବତ୍ ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ କବି ବିଶ୍ୱର ବିଚିତ୍ର ଲୀଳାକୁ ଅନୁଧାନ କରିଛନ୍ତି । ସନାତନ ଆର୍ଯ୍ୟବାଣୀ ତାଙ୍କ ପ୍ରାଣରେ ତୋଳିଥିଲା ସାତ୍ତ୍ୱିକ ମୂର୍ଚ୍ଛନା । ସୁଖ ଦୁଃଖର ସଂସାର ବନ୍ଧନରେ ବାନ୍ଧି ହୋଇବି ସେ ଈଶ୍ୱରଙ୍କ ଆଶୀର୍ବାଦକୁ ସଦାସର୍ବଦା ସ୍ମରଣ କରିଛନ୍ତି । ପାପତାପରେ ସନ୍ତୁଳିତ ମଣିଷର ବିଭୁକୃପା ବିନା ଅନ୍ୟ ଗତି ବା କାହିଁ? ସାଂସାରିକ ଜଞ୍ଜାଳ, ଦୁଃଖ, ବ୍ୟଥା ଆଦିକୁ ଅତିକ୍ରମ କରି ସେଇ ପରମ କାରୁଣିକଙ୍କର ପାଦରେ ଶରଣ ପଶି କରୁଣା ଭିକ୍ଷା କଲେ ଆତ୍ମାଭର ଆନନ୍ଦ ମିଳେ । ତେଣୁ ସେ ଲେଖିଲେ, "ମନ ଭ୍ରମୁଛୁ କାହିଁକିରେ ନିଜ ଧନେ କରି ହେଳା ।" କବିଙ୍କର କାବ୍ୟ କବିତାର ଅନ୍ୟ ଏକ ଦୃଷ୍ଟିଭଙ୍ଗୀ ହେଉଛି ନୀତିକଥା । ମାନବର କର୍ମର ଉଚିତ୍ ଅନୁଚିତ ବିଚାର କରିବା ନୀତିଶାସ୍ତ୍ରର ଲକ୍ଷ୍ୟ । ଏହି ଦୃଷ୍ଟିକୋଣରୁ ତର୍ଜମା କଲେ କବି ଅତ୍ୟନ୍ତ ସରଳ ଓ ପ୍ରାଣସ୍ପର୍ଶୀ ଢଙ୍ଗରେ ଜୀବନରେ କର୍ମ ଆଉ ପରମ୍ପରାର ନିୟନ୍ତ୍ରଣ ନିମନ୍ତେ ପାଠକ ସମ୍ମୁଖରେ ନୀତିବଚନ ବାଢ଼ି ବସିଛନ୍ତି । ଯେମିତି ତାଙ୍କ ରଚିତ କବିତା 'ମହିମା' । କବିଙ୍କର ସାହିତ୍ୟ ଶିଳ୍ପ, ସତ୍ୟ, ଶିବ ଓ ସୁନ୍ଦରର ପ୍ରତ୍ୟକ୍ଷ ଚିତ୍ରଣ କରି ତା'ର ପ୍ରତିଷ୍ଠା କରିଯାଇଛି । ସ୍ୱଭାବ କବିଙ୍କ ସାହିତ୍ୟ କୃତି ମଧ୍ୟରେ ଦିବ୍ୟ ଆଲୋକର ମହନୀୟ ବିଭା ଆଉ ସୁନ୍ଦରର ସ୍ପନ୍ଦନ ସତତ ଅନୁରଣିତ ।


'ମଧୁବାତା ଋତାୟନ୍ତେ, ମଧୁକ୍ଷରନ୍ତି ସିନ୍ଧବଃ'- ଏହି ବେଦବାଣୀରେ ଉଦ୍‌ବୁଦ୍ଧ ହୋଇ କବି ଏ ସୃଷ୍ଟିକୁ ମଧୁମୟ ଆଉ ନିଜକୁ ଅମୃତସାଗରର ବିନ୍ଦୁ ଭାବରେ ଚିତ୍ରଣ କରିଛନ୍ତି । ସେଇଥିପାଇଁ ଅମୃତମୟ କବିଙ୍କର ସୌନ୍ଦର୍ଯ୍ୟ ଦୃଷ୍ଟିରେ ପ୍ରକୃତିର ତମୋମୟ ଓ ରଜୋମୟ ରୂପ ଶାନ୍ତପୂତ, ସତ୍ତ୍ୱମୟ ରୂପରେ ପୂର୍ଣ୍ଣତା ଲାଭ କରିଛି । ଏ ସମଗ୍ର ବିଶ୍ୱ ମଧୁମୟ । ସେହି ମଧୁମୟ ଭୂମାର ସୃଷ୍ଟି ଅତୀବ ବିଚିତ୍ର । ସୂର୍ଯ୍ୟ ଚନ୍ଦ୍ର, ଗ୍ରହ, ତାରା, ଅଚଳ, ଅନୀଳ, କୋଇଲିର କୁହୁତାନ-ସର୍ବତ୍ର ସେହି ମହିମାମୟ, ମଧୁମୟଙ୍କର ଆବାସସ୍ଥଳୀ । ପୁଷ୍ପିତ କାନନ, ଶିଶୁର ମୁଖମଣ୍ଡଳ, ନଦୀ, ଝରଣା, ତଡ଼ାପ, ସମୁଦ୍ର-ସବୁରି ମଧ୍ୟରେ ସେଇ ମଧୁମୟଙ୍କର ସାଧୁ ସତ୍ତା କବିଙ୍କର କବିତାରେ ଉପଲବ୍ଧ ।

କବିଙ୍କ ରଚିତ କବିତାଗୁଡ଼ିକରେ ସେ କାଳରେ ଘଟି ଯାଉଥିବା ମୁଖ୍ୟ ଘଟଣାଗୁଡ଼ିକର ପ୍ରତିଫଳନ ଅତ୍ୟନ୍ତ ସ୍ପଷ୍ଟ । ତେଣୁ ସମୟ ସ୍ପନ୍ଦନ ସହିତ ଆଶା, ଆଶଙ୍କା ଆଉ ସୁଖ ଦୁଃଖର ପ୍ରତିବିମ୍ବ ବହନ କରି ଏମାନେ ମେହେରଙ୍କ ସ୍ପନ୍ଦନଶୀଳ ଅନ୍ତରର ସୂଚକ ହେବା ସହିତ ସମକାଳୀନ ଯୁଗ ଚେତନା ଓ ଯୁଗ ଯନ୍ତ୍ରଣାର ବାର୍ତ୍ତାବହ ରୂପେ ଇତିହାସର ଧାରା ଦର୍ଶାଇବାରେ ସହାୟକ ହୋଇଛନ୍ତି । ତେଣୁ ଗବେଷକମାନଙ୍କ ମତରେ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ପରମ୍ପରା ଓ ଆଧୁନିକତାର, ଗତାନୁଗତିକତା ଓ ମୌଳିକ ଚିନ୍ତନ ଶକ୍ତିର, ପରିଶୁଦ୍ଧ ଆଦର୍ଶ ଓ ଗ୍ରାମୀଣ ବାସ୍ତବତାର, ସଚେତନ ଶିଳ୍ପୀତ୍ୱ ଓ ଭାବପ୍ରବଣ କବିତ୍ୱର, ବିନମ୍ର ମାନବ ଓ ଅକୁତୋଭୟ ଆଦର୍ଶ ଋଷିଗତିକର ସଂହତ ଚାରିତ୍ରିକ ବୈଶିଷ୍ଟ୍ୟର ପ୍ରାକୃତିକ ସମାବେଶ । ଏଇଥିରେ ହିଁ ନିହିତ ତାଙ୍କର ଜନପ୍ରିୟତା ଆଉ ଅମରତ୍ୱର ଅସଲ ରହସ୍ୟ । ତେଣୁ ଡକ୍ଟର ମହତାବଙ୍କ ଭାଷାରେ- "ଗଙ୍ଗାଧର ସାହିତ୍ୟର ସମାଲୋଚନା ନାନା ଦିଗରୁ ନାନା ପଣ୍ଡିତମାନେ କରିଲେଣି, କରୁଛନ୍ତି, କରିବେ ମଧ । ସମାଜର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାହିତ୍ୟ ପ୍ରତି ଧାରଣା ମଧ ପରିବର୍ତ୍ତିତ ହୋଇଯିବ । କିନ୍ତୁ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ, ଯାହା ତାଙ୍କର ସାହିତ୍ୟରେ ଫୁଟି ଉଠିଛି, ତାହାହିଁ ରହିଯିବ ଚିରକାଳ ପ୍ରତ୍ୟେକ ଲେଖକର ଅନୁକରଣୀୟ ଆଦର୍ଶ ହୋଇ ।" ■


ଅବସରପ୍ରାପ୍ତ ନିର୍ଦ୍ଦେଶକ
ପ୍ରସାର ଭାରତୀ
ପଟିଆ, ଭୁବନେଶ୍ୱର


### ଚାଇଲ୍ଡ ଇସ୍ୟୁସ୍: ପେରେଣ୍ଟସ୍ ବିୱେର୍

ସତ୍ୟବ୍ରତ ପାତ୍ର




ଧାରା ଶ୍ରୀରାଧା ଟ୍ରଷ୍ଟ
ମାତୃ ବିହାର, ରଘୁନାଥପୁର
ଭୁବନେଶ୍ୱର-୭୫୧୦୨୪
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୩୭୫ ଟଙ୍କା

ଶିଶୁମାନଙ୍କ ଭବିଷ୍ୟତ ଗଠନ କରିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବାଲ୍ୟ ସମୟରୁ ଯଦି ଉପଯୁକ୍ତ ପରାମର୍ଶ ଦିଆଯାଏ, ତେବେ ଭବିଷ୍ୟତରେ ସେମାନେ ଜଣେ ଜଣେ ଉତ୍ତମ ନାଗରିକ ହୋଇପାରିବେ । ଶିଶୁମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ କ'ଣ କ'ଣ ପଦକ୍ଷେପ ନିଆଯିବା ଉଚିତ, ତାହା ପ୍ରକାଶ ପାଇଛି ସତ୍ୟବ୍ରତ ପାତ୍ରଙ୍କ 'ଚାଇଲ୍ଡ ଇସ୍ୟୁସ୍: ପେରେଣ୍ଟସ୍ ବିୱେର୍' ପୁସ୍ତକରେ । ଇଂରାଜୀ ଭାଷାରେ ରଚିତ ଏହି ପୁସ୍ତକରେ ଶିଶୁମାନଙ୍କ ବ୍ୟବହାର, ଚରିତ୍ର ଗଠନ, ଶିକ୍ଷା, ଯୌନ ଶିକ୍ଷା ପ୍ରଦାନର ଆବଶ୍ୟକତା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ବ୍ୟକ୍ତି ଚରିତ୍ର ଉପରେ ସର୍ବାଧିକ ପ୍ରଭାବ ପକାଇଥାଏ ବାଲ୍ୟ ବୟସ । ଉପଯୁକ୍ତ ବାତାବରଣ ନ ପାଇଲେ ଶିଶୁମାନଙ୍କର ସଂପୂର୍ଣ୍ଣ ବିକାଶ ହୋଇପାରେ ନାହିଁ । ବାଲ୍ୟ ସମୟରୁ ପିଲାର ସମସ୍ତ ଯତ୍ନ ନେବା ସହ ତା'ର ଆଧ୍ୟାତ୍ମିକ ବିକାଶ ଦିଗରେ କିପରି ପିତାମାତା ପଦକ୍ଷେପ ନେବା ଆବଶ୍ୟକ ତା' ଉପରେ ପୁସ୍ତକଟି ପର୍ଯ୍ୟବସିତ । ଦୋଷଗୁଣକୁ ସମାଲୋଚନା ନ କରି ସନ୍ତାନମାନଙ୍କ ଭିତରେ ଥିବା ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ଦେଖିବା ପାଇଁ ଲେଖକ ପରାମର୍ଶ ଦେଇଛନ୍ତି । ସତପଥରେ ପରିଚାଳିତ ହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦିଆଯିବା ଆବଶ୍ୟକ । ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

## ରାଜ୍ୟସ୍ତରୀୟ ସମାରୋହରେ ଅଗଷ୍ଟ କ୍ରାନ୍ତି ବୀରଙ୍କୁ ଶ୍ରଦ୍ଧାଞ୍ଜଳି

# ସ୍ୱାଧୀନତାର ମୂଲ୍ୟ ଆମେ ସୁରକ୍ଷିତ ରଖିବା: ବାଚସ୍ପତି



ଭୁବନେଶ୍ୱର, ୯।୮ (ସମିସ): ଭାରତବର୍ଷକୁ ସହଜରେ ସ୍ୱାଧୀନତା ମିଳିନାହିଁ। ଆମେ ଏକ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଫଳରେ ଆମକୁ ସ୍ୱାଧୀନତା ମିଳିଛି। ସେହି ସ୍ୱାଧୀନତାର ମୂଲ୍ୟକୁ ଆମକୁ ସୁରକ୍ଷିତ ରଖିବାକୁ ହେବ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମତବ୍ୟକ୍ତ କହିଛନ୍ତି।

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୪୨ ଅଗଷ୍ଟ ୮ ଓ ୯ ତାରିଖର ଇତିହାସକୁ ଅବଲୋକନ କରି ସେଦିନର ସେହି ଭାରତ ଛାଡ଼ ଆହ୍ୱାନ ଶେଷରେ ଇଂରେଜ ସରକାରକୁ ଦେଶ ଛାଡ଼ି ଚାଲିଯିବାକୁ ବାଧ କରିଥିଲା ବୋଲି ସେ କହିଛନ୍ତି। ଏହି ଅବସରରେ ବାଚସ୍ପତି ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଭାଗିରଥ ମହାପାତ୍ର, ବିଶ୍ୱନାଥ ଦାସ, ନିତ୍ୟାନନ୍ଦ କାନୁନଗୋ, ରାଜକୃଷ୍ଣ ବୋଷ, ପ୍ରାଣକୃଷ୍ଣ ପଢ଼ିଆରୀ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ଆଚାର୍ଯ୍ୟ ହରିହର, ସଦାଶିବ ତ୍ରିପାଠୀ, ମା' ରମାଦେବୀ, ସରଳା ଦେବୀ ପ୍ରମୁଖଙ୍କୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବିରୋଧୀଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦେବ, ସମୀର ମହାନ୍ତି, ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମିତିର ସଂଯୋଜକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଓ ବିରୂପାକ୍ଷ ତ୍ରିପାଠୀ ସଂଯୋଜନା କରିଥିବାବେଳେ ଅଭୟ ବଡ଼ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜାତୀୟ ପତାକା ସ୍ତମ୍ଭରେ ରକ୍ଷାବନ୍ଧନ କରାଯାଇଥିଲା। ଅତିଥିମାନେ ଜାତୀୟ ପତାକା ଉତ୍ତୋଳନ କରି ସେହି ସ୍ତମ୍ଭରେ ରାକ୍ଷୀ ବାନ୍ଧିଥିଲେ। ଶାଶ୍ୱତୀ ଅନୁଷ୍ଠାନ ପକ୍ଷରୁ ତନୟା ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ରାମଧୂନ୍ ଏବଂ କମିଶନରେଟ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବାଦ୍ୟଧ୍ୱନି ପରିବେଷଣ କରାଯାଇଥିଲା।

**ଶିକ୍ଷାନୁଷ୍ଠାନରେ ପୁଣି ଲଜ୍ଜା!**

# ଆଦିବାସୀ ଶିକ୍ଷୟିତ୍ରୀଙ୍କୁ କିରାଣିଙ୍କ ଦୁର୍ବ୍ୟବହାର

- ଏରିଅର୍ ଟଙ୍କା ଦେବା ପାଇଁ ଫେବର୍ ମାଗୁଥିଲେ
- ଥାନାରେ ମାମଲା; ଚାପରେ ଶିକ୍ଷୟିତ୍ରୀ
- ଆଇସିସିରେ ଜଣାଇବା ପରେ ମିଳିଲାନି ନ୍ୟାୟ

ବାରିପଦା, ୯।୮ (ସମିସ): ଶିକ୍ଷାନୁଷ୍ଠାନରେ ପୁଣି ଲଜ୍ଜା। ବାରିପଦା ବିଇଓ ଅଫିସ୍‌ର କିରାଣୀ ଜଣେକ ଆଦିବାସୀ ଶିକ୍ଷୟିତ୍ରୀଙ୍କୁ ୬ ମାସ ହେଲା ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ବିଇଓ କାର୍ଯ୍ୟାଳୟର କିରାଣୀ ଶାନ୍ତନୁ କର ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ୬ ମାସର ଏରିଅର କରାଇବା ନିମନ୍ତେ ଫେବର ମାଗିବା ସହ 'ପଇଡ' ଦେବାକୁ ସେ ଦାବି କରୁଥିଲେ। ଏନେଇ ଶିକ୍ଷୟିତ୍ରୀଙ୍କ ଅଭିଯୋଗ କ୍ରମେ ଭଞ୍ଜପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏନେଇ ସେ ଆଇସିସିରେ ଜଣାଇବା ପରେ ବି ନ୍ୟାୟ ମିଳି ନ ଥିବା କହିଛନ୍ତି ଶିକ୍ଷୟିତ୍ରୀ।

ଅଭିଯୋଗ ମୁତାବକ, ଗତ ୬ ତାରିଖ ରାତି ୧୦ଟା ୧୪ରେ ବାରିପଦା ଶିକ୍ଷା ଜିଲ୍ଲାର ଏକ ସାଧନ କେନ୍ଦ୍ରର ଜଣେ ଆଦିବାସୀ ଶିକ୍ଷୟିତ୍ରୀଙ୍କୁ ଗତ ୬ ମାସ ହେଲା ବାରମ୍ବାର ଅଭଦ୍ର ଓ ଦ୍ୱିଅର୍ଥବୋଧକ ଭାଷା କରି ଫେବର ମାଗୁଥିଲେ କିରାଣୀ। ଏଥିସହ ଅଶ୍ଳୀଳ ଇଙ୍ଗିତ ଦେଇ କଥାବର୍ତ୍ତା କରଆସୁଥିଲେ। ଗତ ୨୦୨୪ ମସିହାର ଇନକ୍ରିମେଣ୍ଟ ଏରିଅର ବିଲ କରିବାକୁ ଉକ୍ତ ଶିକ୍ଷୟିତ୍ରୀଜଣଙ୍କ କାର୍ଯ୍ୟାଳୟକୁ ଜଣେ ସିଆରସିସିଙ୍କ ସହ ୬ ତାରିଖରେ ଯାଇଥିଲେ। କିରାଣୀଜଣଙ୍କ ଲାଞ୍ଚ ମାଗିବା ସହ ଦ୍ୱିଅର୍ଥବୋଧକ କଥାବାର୍ତ୍ତା କରିଥିଲେ। ଏନେଇ ଶିକ୍ଷୟିତ୍ରୀଜଣଙ୍କ ୪ତାରିଖରେ ବିଇଓ ଅଭିମନ୍ୟୁ ସେଠୀଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଇଓ ସମ୍ପୃକ୍ତ କିରାଣୀଙ୍କଠାରୁ ଲିଖିତ ଘୋଷଣାନାମା ନେବେ ବୋଲି କହିଥିଲେ। ମାତ୍ର ନେଇ ନ ଥିବା ଜଣାପଡିଛି। ଏହାସହ ସେ ଆଇସିସି ନିକଟରେ ଅଭିଯୋଗ ଦେଇଥିଲେ ବି କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେ ଥାନାରେ କିରାଣୀଙ୍କ ନାମରେ ଅଭିଯୋଗ କରିବା ସହିତ ଆଦିବାସୀ ହୋଇଥିବାରୁ ଖରାପ ବ୍ୟବହାର କରିବା ସହ ଦ୍ୱିବୋଧକ ଶବ୍ଦ ବ୍ୟବହାରର ଶିକାର ହେଉଥିବା ନେଇ ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଆଇଆଇସି ଅଜୟ କୁମାର ଜେନା କହିଛନ୍ତି।

## 'ବ୍ରେନ୍ସ ଆଇକନିକ୍ ଟ୍ରଷ୍ଟ' ଲୋକାର୍ପିତ

# ୫ ଆଦିବାସୀ ଜିଲ୍ଲାରେ ଆରମ୍ଭ ହେବ ପାଇଲଟ୍ ପ୍ରୋଜେକ୍ଟ



ଭୁବନେଶ୍ୱର, ୯।୮ (ସମିସ): ରାଜ୍ୟରେ ମହିଳା, ଛାତ୍ର ଓ ଶାରୀରିକ ଭିନ୍ନକ୍ଷମଙ୍କୁ ସାମାଜିକ ଓ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟ କରିବ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ବ୍ରେନ୍ସ ଆଇକନିକ୍ ଚାରିଟେବୁଲ୍ ଟ୍ରଷ୍ଟ'। ଏ ନେଇ ଶନିବାର ଗୀତଗୋବିନ୍ଦ ସଦନଠାରେ ଆନୁଷ୍ଠାନିକ ଭାବେ ଟ୍ରଷ୍ଟର ଲୋଗୋ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ରୋଡ୍‌ମ୍ୟାପ୍ ଲୋକାର୍ପିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଇଂ ଅଶୋକ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ର ଯୋଗଦେଇ ରାଜ୍ୟରେ ଆଦିବାସୀ ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟ୍ରଷ୍ଟ ଗ୍ରହଣ କରିଥିବା ସ୍ୱାଗତଯୋଗ୍ୟ ବୋଲି କହିଥିଲେ।

ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡା. ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇ ରାଜ୍ୟର କୋରାପୁଟ, କନ୍ଧମାଳ, ବୌଦ୍ଧ, କେନ୍ଦୁଝର ଏବଂ ଭଦ୍ରକ ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଟ୍ରଷ୍ଟ ତା' କାମ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି।

ବରିଷ୍ଠ ପ୍ରଶାସକ ଡ. ଗଣେଶ୍ୱର ଜେନା ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ଉତ୍ସବରେ ମୁଖ୍ୟ ଉପଦେଷ୍ଟା ଡ. ଗିରୀଶ ରଞ୍ଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବାରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଭଳି ଏକ ଉଦ୍ୟମ ପାଇଁ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ଭୂୟାଁଙ୍କୁ ଧନ୍ୟବାଦ ଜଣାଇଥିଲେ। କହିଥିଲେ ଯେ ସମାଜରେ ଶିକ୍ଷା ଓ ଦକ୍ଷତାକୁ ମିଶାଇ ଯଦି ମାନବସମ୍ବଳର ସଠିକ୍ ଭାବେ ସଦୁପଯୋଗ କରିପାରିବା ତେବେ ସକ୍ଷମ ଓ ଭିନ୍ନକ୍ଷମ ଭିତରେ ଦୂରତା ରହିବ ନାହିଁ।

# ବଇଣ୍ଡାରେ ରହିବ ୪ଟି ଏକ୍ସପ୍ରେସ ଟ୍ରେନ୍

ବଇଣ୍ଡା, ୯।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେସନରେ ପୁରୀ-ଦୁର୍ଗ, ଦୁର୍ଗ-ପୁରୀ, ପୁରୀ-ଅହମଦାବାଦ, ଅହମଦାବାଦ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ହେବ। ଏନେଇ ରେଳ ବିଭାଗ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଚିଠି ନମ୍ବର ୨୦୯/୨୦୨୫ ଜରିଆରେ ଏ ନେଇ ଅବଗତ କରାଯାଇଛି। ଏହି ଟ୍ରେନଗୁଡ଼ିକ ବଇଣ୍ଡା ଷ୍ଟେସନ ଦେଇ ଯାଉଥିଲେ ମଧ୍ୟ ଏଠାରେ ରହଣି କରୁନାହିଁ। କାରୋନା ପୂର୍ବରୁ ଏହି ବଇଣ୍ଡାରେ ରହୁଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ରହୁନଥିଲା। ଏହି ଷ୍ଟେସନ ମାସକୁ ୬ଲକ୍ଷରୁ ଅଧିକ ଟଙ୍କା ରାଜସ୍ୱ ଦେଉଥିବା ବେଳେ ୧୪ଟି ଟ୍ରେନ ରହୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଏନେଇ ବଇଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଆସନ୍ତା ୧୪ ତାରିଖରୁ ବଇଣ୍ଡାଠାରେ ପ୍ରତ୍ୟେକ ଦିନ ଯାଉଥିବା ପୁରୀ-ଦୁର୍ଗ, ଦୁର୍ଗ-ପୁରୀ ଏକ୍ସପ୍ରେସ ଓ ସାପ୍ତାହିକ ପୁରୀ-ଅହମଦାବାଦ, ଅହମଦାବାଦ-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ରେଳ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ପରେ ବଇଣ୍ଡା ଗ୍ରାମବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘର ଭୁଶୁଡ଼ି...

ଅଞ୍ଚଳରେ ପାଣି ଜମି ରହିଥିବାରୁ ଯାତାୟାତ ପ୍ରଭାବିତ ହୋଇଛି। ଅନେକ ଅଣ୍ଡରପାସ ଅଞ୍ଚଳ ବୁଡ଼ି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ବର୍ଷାପାଣି ଏକରୁ ଦୁଇ ଫୁଟ୍ ଉଚ୍ଚରେ ଚାଲୁଛି। ଫଳରେ ବିଭିନ୍ନ ରାସ୍ତା ଓ ସଡକରେ ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ଆଜି ଦିନ ତମାମ ଦିଲ୍ଲୀରେ ବର୍ଷା ଜାରି ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଜି ରେଡ୍ ଆଲର୍ଟ ଜାରି କରାଯାଇଥିଲା। ବର୍ଷା ଯୋଗୁଁ ଯମୁନା ନଦୀ ଜଳସ୍ତର ବଢ଼ିବାରେ ଲାଗିଛି। ଦିଲ୍ଲୀ ନିକଟରେ ଯମୁନା ବିପଦ ସଙ୍କେତର ନିକଟତର ହେଉଥିବାରୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି।

ଆଜି ବର୍ଷା ଯୋଗୁଁ ବିଶେଷ ଭାବେ ବିମାନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଇନ୍ଦିରା ଗାନ୍ଧୀ ବାମାନବନ୍ଦରରେ ଆଜି ଅତିକମରେ ୩୦୦ରୁ ଅଧିକ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସେଥିମଧ୍ୟରୁ ଶହେ ବିମାନ ବାତିଲ ହୋଇଥିବା ଜଣାପଡ଼ିଛି। ଏହି ବିମାନବନ୍ଦରରେ ଦୈନିକ ୧୩୦୦ରୁ ଅଧିକ ବିମାନ ଚଳାଚଳ କରୁଛି। ଫଳରେ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସେପଟେ ହିମାଚଳ ପ୍ରଦେଶର କୁଲ୍ଲୁରେ ବାଦଲଫଟା ବର୍ଷା ହୋଇଛି। ଫଳରେ ବନ୍ୟା ଆସିଛି। ଭୂସ୍ଖଳନ ଯୋଗୁଁ ଚଣ୍ଡିଗଡ଼- ମାନାଲି ରାଜପଥର ବନ୍ଦ ରହିଛି। ସେହିପରି ଉତ୍ତର ପ୍ରଦେଶରେ ମଧ୍ୟ ସପ୍ତାହ ସାରା ପ୍ରବଳ ବର୍ଷା ଜାରି ରହିଛି।

### ଦେଶକୁ ବର୍‌ବାଦ...

ମାତ୍ର ଭାରତ, ରୁଷ୍ ଏବଂ ଚୀନ୍ ଏକାଠି ହୋଇ ଏହି ଶୁଳ୍କକୁ ବିରୋଧ କରିପାରନ୍ତି। ଭାରତ ଉପରେ ଅତିରିକ୍ତ ଶୁଳ୍କ ଲଗାଯାଇଥିବାବେଳେ ଚୀନ୍ ସହ ଏପରି କରାଯାଇ ନାହିଁ। ଚୀନ୍ ସହ କିଛି ସମୟ ପାଇଁ ଶୁଳ୍କ ଯୁଦ୍ଧ ଚାଲିଥିଲା। ପରେ ଚୁକ୍ତି ହୋଇ ଯାଇଥିଲା। ହ୍ୱାଇଟ ହାଉସ୍‌ର ଶୁଳ୍କ ଏବଂ ଅନ୍ୟ ନୀତି ଯୋଗୁଁ ଭାରତ ଚୀନ୍ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରୁଛି। ଏହା ଏକ ବଡ଼ ଭୁଲ୍ ହେବ। ବୋଲ୍ଟଙ୍କ ମତରେ, ଶତ୍ରୁ ଏବଂ ମିତ୍ର ଉପରେ ସମାନ ଶୁଳ୍କ ଲଗାଇବା ଦ୍ୱାରା ଆମେରିକାର ସେହି ଭରସା ଏବଂ ଆତ୍ମବିଶ୍ୱାସ ଦୁର୍ବଳ ହୋଇଛି। ଏହାକୁ ବଜାୟ ରଖିବା ପାଇଁ ଦୀର୍ଘ ସମୟ ଲାଗିଥିଲା। ଏହାର ବଦଳରେ ବହୁତ ଆର୍ଥିକ ଲାଭ ମିଳିଛି, କିନ୍ତୁ ବଡ଼ କ୍ଷତି ହେବା ଆଶଙ୍କା ବୃଦ୍ଧି ପାଇଛି।

ସୂଚନାଯୋଗ୍ୟ ଯେ ବୋଲ୍ଟନ ଟ୍ରମ୍ପଙ୍କ ପୂର୍ବ କାର୍ଯ୍ୟକାଳରେ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଥିଲେ। ସେ ଗତ କିଛି ମାସ ହେଲା ଟ୍ରମ୍ପଙ୍କ ନୀତିକୁ ସମାଲୋଚନା କରି ଆସୁଛନ୍ତି। ସେ ଗତ ମାସରେ କହିଥିଲେ ଯେ ଟ୍ରମ୍ପ ପ୍ରଶାସନ ବ୍ୟବସାୟ ଏବଂ ସୁରକ୍ଷାକୁ ଅଲଗା ଭାବେ ଦେଖୁଛି, କିନ୍ତୁ ଭାରତ ଭଳି ଦେଶ ଏହା ସମାନ ଭାବେ ଦେଖୁଛନ୍ତି। ସେହିପରି ଆମେରିକା ବିଦେଶ ନୀତି ବିଶେଷଜ୍ଞ କ୍ରିଷ୍ଟୋଫର ପ୍ୟାଡିଲା ମଧ୍ୟ ଟ୍ରମ୍ପ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ଶୁଳ୍କ ଭାରତ-ଆମେରିକା ସମ୍ବନ୍ଧ ଉପରେ ଦୀର୍ଘ ଦିନ ପର୍ଯ୍ୟନ୍ତ ପ୍ରଭାବ ପକାଇବ। ଆମେରିକାକୁ ଭାରତ ସନ୍ଦେହ ଦୃଷ୍ଟିରେ ଦେଖିବ ଏବଂ କେବେ ବି ଏହି ଶୁଳ୍କକୁ ଭୁଲିବ ନାହିଁ।

ଅନ୍ୟପକ୍ଷରେ ଟ୍ରମ୍ପ ଦାବି କରିଛନ୍ତି ଯେ ଶୁଳ୍କ ଯୋଗୁଁ ସେୟାର ବଜାରରେ ବଡ଼ ବୃଦ୍ଧି ଦେଖା ଦେଇଛି। ପ୍ରତି ଦିନ ନୂଆ ରେକର୍ଡ ସୃଷ୍ଟି ହେଉଛି। ଏହା ଦ୍ୱାରା ଶହ ଶହ ବିଲିୟନ ଡଲାର ସରକାରୀ ତହବିଲକୁ ଆସୁଛି। ଯଦି ରୁଢ଼ିବାଦୀ କୋର୍ଟ ଏହି ସମୟରେ ଶୁଳ୍କ ବିରୋଧରେ ନିଷ୍ପତ୍ତି ଶୁଣାଇବେ ତେବେ ବିପୁଳ ପରିମାଣର ରାଶି ଏବଂ ସମ୍ମାନ ଫେରିପାଇବା କଷ୍ଟସାଧ ହୋଇଯିବ। ଯଦି ଏଭଳି ନିଷ୍ପତ୍ତି ଆସେ ତେବେ ୧୯୨୯ ପରି ମହା ମାନ୍ଦାବସ୍ଥା ସୃଷ୍ଟି ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ସେତେବେଳେ ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଥିଲା। ସେ କୋର୍ଟ ବ୍ୟବସ୍ଥାକୁ ଭଲ ଭାବେ ବୁଝିଛନ୍ତି। କେହି ବି ତାଙ୍କ ପରି ଏଭଳି ଆହ୍ୱାନ ଦେଇ ଗତି କରିନାହାନ୍ତି ବୋଲି ଟ୍ରମ୍ପ କହିଛନ୍ତି।

### 'ଉତ୍କଳ'ରେ ଅଧ୍ୟାପକ...

ଜଣେ ହେଲେ କେହି ଅଧ୍ୟାପକ ନାହାନ୍ତି। ଭାଗବାନ ଭରସାରେ ପାଠପଢ଼ା ଚାଲିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ ସଚେତନ ହେବା ସହ ତୁରନ୍ତ ଅଧ୍ୟାପକ ନିଯୁକ୍ତି କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଖୁବ୍‌ଶୀଘ୍ର ଆଇନ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗରେ ଆବଶ୍ୟକ ଅତିଥି ଅଧ୍ୟାପକ ନିଯୁକ୍ତ କରାଯିବ।

### ରାଜ୍ୟବ୍ୟାପୀ ନକଲି...

ଅଣଦେଖାକୁ ସେମାନେ ସୁଯୋଗରେ ପରିଣତ କରି ଦେଇଛନ୍ତି।

ନକଲି ସାର ର୍‌ୟାକେଟ୍ ରୋକିବାକୁ ମାର୍କଫେଡ୍ ଅଧିକାରୀମାନେ ସଜାଗ ରହିଥିବା ସରକାର କହୁଥିବାବେଳେ ବାସ୍ତବରେ ଉପାନ୍ତ ଅଞ୍ଚଳରେ ଏହା ଶୂନ୍ ବୋଲି ଅଭିଯୋଗ ହେଉଛି। ବର୍ତ୍ତମାନ ଚାଷୀମାନେ କଂପ୍ଲେକ୍ସ ସାରର ଅଧିକ ବ୍ୟବହାର କରୁଛନ୍ତି। ଏହି ସାର ଏବେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ମିଳୁନି। ଏହାର ଫାଇଦା ଏହି ଅସାଧୁ ବ୍ୟବସାୟୀମାନେ ଉଠାଉଛନ୍ତି। ଏହି ନକଲି ସାର ମାଟିରେ ଠିକ୍ ଭାବରେ ମିଶି ପାରୁ ନ ଥିବାବେଳେ କିଛି ସ୍ଥାନରେ ଟାଣ ହୋଇଯାଉଛି। ଫଳରେ ମୃତ୍ତିକାର ଉର୍ବରତା କମିବା ସହ ପ୍ରଦୂଷଣ ଭୟ ମଧ୍ୟ ବଢୁଛି। ନକଲି ସାର ଯୋଗୁଁ ଚାଷୀ ଖର୍ଚ୍ଚ କରି ମଧ୍ୟ ଏହାର ଲାଭ ପାଇପାରୁ ନାହିଁ। ନକଲି କମ୍ପାନିମାନେ ଡିଲରମାନଙ୍କୁ ବିଭିନ୍ନ ସ୍କିମ ଦେଇ ଆକର୍ଷିତ କରୁଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ବିଭିନ୍ନ ଉପହାର ଓ ଆର୍ଥିକ ପ୍ୟାକେଜ୍ ଦେଉଥିବା ଯୋଗୁଁ ସେମାନଙ୍କ ଉପରେ ଚଢ଼ଉ ମଧ୍ୟ ହେଉ ନ ଥିବା ଅଭିଯୋଗ ହେଉଛି। ସରକାର ତୁରନ୍ତ ହସ୍ତକ୍ଷେପ କରି ମାର୍କଫେଡ୍ ଜରିଆରେ ଚଢ଼ଉ କଲେ ପ୍ରକୃତ ସତ ସାମ୍ନାକୁ ଆସିବ ବୋଲି ଚାଷୀ ମହଲର ଦାବି ହେଉଛି।

ଉଲ୍ଲେଖଥାଉ କି, ରାଜ୍ୟକୁ ଏବେ ସୁଦ୍ଧା ପାଖାପାଖି ୮ ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ରରୁ ମିଳିସାରିଛି। ଆଗକୁ ଆଉ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆସିବ ବୋଲି କୁହାଯାଉଛି। ପୂର୍ବରୁ ରବି ବେଳର ବଳକା ୪ ଲକ୍ଷ ମେଟ୍ରିକ୍ ଟନ୍ ବିଭିନ୍ନ ଜିଲ୍ଲାରେ ରହିଛି। ମୋଟ ସାରରୁ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ବିକ୍ରି ଶେଷ ହୋଇଥିବା କୃଷି ବିଭାଗ କହୁଛି। ମାତ୍ର ରାଜ୍ୟବ୍ୟାପୀ ସାରକୁ ନେଇ ଚାଷୀମାନେ ତିରୋଟାଭାବର ସାମ୍ନା କରୁଛନ୍ତି। ସର୍ବାଧିକ ଚାହିଦା ଥିବା କଂପ୍ଲେକ୍ସ ସାର ଚାଷୀଙ୍କୁ ସରକାରୀ ଖୁଚୁରା ଓ ପାଇକାରୀ ବିକ୍ରେତା କେନ୍ଦ୍ରରେ ମିଳୁନି। ସେହି ସାର ଲୋକମାନେ ବାହାରୁ ଉଚ୍ଚା ଦାମ୍‌ରେ କିଣୁଛନ୍ତି। ସେଇଠି ହିଁ ସେମାନେ ନକଲି ସାରର ଶିକାର ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସରକାରୀ ଭାବେ ୫୦ କେଜିର ଡିଏପି ବସ୍ତାର ଦାମ୍ ୧୩ଶହ ଟଙ୍କା ହୋଇଥିବାବେଳେ ଖୋଲାବଜାରରେ ତାହା ୨ହଜାରରୁ ୨୨ଶହ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୩୯୦ ଟଙ୍କାର ଗ୍ରୋମୋର ବସ୍ତା ୧୮ଶହରୁ ୨ହଜାର ଟଙ୍କାରେ ବିକ୍ରି ହେଉଛି।

### ହସ୍ପିଟାଲରେ ନର୍ସଙ୍କ...

ଓଭରଡୋଜ୍ ନିଦ ଇଞ୍ଜେକ୍ସନ ଦେଇଥିବା ସେଥିରେ ସେଥିରେ ଉଲ୍ଲେଖ କରିଛନ୍ତି। ଏହା ସହ ତାଙ୍କ ମୃତ୍ୟୁ ପାଇଁ କାହାକୁ ଦାୟୀ କରିନଥିବା ଜଣାପଡ଼ିଛି। 'ମମି ମିସ ୟୁ ମୋତେ ନୂଆ ଡ୍ରେସ ଦେବୁ ମୁଁ ସାଙ୍ଗରେ ନେବି' ବୋଲି ସୁଇସାଇଡ୍ ନୋଟରେ ଲେଖିଛନ୍ତି। ସାନଭାଇ ଶ୍ରୀଧରକୁ ରକ୍ଷା ବନ୍ଧନର ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି।

ଏମ୍‌ଏଲସି ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିବା ବେଳେ ଝିଅକୁ ହତ୍ୟା କରାଯାଇଥିବା ନେଇ ପରିବାରଲୋକେ ଅଭିଯୋଗ କରିଛନ୍ତି। ତେବେ ପୁଲିସ ଅପମୃତ୍ୟୁ ମାମଲା ଆଧାରରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଘଟଣାର ତଦନ୍ତ କରାଯାଉଥିବା ବେଳେ ଅବଶ୍ୟକ ପଡ଼ିଲେ, ହତ୍ୟା ମାମଲା ରୁଜୁ କରାଯିବ ବୋଲି ପୁଲିସ କହିଛି।

### ନବଜାତକ ମୃତ୍ୟୁରୁ...

ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହା କୁମ୍ଭାରପଡ଼ାର ନବୀନ ରଣା ତାଙ୍କ ସ୍ତ୍ରୀଙ୍କୁ ଲୋଇସିଂହା ବ୍ଲକ୍ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ତ୍ରୀ ଗର୍ଭବତୀ ଥିବା ବେଳେ ନିୟମିତ ଡାକ୍ତରଙ୍କ ପରାମର୍ଶ ନେଇ ଯତ୍ନ କରିଥିଲେ। ସବୁ କିଛି ଠିକ ଥିବା ବେଳେ ଶୁକ୍ରବାର ପ୍ରସବ ବେଦନା ହୋଇଥିଲା। ଫଳରେ ସେ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଭର୍ତ୍ତି କରିବା ପରେ ଅପରାହ୍ନରେ ଡ୍ୟୁଟିରେ ଥିବା ଦୁଇ ଜଣ ନର୍ସ ଆସି ତାଙ୍କୁ ଲେବର ରୁମ୍‌କୁ ନେଇଥିଲେ। ମହିଳାଙ୍କ ସହ ତାଙ୍କ ସମ୍ପର୍କୀୟ ମହିଳା ଓ ଆଶା କର୍ମୀ ମଧ୍ୟ ରହିଥିଲେ। ତେବେ ସଂପୃକ୍ତ ଦୁଇ ଜଣ ନର୍ସ ଡାକ୍ତରକୁ ଅପେକ୍ଷା ନକରି ପ୍ରସବ ଆରମ୍ଭ କରି ଦେଇଥିଲେ। ପ୍ରସବ ସମୟରେ ଅଧାରେ ଶିଶୁ ଅଟକି ଯାଇଥିବାରୁ ବହୁ କଷ୍ଟରେ ଜବରଦସ୍ତି ଶିଶୁକୁ ଟାଣି ବାହାର କରିଥିଲେ। ଶିଶୁକୁ ବାହାର କରିବା ପରେ ସେ କୌଣସି ପ୍ରକାର ପ୍ରତିକ୍ରିୟା କରିନଥିଲା। ଫଳରେ ସଂପୃକ୍ତ ଦୁଇ ନର୍ସ ନିଜ ନିଜ ଭିତରେ ଆଲୋଚନା କରି ଶିଶୁକୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ କହିଥିଲେ। ଶିଶୁକୁ ସ୍ଥାନାନ୍ତର କରିବା ପାଇଁ ପ୍ରଥମେ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା। ପ୍ରଥମେ ଆସିଥିବା ଆମ୍ବୁଲାନ୍ସରେ ଅକ୍ସିଜେନ୍ ବ୍ୟବସ୍ଥା ନଥିବାରୁ ଆଉ ଏକ ଆମ୍ବୁଲାନ୍ସକୁ ଅପେକ୍ଷା କରାଯାଇଥିଲା। ଏହାରି ଭିତରେ ଶିଶୁର ମୃତ୍ୟୁ ହୋଇଥିବା ବେଳେ ଭୀମଭୋଇ ମେଡିକାଲ ଡାକ୍ତରଖାନାରେ ଶିଶୁକୁ ଡାକ୍ତର ମୃତ ଘୋଷଣା କରିଥିବା ନବୀନ ଅଭିଯୋଗ କରିଛନ୍ତି। ଏହାସହ ସଂପୃକ୍ତ ଦୁଇ ନର୍ସ ହିଁ ତାଙ୍କ ଶିଶୁକୁ ମାରିଦେଇଥିବା ସେ ଅଭିଯୋଗ କରିଛନ୍ତି।

ତେବେ ଏଠି ପ୍ରଶ୍ନ ଉଠୁଛି, ବିନା ଡାକ୍ତରଙ୍କ ଉପସ୍ଥିତିରେ ପ୍ରସବ କରିବାକୁ ଦୁଇ ଜଣ ନର୍ସ ସାହସ କଲେ କେମିତି? ସେହି ସମୟରେ ଡ୍ୟୁଟିରେ ଥିବା ଡାକ୍ତର କୁଆଡ଼େ ଯାଇଥିଲେ। ଡାକ୍ତରଖାନାରେ ପ୍ରସୂତି ବିଭାଗ ଡାକ୍ତର ରହିଥିବା ସତ୍ତ୍ୱେ ଦୁଇଜଣ ନର୍ସଙ୍କ ଦ୍ୱାରା ପ୍ରସବ ହେବା କେତେ ଯୁକ୍ତିଯୁକ୍ତ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁଁ ନବୀନ ନିଜ ନବଜନ୍ମିତ ଶିଶୁକୁ ହରାଇବା ପଛରେ ଦାୟୀ କିଏ ? ଜନ୍ମ ହେବା ପରେ ଗୁରୁତର ଶିଶୁଙ୍କ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ନିୟୋଜିତ ଥିବା ଶିଶୁ ରୋଗ ବିଶେଷଜ୍ଞଙ୍କୁ ସୂଚନା ଦିଆଗଲା ନାହିଁ କାହିଁକି? ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ଏହି ଘଟଣାରେ ସଂପୃକ୍ତ କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ଡାକ୍ତରଖାନା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ରହିଛି। ଯଦି ଏହି ଡାକ୍ତରଖାନାରେ ଏହିଭଳି ଅବସ୍ଥା, ତେବେ ଜିଲ୍ଲାର ଅନ୍ୟ ଆଭ୍ୟନ୍ତରୀଣ ଡାକ୍ତରଖାନାଗୁଡ଼ିକର ଅବସ୍ଥା କେମିତି ଥିବ, ତାହା ଏଥିରୁ ସହଜରେ ଅନୁମେୟ। ଏନେଇ ମେଡିକାଲ ଅଫିସରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହିଭଳି ହେବା କଥା ନୁହଁ। ଯଦି କିଛି ଏମିତି ହୋଇଛି, ଏହାର ଯାଞ୍ଚ କରାଯିବ।

**AFFIDAVIT**

I, Pooja Sudhakar Bhosale W/o Amar Bharat Gaikwad, Resident of Flat No-A 602, NBCC Imperia, New Government Colony, PS-Mancheswar, Bhubaneswar, Dist - Khordha, Odisha - 751005, declare by this affidavit No.1526 dtd 08.08.2025 that now onwards I shall be known as **POOJA AMAR GAIKWAD** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, No. 1530, dated- 01/08/2025, I **Muna Panda,** S/o- Bhaskar Panda, resident of At- Bajarakbati Road, Professorpada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN- 753003, Odisha declare that I have changed my daughter's name from **Priyanka Priyadarsni Panda to Priyanka Priyadarshani Panda.** Henceforth, my daughter shall be known as **Priyanka Priyadarshani Panda** for all purposes.

**Sd/- Muna Panda**

**AFFIDAVIT**

I, Nisha Pritwani, age about 43 years, W/o- Jeeten Shivani, resident of Plot No. 61, Bhagabanpur Industrial Estate, PO- Patrapada, PS-Tamando, Bhubaneswar, District-Khordha, PIN-751019, Odisha declared by this affidavit No. 105, dated- 08.08.2025 that now onwards I shall be known as **BHAVIKA SHIVANI** for all future purposes.

**AFFIDAVIT**

By virtue of Affidavit No 21 dated 06.08.25 (15AA 346860)before the Executive Magistrate, Bhubaneswar, I, Kala Pattnaik, W/o Lalatendu Das Mohapatra, resident of 35, Park Tower Apartment, Unit 6, Bhubaneswar affirm that, my correct name is 'Kala Pattnaik', but wrongly recorded as 'Kala Das Mohapatra' in my husband's passport no Y7008524. That, I and 'Kala Das Mohapatra' is one and same person i.e. myself and I have signed as 'Kala Pattnaik' for all purposes and records. This affidavit is required to be produced before the Regional Passport Office, Bhubaneswar for correcting my name as 'Kala Pattnaik' in my husband's passport.

**AFFIDAVIT**

By virtue of an affidavit Sl. No.2, dtd.06.08.2025 before the Notary Public, Nuapada, I, Sukanti Mallik of Lachhipur, Po- Sargadi, Dist.- Nuapada have changed my name from Jaksan Mallik to Sukanti Mallik. Henceforth I shall be known as Sukanti Mallik for all purposes.

**Sd/- Sukanti Mallik**

**AFFIDAVIT**

I, Sonya Ray W/o Satyajit Ray, Resident of Chunabhati, OMP Square, PO - College Square, PS-Chauliaganj, Dist-Cuttack, Odisha-753003, declare by this affidavit No.7585 dtd 07.08.2025 that now onwards I shall be known as **SONYA LEANNE RAY** for all future purposes.

**AFFIDAVIT**

I, Rakesh Kuanar, S/o- Late Rajib Kuanr, resident of Plot No. LB-68, Stage-I, B.D.A. Colony, Laxmisagar, Near Laxmisagar Sub Post Office, P.S.- Laxmisagar, Bhubaneswar, Dist- Khordha, Pin-751006, Odisha declare by this affidavit No. 65, dated 21.06.2025 that now onwards I shall be known as **RAKESH KUANR** for all future purposes.

**AFFIDAVIT**

I, Parida Biswajit Sanjay, S/o- Sanjaya Kumar Parida, resident of Vill.-Kabisuryanagar (Trinath Nagar), Po./Ps.- Kabisuryanagar, Dist.- Ganjam declare by this affidavit No.384 dtd.- 08/08/2025 that now onwards I shall be known as **BISWAJIT SANJAYA PARIDA** for all future purposes.

**AFFIDAVIT**

I, Shipra Mandal, H/o-Shivanarayan Mohanty, resident of At-Bankasahi, Po-Bhadrak, Odisha, Pin Code-756100 declared by the affidavit No-9448, dated-09/11/2017 that I shall be known as **SHIPRA RAY** for all future purposes.

**AFFIDAVIT**

By virtue of an affidavit No- 119 sworn before the Executive Magistrate, Deogarh on dtd-15/05/2025, I **Renubala Naik,** aged 36 years, W/o- Late Bijay Kumar Behera, resident of At/Po-Ballam, Ps- Deogarh, Dist- Deogarh, Odisha I have changed my name from Renubala Behera (old name) to Renubala Naik (new name). My real name is Renubala Naik which is mentioned in my Aadhar bearing no- 6864 1308 5058, My Pass book bearing account no- 5278945822. Henceforth, both the names Renubala Behera and Renubala Naik is one & same person she will be known as Renubala Naik for all future purposes.

**Notice (for Minor)**

By virtue of an affidavit sworn before Executive Magistrate, Baripada, Mayurbhanj, dated 08.08.2025, I, Santosh Kumar Behera, At- Bardangua, PO/PS-Khunta, Dist- Mayurbhanj, PIN-757019 declare that I have changed the name of my Son from RONAK KUMAR BEHERA to RANAK KUMAR BEHERA. Henceforth, he shall be known as RANAK KUMAR BEHERA for all purposes.

**Santosh Kumar Behera**

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 07-08-2025 I, Pani Hembram, Address AT-Kudiakhunta, PO- Ranibandh, PS- Khunta, Dist- Mayurbhanj, PIN-757026 declare that I have changed the name of my daughter from Sara Hembram to Sumati Hembram. Henceforth, she shall be known as Sumati Hembram for all purposes.

**Pani Hembram**

**LOST**

**I, Mrs. Moutusi Ghosh,** aged about 35 years, W/o.: Rajkumar Ghosh, residing At: Sri Ram Bazar, PO.: Dadhibamanpur, 42 Mouza, PS: Bentkar, Dist.: Cuttack-754112, do hereby solemnly affirm that I have purchased property at Khata No.: 263/717, Plot No.: 1860/3745, measuring an Area: A0.056 dec., Situated at Mouza: Dadhibamanpur from Durjyadhan Behera and Ramesh Chandra Behera, Both are sons of Late Mahendra Behera vide Regd. Sale Deed document No.: 10392402223, dtd.15.03.2024 before the learned registering Authority, Cuttack. That, at the time of execution of the above mentioned sale deed the said Durjyadhan Behera had served me the Original Regd. Sale Deed vide document No.:10391606004, dtd.14.12.2016, which was purchased from Ashok Kumar Das & others as well as original ROR in respect of Khata No.: 263/717 at Mouza: Dadhibamanpur, in the name of Durjyadhan Behera and Ramesh Chandra Behera. That, when I have gone through to Cuttack from Sri Ram Bazar the above mentioned original Regd. Sale deed vide document No.:10391606004, dtd.14.12.2016, as well as Original ROR have been misplaced somewhere on 10.07.2025 after best efforts I unable to trace out the same. I have not deposited the said deed as security by way of equitable mortgage or otherwise with anybody nor I have given it to anybody for any purpose. If somebody found and misuse the said deed, I shall not be held responsible for that. If any one found the above deed, is in possession or have any claim on the same please contact Advocate **Mr. Santosh Behera, Mob No.: 9937180725** within **7 days** of this publication. If no claim received during this period the validity of above mentioned original deeds is null and void.

# କଳିକେଶଙ୍କ ସରକାରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନ ଓ ସମୀକ୍ଷା

# ଛାତ୍ରୀଙ୍କ ସୁରକ୍ଷା ପାଇଁ ରାସ୍ତାରେ ଲାଗିବ ସିସିଟିଭି

ବଲାଙ୍ଗିର, ୯।୮ (ସମିସ)



ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ଶୁକ୍ରବାର ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟକୁ ଯାଇ ପରିଦର୍ଶନ କରିବା ସହିତ ସମୀକ୍ଷା କରିଛନ୍ତି। ମହିଳା ମହାବିଦ୍ୟାଳୟ ସମ୍ମୁଖରେ କିଛି ଅସାମାଜିକ ଯୁବକ ଗହଳି କରୁଥିବା ତଥା ଛାତ୍ରୀଙ୍କୁ କମେଣ୍ଟ ପାସ କରୁଥିବା ବିଷୟ ଜାଣିବା ପରେ ପୋଲିସ ପ୍ରତିଦିନ ଦୁଇ ଓଳି ପେଟ୍ରୋଲିଂ କରିବା ପାଇଁ ଟାଉନ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ କରିଥିଲେ। ଏହା ସହିତ ମହିଳା ମହାବିଦ୍ୟାଳୟ ରାସ୍ତାରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ସିସିଟିଭି ଲଗାଇବାକୁ ପଦକ୍ଷେପ ନେବେ ବୋଲି ଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କେବଳ ସେତିକି ନୁହେଁ ବିଧାୟକ ତାଙ୍କ ଅଫିସର ଟୋଲଫ୍ରି ନମ୍ବର ଦେଇ ଛାତ୍ରୀମାନେ ସେଥିରେ ଅଭିଯୋଗ କଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ପରିଦର୍ଶନ ସମୟରେ ମହିଳା ମହାବିଦ୍ୟାଳୟରେ ୩୦ଜଣ ଛାତ୍ରୀ ସାମ୍ବାଦିକତା ପାଠ୍ୟକ୍ରମ ପଢୁଥିବା ବିଷୟରେ ଜାଣି ଆବଶ୍ୟକ କମ୍ପ୍ୟୁଟର, କ୍ୟାମେରା ତଥା ଅନ୍ୟାନ୍ୟ ସାମଗ୍ରୀପାଇଁ ଅନୁଦାନ ଯୋଗାଇଦେବେ ବୋଲି କହିଥିଲେ। ମହିଳା ମହାବିଦ୍ୟାଳୟରେ ମାତ୍ର ୨୪ଜଣ ଅଧ୍ୟାପକ/ଅଧ୍ୟାପିକା ଥିବା, ଯୁକ୍ତଦୁଇ ବିଜ୍ଞାନ ପାଇଁ କୌଣସି ଅଧ୍ୟାପକ ନିଯୁକ୍ତି ହୋଇନଥିବା, କେବଳ ଅତିଥି ଅଧ୍ୟାପକରେ ଅନେକ ବିଭାଗ ପରିଚାଳିତ ହେଉଥିବା ବିଷୟ ନେଇ କଲେଜର ଅଧ୍ୟକ୍ଷ ଅରବିନ୍ଦ ଓଝା ବିଧାୟକଙ୍କୁ ଅବଗତ କରିଥିଲେ। ଏହା ସହିତ ମହାବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଉନ୍ନୟନକାମ ବିଷୟ ନେଇ ତଥ୍ୟ ରଖିଥିଲେ। ଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ କୌଣସି ପ୍ରକାରେ ସାଲିସ କରାଯିବ ନାହିଁ। ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି ଛାତ୍ରୀଙ୍କ ସହିତ ଆଲୋଚନା ବେଳେ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପରଦର୍ଶନ ପରେ ବିଧାୟକ ସରକାରୀ ମହିଳା ମହାବିଦ୍ୟାଳୟ ଓ ପୁଇଁତଲାଠାରେ ଥିବା ସରକାରୀ ମହାବିଦ୍ୟାଳୟର ସ୍ଥିତିକୁ ନେଇ ସମୀକ୍ଷା କରିଥିଲେ। ସରକାରୀ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ର ଏକ ସମ୍ପୂର୍ଣ୍ଣ ଡିପିଆର ପ୍ରସ୍ତୁତ କରିବା ପାଇଁ ବିଧାୟକ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ କରିଥିଲେ। ଏହା ସହିତ ସରକାରୀ ମହାବିଦ୍ୟାଳୟର ୧ ଏକରରୁ ଅଧିକ ଜମି ଜବରଦଖଲକାରୀଙ୍କ କବଜାରେ ଥିବା ଅଧ୍ୟକ୍ଷ ଡ.କୌତୁକ ପଧର ବିଧାୟକଙ୍କୁ ଅବଗତ କଲାପରେ ଏହାକୁ ତୁରନ୍ତ ମାପଚୁପ କରି ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗକୁ ଦାୟିତ୍ୱ ଦେଇଥିଲେ। ସମୀକ୍ଷା ବୈଠକରେ ଜିଲ୍ଲା ଶିକ୍ଷାଅଧିକାରୀ ପ୍ରଦୀପ ନାଗ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ଓଝା, ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.କୌତୁକ ପଧର, ପୂର୍ତ୍ତବିଭାଗର ଅଧିକ୍ଷଣଯନ୍ତ୍ରୀ ଇଂ.ଆଶୁତୋଷ ଜେନା, ଏସଡିଓ ଇଂ.ମନୋଜକୁମାର ମାଝୀ, ସହକାରୀ ଯନ୍ତ୍ରୀ ଇଂ.ବିଘ୍ନରାଜ ସାଏ, ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣଯନ୍ତ୍ରୀ ଇଂ.ଇନ୍ଦ୍ରଜିତ ରାଉତ, ଟାଉନଥାନା ଆଇଆଇସି ଅବନୀ ସାହୁ, ରାଜସ୍ୱ ବିଭାଗର ଅତିରିକ୍ତ ତହସିଲଦାର ଓ ସୁପରଭାଇଜର ସଂନ୍ଦୀପ ନନ୍ଦ, ଛାତ୍ରନେତା ସୁମନ ନନ୍ଦ, ଗୁଞ୍ଜି ଖାନ, ଦୀପକ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## କନ୍ଧମାଳରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ଶଗଡ଼ା, ୯।୮ (ସମିସ): କନ୍ଧମାଳ ବ୍ଲକ ସମ୍ମିଳନୀ କକ୍ଷରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ବିଡିଓ ଗଙ୍ଗାଧର ମିଶ୍ର, ସିଡ଼ିପିଓ ପଙ୍କଜିନୀ ମିଶ୍ର, ପଞ୍ଚାୟତ ଉନ୍ନୟନ ଅଧିକାରୀ ଜ୍ଞାନରଞ୍ଜନ ପ୍ରଧାନ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜଗଦୀଶ ସେଠି, ଅର୍ଜୁନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ, ୯।୮ (ସମିସ): ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ବ୍ଲକ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଅଧିକାର ଆଇନ, କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଆଇନ ଇତ୍ୟାଦି ଉପରେ ଏହି ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା ସହ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡାମଣି ବାରିକ, କମଳାକାନ୍ତ ଦଳବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ଉର୍ମା, ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପ୍ରଧାନ ଏବଂ ଶିକ୍ଷକ ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସେଣ୍ଟଆନି ସ୍କୁଲ ଇକୋ କ୍ଲବ୍ ପକ୍ଷରୁ ସଚେତନତା

ଟିଟିଲାଗଡ଼, ୯।୮ (ସମିସ): ଟିଟିଲାଗଡ଼ ସେଣ୍ଟଆନି ସ୍କୁଲ ଇକୋ କ୍ଲବ୍ ପକ୍ଷରୁ ଶୁକ୍ରବାର ନିଶା ନିବାରଣ ଓ ଯାନ୍ତ୍ରିକ ଉପକରଣ ବ୍ୟବହାରକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ସ୍କୁଲ ର ଛାତ୍ରଛାତ୍ରୀ ଶୋଭାଯାତ୍ରା ରେ ବାହାରି ସହରର ପ୍ରମୁଖ ସ୍ଥାନମାନଙ୍କରେ ସଚେତନା କାର୍ଯ୍ୟକ୍ରମ କରିଥିଲେ।ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ମୋବାଇଲ ଫୋନର ବହୁଳ ବ୍ୟବହାର ଓ ନିଶା ସେବନରୁ ନିବୃତ୍ତ ରହିବା ନେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସନ୍ଦୀପ ଚନ୍ଦ୍ରାକାର, ବିଦ୍ୟାଳୟର ଅଧ୍ୟକ୍ଷା ସିଷ୍ଟର ଡ଼ ବୀଣା ଭର୍ଗିସ, ଉପାଧ୍ୟକ୍ଷା ଫ୍ରାନ୍ସିସ୍କା, ଇକୋ କ୍ଲବ୍ ସଭାପତି ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇକୋ କ୍ଲବ୍ ଉପସଭାପତି ମୁକେଶ ସାହୁ, କିରଣ ଦାଶ, ଅଭିମନ୍ୟୁ ବେହେରା, ନିହାର ରଞ୍ଜନ ପାଢ଼ୀ, ପଙ୍କଜିନୀ ସାହୁ, ନିଶାରାଣୀ ତାଣ୍ଡି, ରାନୁ ସାହୁ, ମାରିଆ ଟିଯୋ, ସଞ୍ଜୀବ ମିଶ୍ର, ଗାୟତ୍ରୀ ମିଶ୍ର, ରୁମାନ ଖାନ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।ବିଦ୍ୟାଳୟ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ନେଇ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ବୌଦ୍ଧ, ୯।୮ (ସମିସ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ଭୈରବୀ +୨ ଅଧ୍ୟକ୍ଷ ଦେବାଶିଷ ସାହୁ ସଭାପତିତ୍ୱ କରିଥିଲେ। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ପୂର୍ବତନ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ଦାସ, ପୂର୍ବତନ ଅଧ୍ୟକ୍ଷ ମନୋଜ ପାଠୀ ପ୍ରମୁଖ ଅତିଥିବ ଭାବେ ଯୋଗ ଦେଇଥିଲେ। ରଞ୍ଜନ ପାଣିଗ୍ରାହୀ, ନୌତାଜିକା ବେହେରା ମଞ୍ଚ ପରିଚାଳନା କରିଥିଲେ। ଦେବାଶିଷ ପାଣିଗ୍ରାହୀ, ସୁଶୀଲ ମହାପାତ୍ର, ଶରତ ଚନ୍ଦ୍ର ନାଏକ, ପ୍ରଦୋଷ ପ୍ରଧାନ, ଡୋଳାମାଣି ରଣା ପ୍ରମୁଖ ସହଯୋଗ କରିଥିଲେ।

## ପାରା ଲିଗାଲ ସେଚ୍ଛାସେବୀଙ୍କ ତାଲିମ ଶିବିର



ବଲାଙ୍ଗିର, ୯।୮ (ସମିସ): ଜିଲ୍ଲା ନ୍ୟାୟାଧିଶ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଡ.ପବିତ୍ର ମୋହନ ସାମଲ ତତ୍ୱାବଧାନରେ ପ୍ରାଧିକରଣ ସଭାଗୃହରେ ଲୋଇସିଂହା ଓ ସଇଁତଳା ଅଞ୍ଚଳର ତାଲିକା ଭୁକ୍ତ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଶିବିରକୁ ପ୍ରାଧିକରଣର ଅଧ୍ୟକ୍ଷ ଡ.ସାମଲ ଉଦ୍‌ଘାଟନ କରିଥିଲେ ଓ ସ୍ୱେଚ୍ଛାସେବୀଙ୍କୁ ସମ୍ବିଧାନ ଓ ଆଇନ ଅନୁଯାୟୀ ଅଧିକାର, କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ଅନୁପ୍ରାଣିତ କରିଥିଲେ। ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ ବିଭିନ୍ନ ପ୍ରକାର ବିବାଦ କିଭଳି ଲୋକ ଅଦାଲତ, ମଧ୍ୟସ୍ଥତା, ଆର୍ବିଟ୍ରେସନ ମାଧ୍ୟମରେ ସ୍ୱଳ୍ପ ଓ ଶୀଘ୍ର ସମାଧାନ ମିଳିପାରିବ ତାହା ସଚେତନ କରାଇଥିଲେ। ଉକ୍ତ ଶିବିରରେ ଅଧ୍ୟାପକ ଚଣ୍ଡିପ୍ରସାଦ ଖମାରୀ ଆଇନଜିବୀ କୁଶଳ ପଟେଲ, ଡିଏସପି ତାରାବତି ପ୍ରଧାନ ଓ ଭାରତୀ ନାୟକ, ରିଟେନର ସୁଧାଂସୁ ଶେଖର ଶତପଥୀ. ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଦିଗମ୍ବର କର, ପ୍ରମୁଖ ଆଇନ ସେବା ପ୍ରତିକ୍ଷକ ଆଇନଜୀବୀ ଅରବିନ୍ଦ ପୁଜାରୀ ଆଦି ଯୋଗ ଦେଇ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ଆଇନ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ।

## ଭିତ୍ତିଭୂମି ନ ଥାଇ ୟୁଏଏସ୍ ବ୍ୟବସ୍ଥାକୁ ବିରୋଧ



ଶଗଡ଼ା, ୯।୮ (ସମିସ): ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ୟୁଏଏସ୍ ପ୍ରଚଳନ କରିବା ନେଇ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କନ୍ଧମାଳ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ପୂର୍ବରୁ ମଧ୍ୟ ବିଦ୍ୟାଳୟରେ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଯୋଗାଇ ୟୁଏସ ପ୍ରଚଳନ କରିବାକୁ ଦାବି କରିଥିଲେ ମଧ୍ୟ ସରକାର ଓ ବିଭାଗ ଏହାକୁ ଅଣଦେଖା କରିଛି। ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ସହ ସମସ୍ତଙ୍କୁ ମୋବାଇଲ ଫୋନ ଓ ନେଟ୍‌ପ୍ୟାକ୍, ଆବଶ୍ୟକ ଶ୍ରେଣୀ ଗୃହ ନିର୍ମାଣ, କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି, ଶିଶୁ ବଟିକା ପାଇଁ ଶିକ୍ଷକ ନିଯୁକ୍ତି, ଅଣଶିକ୍ଷାଠାରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦୂରେଇ ରଖିବା, ଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଗଲେ ଛାତ୍ରଛାତ୍ରୀ ଉପଯୁକ୍ତ ଗୁଣାତ୍ମକ ଶିକ୍ଷା ପାଇ ପାରିବେ ବୋଲି ସଙ୍ଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ୟୁଏସ ବ୍ୟବସ୍ଥାକୁ ଦୃଢ ବିରୋଧ କରିବା ସହ ଉପରୋକ୍ତ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ୟୁଏସ ବ୍ୟବସ୍ଥା ଲାଗୁ ନ କରିବାକୁ ଦାବି କରାଯାଇଛି।

## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା



ବୌଦ୍ଧ, ୯।୮ (ସମିସ): ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ +୨ ଓ +୩ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା, ଇଂରାଜୀ ବକ୍ତୃତା ଏବଂ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବକ୍ତୃତାରେ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ତୃପ୍ତିମୟୀଭଞ୍ଜ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୱେଷା ମିଶ୍ର ଦ୍ୱିତୀୟ ହୋଇଛନ୍ତି। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସୁନେଲୀ ବାଘ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୁଶାନ୍ତ ମହାପାତ୍ର, ସଞ୍ଜୟ ପଣ୍ଡା, ନୀଳଲୋହିତ ମହାପାତ୍ର ଏବଂ ରମେଶ ପ୍ରସାଦ ମେହେର ବିଚାରକ ଥିଲେ। ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ଅନ୍ୱେଷା ମିଶ୍ର ପ୍ରଥମ, ପୂଜା ରାଣୀ ସାହୁ ଦ୍ୱିତୀୟ, ତୃପ୍ତିମୟୀ ଭଞ୍ଜ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶରତ ପାତ୍ର, ଧରଣୀଧର ମହାପାତ୍ର, ରଞ୍ଜିତ ନାଏକ ବିଚାରକ ଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଉଟି ସାହୁ ପ୍ରଥମ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଦୀପକ ମହାକୁଲ ଦ୍ୱିତୀୟ, ଭୈରବୀ ଡିଗ୍ରୀ କଲେଜର ବାବୁନା ନାଏକ ଏବଂ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଦେବାଶିଷ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ନବକିଶୋର ଦୀପ, ସୁଶାନ୍ତ କର୍ଣ୍ଣ ଏବଂ ଗୋପାଳ ଅମାତ ବିଚାର ଥିଲେ। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ସହଯୋଗ କରିଥିଲେ।

● ପାଟଣାଗଡ଼ ବ୍ଲକରେ ଭିନ୍ନକ୍ଷମ ଭତ୍ତା ହଡପ ଘଟଣା

## ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି

ପାଟଣାଗଡ଼, ୯।୮ (ସମିସ): ସୁସ୍ଥ ସବଳଙ୍କୁ ଅନ୍ଧ, ବଧିର, ଛୋଟା ଦର୍ଶାଇ ମୋଟା ଅଙ୍କର ବଟି ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜନୈକ କର୍ମଚାରୀ ଭିନ୍ନକ୍ଷମ ସାର୍ଟିଫିକେଟ ଯୋଗାଇ ଦେଉଥିଲେ।ଏହି ସାର୍ଟିଫିକେଟ ବଳରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଗୁଡିକରେ ନକଲି ଭିନ୍ନକ୍ଷମ ସାଜି ଭିନ୍ନକ୍ଷମ ଭତ୍ତା ହରିଲୁଟ କରୁଛନ୍ତି ସୁସ୍ଥ ସବଳ।'ସକାଳ' ତଦନ୍ତେ ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଥିବାବେଳେ ପୁଣି ଏକ ନୂଆ ଅଭିଯୋଗ ସାମନାକୁ ଆସିଛି।ସୁକତେଲ ଡ୍ୟାମ ପାଇଁ ବିସ୍ଥାପିତ ହୋଇଥିବା ଗାଁ ଗୁଡିକରେ ମଧ୍ୟ ଏହି କର୍ମଚାରୀ ଜଣକ ସୁସ୍ଥ ସବଳଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ଯୋଗାଇ ଥିବା ଅଭିଯୋଗ ହେଉଛି।ଏହି ସାର୍ଟିଫିକେଟ ବଳରେ ନକଲି ଭିନ୍ନକ୍ଷମ ସାଜି ସୁସ୍ଥ ସବଳ ରାଜ୍ୟ ସରକାରଙ୍କ ବିସ୍ଥାପିତ ହେବାକୁ ଥିବା ଅଶୀ ପ୍ରତିଶତ ଭିନ୍ନକ୍ଷମଙ୍କ ପାଇଁ ଦେଉଥିବା ପ୍ରୋତ୍ସାହନ ରାଶି ପ୍ରଦାନ ହଡପ କରିଥିବା ଅଭିଯୋଗ ଉଠିଛି।ତେବେ ଏହି ନକଲି ସାର୍ଟିଫିକେଟ ବଳରେ ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ହଡପ ହୋଇଥିବା ଅଭିଯୋଗ ହେଉଛି।ଏହି ଜାଲିଆତିର ତଦନ୍ତ ମଧ୍ୟ 'ସକାଳ' ତଦନ୍ତ ଜାରିରଖିଛି।ତେବେ ଏହି କାରବାରରେ ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଜନୈକ କର୍ମଚାରୀ ମାଷ୍ଟର ମାଇଣ୍ଡ ସାଜିଥିବା ଅଭିଯୋଗ ହେଉଛି।ଏହି ଘଟଣାର ମଧ୍ୟ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି। ଅନ୍ୟପଟେ ଭିନ୍ନକ୍ଷମ ଭତ୍ତା ଲୁଟ ମାମଲାରେ ଦେଉଳଗାଁ ପଞ୍ଚାୟତରେ ଦଶ ରୁ ଊର୍ଦ୍ଧ୍ୱ ନକଲି ଭିନ୍ନକ୍ଷମ ସାଜି ଭତ୍ତା ହାତଉଥିବା ଜଣାପଡ଼ିବା ପରେ ଏହି ଜାଲିଆତିର ଚେର ଅନ୍ୟ ପଞ୍ଚାୟତ ଗୁଡିକରେ ମଧ୍ୟ ବ୍ୟାପିଛି।ପାଟଣାଗଡ଼ ବ୍ଲକର ଖୁଣ୍ଟସମଲେଇ ପଞ୍ଚାୟତରେ ମଧ୍ୟ ପାଞ୍ଚ ରୁ ଊର୍ଦ୍ଧ୍ୱ ନକଲି ଭିନ୍ନକ୍ଷମ ଭତ୍ତା ଟଙ୍କା ହଡପ କରୁଥିବା ତଦନ୍ତ ରେ ଜଣାପଡ଼ିଛି। ତେବେ ପାଟଣାଗଡ଼ ବ୍ଲକରେ ଶହେରୁ ଊର୍ଦ୍ଧ୍ୱ ନକଲି ଭିନ୍ନକ୍ଷମ ଭତ୍ତା ହାତଉଥିବା ଘଟଣାରେ 'ସକାଳ' ତରଫରୁ କରାଯାଇଥିବା ଅନୁମାନ ସତ ହେବାରେ ଲାଗିଛି।ଏନେଇ ବ୍ଲକ ଅଞ୍ଚଳର ପଞ୍ଚାୟତ ଗୁଡିକରେ ନକଲି ଭିନ୍ନକ୍ଷମ ଅଭିଯାନର ତଦନ୍ତ ଜାରିରହିଛି।ତେବେ ଏହି ଜାଲିଆତିରେ ସମ୍ପୃକ୍ତ ଥିବା ନକଲି ଭିନ୍ନକ୍ଷମ ସାର୍ଟିଫିକେଟ କାରବାରର ମାଷ୍ଟର ମାଇଣ୍ଡ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଥିବା ଘଟଣା ସାଧାରଣରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟକାରିତା ତଥା ନିରପେକ୍ଷତାକୁ ଅନେକ ପ୍ରଶ୍ନ ଉଙ୍କି ମାରୁଛି।ବିଶ୍ୱସ୍ତସୂତ୍ରରୁ ମିଳିଥିବା ଖବରନୁସାରେ ଏହି କର୍ମଚାରୀ ଜଣକ ପୂର୍ବରୁ ଜିଲ୍ଲପାଳ ଅଫିସରେ କାର୍ଯ୍ୟରତ ଥିଲେ।ସେଠାରେ ଏକ ଲାଞ୍ଚ କାରବାର କୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ବଦଳି ହୋଇଥିବା ସୂଚନା ରହିଛି। ଘଟଣା ଉପରେ ରାଜ୍ୟ ସରକାର ଦୃଷ୍ଟି ଦେଇ ନକଲି ଭିନ୍ନକ୍ଷମ ଘଟଣାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେବାପାଇଁ ସାଧାରଣରେ ଦାବି ହେଉଛି।

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି



ପାଟଣାଗଡ଼, ୯।୮ (ସମିସ): ଶୁକ୍ରବାର ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କୋଶଳ ମୁକ୍ତି ମୋର୍ଚ୍ଚା ତରଫରୁ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁସାରେ ପୂର୍ବରୁ ପାଟଣା ଷ୍ଟେଟ ଥିବା ସମୟରେ ଏଠାରେ ହାଇକୋର୍ଟ ବେଞ୍ଚ ଥିଲା।ଲୋକେ ଏଠାରେ ନ୍ୟାୟିକ ବ୍ୟବସ୍ଥା ଉପରେ ସୁବିଧା ପାଇପାରୁଥିଲେ।ପରେ ଏହାକୁ ଷଡଯନ୍ତ୍ର କରି କଟକକୁ ଉଠାଇ ନିଆଗଲା।ଦୀର୍ଘ ଦଶନ୍ଧି ଧରି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ହୋଇଆସୁଛି।ପଶ୍ଚିମ ଓଡ଼ିଶାର ଦୁଇ କୋଟି ଜନସାଧାରଣଙ୍କ ଦାବିକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବୈମାତୃକ ମନୋଭାବ ରଖିଆସୁଛନ୍ତି।କଟକରେ ହାଇକୋର୍ଟ ରହିଥିବାରୁ ପଶ୍ଚିମଓଡ଼ିଶାର ଜନସାଧାରଣ ନ୍ୟାୟିକ ବ୍ୟବସ୍ଥା ପାଇଁ ସେଠାକୁ ଯିବାକୁ ଖର୍ଚ୍ଚାନ୍ତ ହେବା ସହ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ନିକଟରେ ସୁପ୍ରିମକୋର୍ଟ ମହାରାଷ୍ଟ୍ରର କୋଲ୍‌ହପୁରରେ ଚତୁର୍ଥ ହାଇକୋର୍ଟ ବେଞ୍ଚ ଘୋଷଣା କରିଛନ୍ତି।କିନ୍ତୁ ପଶ୍ଚିମ ଓଡ଼ିଶାରେ ଦାବିକୁ କାହିଁକି ପୂରଣ କରାଯାଉନାହିଁ।ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଲୋକଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧିବାରେ ଲାଗିଛି।ଆଗାମୀ ଦିନରେ ଜନ ଆନ୍ଦୋଳନ ନିହାତି ହେବ ବୋଲି କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର ସଦସ୍ୟ ଗିରିରାଜ ଭୋଇ କହିଛନ୍ତି।ଏହି ଦାବିପତ୍ର ପ୍ରଦାନ ସମୟରେ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର ଗିରିରାଜ ଭୋଇ, ପ୍ରକାଶ ସାହୁ, ହୃଷିକେଶ ଭୋଇ, ମଦନ ମାଝୀ, ବବଲୁ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଜେପି ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା

କଣ୍ଟାବାଞ୍ଜି, ୯।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଶୁକ୍ରବାର ବିଜେପି ରାଜ୍ୟ ସଭାପତି ମନ ମୋହନ ସାମଲଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ବନମାଳୀ ପେଲେସ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ, ସାଧାରଣ ସମ୍ପାଦକ ସାରଦା ଶତପଥୀ, ସାଧାରଣ ସମ୍ପାଦକ ତଥା ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, ଉପସଭାପତି ଯତୀନ ମହାନ୍ତି, ଉପସଭାପତି ଗୋଲକ ମହାପାତ୍ର, ପୂର୍ବ ଜିଲ୍ଲା ବିଜେପି ସଭାପତି ଶିବାଜୀ ମହାନ୍ତି, ଜିଲ୍ଲା ସଭାପତି ଶ୍ରୀବସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଜେପି ପକ୍ଷରୁ ଶ୍ରୀ ସାମଲଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀ ସାମଲ ଏହି ଅବସରରେ କଣ୍ଟାବାଞ୍ଜିବାସୀଙ୍କୁ ଖୁସି ବ୍ୟକ୍ତ କରି ୨୪ ବର୍ଷର ମୁଖ୍ୟମନ୍ତ୍ରୀଙ୍କୁ ହରାଇ ନାଁ ରଖିଛ ଆଗାମୀ ଦିନରେ ମୁଁ କଣ୍ଟାବାଞ୍ଜି ଆସିଲେ ସମସ୍ତଙ୍କ ପାଇଁ ଏକ ଉପହାର ଦେବି କହିବା ସହ ମୁଁ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିବି ବୋଲି କହିଛନ୍ତି।



## ଦେଓଗାଁ ଚିନିକଳ ସଂଘର୍ଷ ସମିତିର ବୈଠକ



ବଲାଙ୍ଗିର, ୯।୮ (ସମିସ): ଦେଓଗାଁ ଚିନିକଳ ସଂଘର୍ଷ ସମିତିର ଜରୁରି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପୂର୍ବରୁ ଆସନ୍ତା ୧୨ ତାରିଖରେ ନିର୍ଦ୍ଧାରିତ ହୋଇଥିବା ଚାଷୀ ସମାବେଶ ସମ୍ପର୍କରେ ଆଲୋଚନା କରାଗଲା। ସରକାର ବର୍ତ୍ତମାନ ଚିନିକଳ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି।ଏଭଳି ପରିସ୍ଥିତିରେ ଚାଷୀ ସମାବେଶ ବର୍ତ୍ତମାନ ଆବଶ୍ୟକ ନ ଥିବାରୁ ଅନୁମାନ କରାଯାଇଛି। ଆଗାମୀ ଦିନରେ ସରକାର ଯଦି ଏହି ଚିନିକଳ ଚଳାଇବା ବିଷୟରେ ବିଳମ୍ବ କରନ୍ତି ତେବେ ଆନ୍ଦୋଳନ ଏବଂ ଚାଷୀ ସମାବେଶ କରାଯିବା ପାଇଁ ସଂଘର୍ଷ ସମିତିର ଆବାହକ ଚେତାବନୀ ଦେଇଛନ୍ତି। ବୈଠକରେ ବିଭୁଦତ୍ତ ମିଶ୍ର, ପଶ୍ଚିମ ଓଡ଼ିଶା ସେବା ସଂଘ ସଭାପତି ରାଜେଶ ବରର୍ତ୍ତି, ଆଶିଷ ପାଣ୍ଡେ, ଗୋପବନ୍ଧୁ ଛତ୍ରିଆ, ନିଳମଣି ଯୋଷୀ, ସୁରଥ ପଟେଲ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସତ୍ୟ ବନଛୋର, ପ୍ରିତମ ଠାକୁର, ଆଲୋକ ପରିଡ଼ା, ନରେଶ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ। ଚାଷୀ ସମାବେଶ ଯାହା ପୂର୍ବ ନିର୍ଦ୍ଧାରିତ ଥିଲା ୧୨.୦୮.୨୦୨୫ ତାହା ସ୍ଥଗିତ ରଖାଗଲା।

ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

## ଦାଦନଜନିତ ବିସ୍ଥାପନ ରୋକିବା ନେଇ ଆଲୋଚନା

ବଲାଙ୍ଗିର, ୯।୮ (ସମିସ)



ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକଙ୍କ ସମ୍ପର୍କିତ ପ୍ରସଙ୍ଗ ଉପରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି।ବୈଠକ ଜିଲ୍ଲାପାଳ ଗୌରବ ଶିୱାଜି ଇସଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା ଓ ଜିଲ୍ଲାପରିଷଦ ନିର୍ବାହୀଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣି ସୁନା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଶ୍ରମିକଙ୍କ ସମସ୍ୟାର ସମାଧାନ ତଥା ଦାଦନଜନିତ ବିସ୍ଥାପନ ରୋକିବା ନିମନ୍ତେ ସବିଶେଷ ଉପରେ ଆଲୋଚନା କରାଯାଇଥିଲା। ଦାଦନ ସମସ୍ୟାର ସମାଧାନ ପାଇଁ ଉନ୍ନୟନମୂଳକ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ଓ ବିଭିନ୍ନ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ନିଆଯିବାକୁ ଥିବା ପଦକ୍ଷେପ ଗୁଡିକ ଯଥା ଶୀଘ୍ର ତ୍ୱରିତ୍ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେପରି କାର୍ଯ୍ୟ ଅନ୍ୱେଷଣରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ କେଉଁ ବ୍ଲକରୁ କେଉଁମାନେ ଦାଦନ ଖଟିବାକୁ ଯାଉଛନ୍ତି ସେମାନଙ୍କୁ ଚିହ୍ନଟ କରି ସ୍ଥାୟୀ ରୋଜଗାର ବ୍ୟବସ୍ଥା ଓ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଉପସ୍ଥିତ ଥିବା ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ଜନମଙ୍ଗଳ ଯୋଜନାରେ କାର୍ଯ୍ୟକାରିତା କରୁଥିବା ବିଭିନ୍ନ ବିଭାଗ ଯଥା ପଞ୍ଚାୟତିରାଜ, କୃଷି, ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁସମ୍ପଦ, ଜଳସେଚନ, ଜଙ୍ଗଲ ବିଭାଗରେ ହେଉଥିବା ସମସ୍ତ ଜୀବନ ଜୀବିକାନିର୍ବାହ କାର୍ଯ୍ୟକ୍ରମ ବା ଯୋଜନାକୁ ସମ୍ମିଳିତ ଭାବେ ଗାଁରେ ଯୋଗାଇ ଦେବାକୁ ତଥା ଦାଦନ ଶ୍ରମିକ ଭାବେ ଯାଉଥିବା ଶ୍ରମିକଙ୍କର ଅଳ୍ପ ବୟସ୍କ ପୁଅ ଝିଅ ମାନଙ୍କୁ ସ୍ୱଳ୍ପ କାଳୀନ ଛାତ୍ର/ଛାତ୍ରୀବାସକୁ ଆସନ୍ତା ମାସ ସୁଦ୍ଧା ଖୋଲିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କର୍ମ ନିଯୁକ୍ତି ଶିକ୍ଷାର ଇଚ୍ଛୁକ ଯୁବକ ଯୁବତୀଙ୍କୁ ରୁଚି ଅନୁସାରେ ଦକ୍ଷତା ବିକାଶ ପ୍ରଶିକ୍ଷଣରେ କିଭଳି ଭାବେ ଅଧିକରୁ ଅଧିକ ଯୁବଗୋଷ୍ଠୀ ସାମିଲ ହୋଇପାରିବେ ସେଥିପ୍ରତି ଅନୁଧ୍ୟାନ କରିବା ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କର୍ମ ନିୟୋଜନ ଅଧିକାରୀଙ୍କୁ ଏବଂ ବିଭିନ୍ନ ସରକାରୀ ଯୋଜନାରେ ରହିଥିବା ସୁବିଧା ଦେବା ପାଇଁ ତଥା ଆଇନର ଅନୁପାଳନ କରି ଋଣ ଉପଲବ୍ଧତା ସୁବିଧା ଚାଷୀମାନେ ସିଧାସଳଖ ପାଇପାରିବେ ସେ ପାଇଁ ବ୍ୟାଙ୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନ କରିବା ସହ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟୁଥିବା ଶ୍ରମିକମାନଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ, ବସଷ୍ଟାଣ୍ଡ ଓ ବିଭିନ୍ନ ରେଳ ଷ୍ଟେସନରେ କରାଯାଉଥିବା ତନଖି କୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀ ତଥା ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦାରିଦ୍ର୍ୟ ନିରାକରଣ ଯୋଜନାରେ ଦାଦନ ପରିବାରଙ୍କୁ ସାମିଲ କରିବା, ଭିତ୍ତିଭୂମି ଯୋଗାଇ ଦେବା ଯଥା ବସୁନ୍ଦରା ଯୋଜନାରେ ଗୃହ ଉପଯୋଗୀ ବାସଗୃହ ଯୋଗାଇଦେବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ପ୍ରସ୍ତାବିତ ପଦକ୍ଷେପ ଓ ଯୋଜନାର ସୁପାରିଶ ଯଥା ଶୀଘ୍ର ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।ବୈଠକରେ ବଲାଙ୍ଗୀରର ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀଗଣ ଯୋଗଦେଇଥିଲେ।

# କାର୍ଯ୍ୟକାରୀ ହେଉନି ମେଗା ଜଳସେଚନ ପ୍ରକଳ୍ପ

ତରଭା, ୯ ।୮ (ସମିସ): ଅନିୟମିତ ବର୍ଷା ଯୋଗୁଁ ତରଭା ବ୍ଲକର ଅଧିକାଂଶ ଚାଷଜମି ପାଣି ଅଭାବରୁ ଫାଟିବାକୁ ବସିଲାଣି। ଚାଷକୁ ବଞ୍ଚାଇବା ପାଇଁ ତେଲ ନଦୀରୁ ମେଗା ଜଳସେଚନ ପ୍ରକଳ୍ପର ବ୍ୟବସ୍ଥା ଅଛି। ତେଲ ନଦୀରେ ପାଣିର ଅଭାବ ନାହିଁ; ହେଲେ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉ ନ ଥିବା କାରଣରୁ ଚାଷୀ ଚିନ୍ତାରେ ପଡିଛନ୍ତି। ତରଭା



ବ୍ଲକ ଚାରଭଟ୍ଟା ଓ ବାଲିଖମାର ପଞ୍ଚାୟତର ୧୫୦୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବା ପାଇଁ ଅଇଁଲାପାଲି ତେଲନଦୀ ଘାଟରେ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ଗତ ଖରିଫ ଋତୁ ପରେ ଜଳ ଯୋଗାଣ ବନ୍ଦ କରାଯାଇଥିଲା; ଯାହାକି ଆଜି ସୁଦ୍ଧା ବନ୍ଦ ରହିଛି। ପ୍ରକଳ୍ପ ଅଧୀନରେ ଆସୁଥିବା କରଲାମୁହାଁଣ, ବାଲିଖମାର, ଝିଲିମୁଣ୍ଡା, ସିଂଢୋଲ, ସନ୍ଧିଜୋର, ବିଲେଇବେର୍ଣ୍ଣା, ପୁଟୁକିପାଲି, ଚାରଭଟ୍ଟା, ଅଇଁଲାପାଲି, ଶୁଖିଲାସର, ବସାଶଙ୍କର ଓ ବଡ଼ମୁଣ୍ଡା (ଅର୍ଦ୍ଧେକ) ର ଚାଷୀ ଧାନ ଚାଷ କରିଛନ୍ତି। ବର୍ତ୍ତମାନ ରୁଆ କାର୍ଯ୍ୟ ସରିଲାଣି; ହେଲେ ଆବଶ୍ୟକ ପରିମାଣରେ ବର୍ଷା ହେଉ ନ ଥିବାରୁ ବେର୍ଣ୍ଣା ଜମି ସବୁ ଫାଟିଗଲାଣି। ଶୀଘ୍ର ପ୍ରକଳ୍ପକୁ ଚାଲୁ କାରିବାକୁ ଚାଷୀ ବିଭାଗୀୟ କର୍ମଚାରୀଙ୍କୁ କହୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ତେବେ ଏ ନେଇ ମେଗା ଲିଫ୍ଟ ପ୍ରୋଜେକ୍ଟ (ସୋନପୁର ଡିଭିଜନ) ର ଏଇଇ ରବିନାରାୟଣ ମେହେରଙ୍କୁ ପଚାରିବାରୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ୫ ବର୍ଷୀୟା କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପରେ ନୂଆ କର୍ମଚାରୀ ଆସିନାହାନ୍ତି। ନୂଆ କର୍ମଚାରୀ ଆସିଲେ ଲିଫ୍ଟ ପଏଣ୍ଟ ଚାଲିବ ବୋଲି କହିଛନ୍ତି। ତେବେ ପ୍ରକଳ୍ପରେ ଶୀଘ୍ର ପାଣି ଛାଡିବାକୁ ଚାରଭଟ୍ଟା ସମିତି ସଭ୍ୟ ଘନଶ୍ୟାମ ଡାଙ୍ଗ, ବାଲିଖମାର ସମିତି ସଭ୍ୟ ମୁଜଲିମିନ ମହମ୍ମଦ ଦାବି କରିଛନ୍ତି।

## ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ

# ଗଙ୍ଗାଧରଙ୍କ ସାହିତ୍ୟ ସୃଷ୍ଟି ଅନନ୍ୟ



ସୋନପୁର, ୯ ।୮ (ସମିସ): ସୋନପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଅଗ୍ରଣୀ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ମହାନଦୀ ସହିତ୍ୟ ସଂସଦ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗଙ୍ଗାଧରଙ୍କ ସାହିତ୍ୟ ସୃଷ୍ଟି ଅନନ୍ୟ ବୋଲି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ଶରତଚନ୍ଦ୍ର ପତି, ବୁଗୁଡ଼ା ପିପୁଲସ୍ କଲେଜ ଅଧକ୍ଷ ଡ. ପୁରୁଷୋତ୍ତମ ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ।

ଅତିଥିଗଣ କବିଙ୍କ ଜୀବନୀ ଓ ତାଙ୍କ କାବ୍ୟ, କବିତା ଓ ଅନନ୍ୟ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ। ଏହି ସଭାରେ ସୁବର୍ଣ୍ଣପୁର ଜିଲ୍ଲାର ବହୁ ସାହିତ୍ୟିକ, କବି, ଲେଖକ, ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଙ୍ଗାଧର ମେହେରଙ୍କ ରଚିତ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାନଦୀ ସାହିତ୍ୟ ସଂସଦର ସଭାପତି ସୌରଭ ରଞ୍ଜନ ଖମାରୀ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁ ସଭା ସଂଯୋଜନା କରିଥିଲେ। ସମ୍ପାଦକ ବ୍ରତାନନ୍ଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ତରଫରୁ ସକାଳ ସମୟରେ ସୋନପୁର ସହରସ୍ଥିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ମନମୁଣ୍ଡା: ମନମୁଣ୍ଡା ଭୁଲିଆ ସମାଜ ପକ୍ଷରୁ ସ୍ୱଭାବ ତଥା ପ୍ରକୃତିପ୍ରେମି କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ମନମୁଣ୍ଡାରୁ ବାସୁଦେବପାଲି, ସୁବର୍ଣ୍ଣପାଲି ଦେଇ ଦେଉଳି ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା। ସ୍ଥାନୀୟ ଶ୍ରୀ ଭାଗବତ ମନ୍ଦିରରେ ସଭା ଅନୁଷ୍ଠିତ ହୋଇଥିଲା। ପଙ୍କଜ ମେହେର ଅଧକ୍ଷତା କରିଥିଲେ। ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, ଚନ୍ଦ୍ରଶେଖର ମେହେର, ମୃତ୍ୟୁଞ୍ଜୟ ମେହେର, ଶିକ୍ଷକ ତୁଳେଶ୍ୱର ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୈଳାଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



# ହର୍ ଘର୍ ତିରଙ୍ଗା ହର୍ ଘର୍ ସ୍ୱଚ୍ଛତା କାର୍ଯ୍ୟକ୍ରମ



ବୌଦ୍ଧ, ୯ ।୮ (ସମିସ): ବୌଦ୍ଧ ଜିଲ୍ଲା ପଞ୍ଚାୟତ ଭବନରେ ହର୍ ଘର୍ ତିରଙ୍ଗା, ହର୍ ଘର୍ ସ୍ୱଚ୍ଛତା କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଜଳ ପରିମଳ ମିଶନ ଏବଂ ଜିଲ୍ଲା ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ସ୍ୱଚ୍ଛତା ପରାମର୍ଶଦାତା ଆର୍ତ୍ତତ୍ରାଣ ପାଢ଼ୀ, ବିଡିଓ ଯୁଧିଷ୍ଠିର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ତରଭା: ଅଗଷ୍ଟ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ତରଭା ପଞ୍ଚାୟତ ସମିତି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଡିଓ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ କର୍ମଚାରୀଙ୍କ ସମେତ ଓଏଲଏମ କର୍ମଚାରୀ ସାମିଲ ଥିଲେ। ସ୍ୱାଧୀନତାର ଅନନ୍ୟ ପ୍ରତୀକ ଜାତୀୟ ପତାକାକୁ ସମ୍ମାନ ଜଣାଇବା ସହ ଦେଶର ଏକତା ଏବଂ ଅଖଣ୍ଡତା ଭାବନାରେ ଉଦ୍‌ବୁଦ୍ଧ ହୋଇ ପ୍ରତ୍ୟେକ ଘରେ ଜାତୀୟ ପତାକା ଉଡ଼ାଇବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଶୋଭାଯାତ୍ରାରେ ଏମ୍‌ବିକେ, ସିଆରପି ମିଶନ ଶକ୍ତି ମହିଳା ଏବଂ ବ୍ଲକର ସମସ୍ତ କର୍ମଚାରୀ ସାମିଲ ଥିଲେ।



# ୨ ବର୍ଷ ହେଲା ଗଭୀର ନଳକୂପ ଖୋଳିପାରୁ ନାହାନ୍ତି ଚାଷୀ

ଧର୍ମଗଡ଼, ୯।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଶତାଧିକ ଚାଷୀ ଉଠା ଜଳସେଚନ ବିଭାଗରେ ସୌରଚାଳିତ ଗଭୀର ନଳକୂପ ପାଇଁ ଟଙ୍କା ପଇଠ କରିଛନ୍ତି। ଆଜକୁ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଚାଷୀଙ୍କୁ ଆଜି ପର୍ଯ୍ୟନ୍ତ ସୌରଚାଳିତ ଗଭୀର ନଳକୂପ ଖନନ ପାଇଁ ଅନୁମତି ମିଳୁନି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷର ଦାନା ବାନ୍ଧୁଛି। ଗୋଲାମୁଣ୍ଡା ବ୍ଲକର ଚାଷୀ ଅନଲାଇନ ମାଧ୍ୟମରେ ଆବେଦନ କରିଥିଲେ। ସାଧାରଣ ବର୍ଗ ଲୋକେ ଗୋଟିଏ ସୌରଚାଳିତ ଗଭୀର ନଳକୂପ ପାଇଁ ୨୦ ହଜାର ଟଙ୍କା ପଇଠ କରିଥିଲେ। ଆଦିବାସୀ, ହରିଜନ ବର୍ଗର ଚାଷୀ ୧୦ ହଜାର ଟଙ୍କା ଅନଲାଇନ ମାଧ୍ୟମରେ ପଇଠ କରିଥିଲେ। ସେ ସମୟରେ ଚାଷୀଙ୍କୁ ଯଥାଶିଘ୍ର ସୌରଚାଳିତ ଗଭୀର ନଳକୂପ ଖନନ କରି ତାହା କାର୍ଯ୍ୟକ୍ଷମ କରାଯିବ ବୋଲି ସଂପୃକ୍ତ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ସମୟ ଗଡିବା ସାଙ୍ଗକୁ ଚାଷୀ ବାରମ୍ବାର ଏ ଦିଗରେ ସଂପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଆଜିକୁ ଦୀର୍ଘ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଚାଷୀଙ୍କ ଜମିରେ ଆଜି ପର୍ଯ୍ୟନ୍ତ ସୌରଚାଳିତ ଗଭୀର ନଳକୂପ ଖନନ କରାଯାଇନାହିଁ। କିଛି ମାସ ହେଲା ନୂଆପଡା ଜିଲ୍ଲାର ଚାଷୀଙ୍କ ଜମିରେ ସୌରଚାଳିତ ଗଭୀର ନଳକୂପ ଖନନ କରି ତାହା କାର୍ଯ୍ୟକ୍ଷମ ହୋଇ ସାରିଛି। ଏଣୁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଚାଷୀଙ୍କ ଚାଷ ଜମିରେ ଯଥାଶୀଘ୍ର ସୌରଚାଳିତ ଗଭୀର ନଳକୂପ ଖନନ କରାଯାଇ କାର୍ଯ୍ୟକ୍ଷମ କରିବାକୁ ବ୍ଲକର ପ୍ରସନ୍ନ ରାଉତ, ସୁବାଷ ଚନ୍ଦ୍ର ରାଉତ, ଅରୁଣ ରାଉତ, ପ୍ରିୟରଞ୍ଜନ ପଟେଲ, ମାନସ ନାଏକ, ଦେବରାଜ ରାଉତଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।

# ପୁଲିସ ଅଧିକାରୀଙ୍କ ବିରୋଧରେ ଅତିରିକ୍ତ ଏସ୍‌ପିଙ୍କୁ ଫେରାଦ

ବୌଦ୍ଧ, ୯ ।୮ (ସମିସ): ମନମୁଣ୍ଡା ଥାନା ଗୁଦୁଗୁଦା କାଳିଆ ହୋଟେଲର କର୍ମଚାରୀଙ୍କୁ ଜଣେ ପୁଲିସ୍ ଅଧିକାରୀ ମାଡ ମାରି ଟଙ୍କା ଛଡାଇ ନେଇଛନ୍ତି। ଏ ନେଇ ସମ୍ପୃକ୍ତ ହୋଟେଲ କର୍ମଚାରୀ ଅତିରିକ୍ତ ଏସ୍‌ପି ନିକଟରେ ଅଭିଯୋଗ କରିଛନ୍ତି। ଗୁରୁବାର ରାତି ସାଢେ ଗୋଟାଏରେ ଦୁଇ ଜଣ ପୁଲିସ୍ କର୍ମଚାରୀଙ୍କ ସହ କିଛି ଅଜଣା ଲୋକ ଆସି ହୋଟେଲ କବାଟ ବାଡେଇ ଖାଇବାକୁ ମାଗିଥିଲେ। କର୍ମଚାରୀମାନେ ହୋଟେଲ ବନ୍ଦ ହୋଇ ସାରିଥିବା କହିବା ପରେ



ପରିସ୍ଥିତି ଜଟିଳ ହୋଇଥିଲା। ତନ୍ମଧ୍ୟରୁ ଜଣେ ବ୍ୟକ୍ତି ନିଜକୁ ଚନ୍ଦନ ଜେନା ଓ ଶଗଡା ଥାନା ଅଧିକାରୀ ବୋଲି ପରିଚୟ ଦେଇ ଧମକ ଚମକ ଦେଇଥିଲେ। ହୋଟେଲ କର୍ମଚାରୀଙ୍କୁ ମାଡମାରି ଡ୍ରରେ ଥିବା ୬୨୦୦ ଟଙ୍କା ନେଇଯାଇଥିଲେ। ଏହାପରେ ହୋଟେଲ କର୍ମଚାରୀ ଶକ୍ତି ବେହେରାଙ୍କୁ ଉଠାଇ ନେଇ ଚାଲି ଯାଇଥିଲେ। ଏ ସମ୍ପର୍କରେ ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ଏସ୍‌ପିଙ୍କ ନିକଟରେ ଅଭିଯୋଗ ପାଇଁ ରାତିରେ ହୋଟେଲ କର୍ମଚାରୀ ବୌଦ୍ଧ ଆସିଥିଲେ। ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଭାରସାମ୍ୟ ହରାଇ ବାଇକ୍ ଚାଳକ ମୃତ

କେସିଙ୍ଗା, ୯ ।୮ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ପଲମ୍ ଫାଣ୍ଡି ଅଧୀନ ଭଟାଖମାର ଗାଁର ପାଣି ଟାଙ୍କି ଗେଟ୍ ପାଖରେ ଥିବା ବୁଲାଣିର ଏକ ଖମ୍ବରେ ପିଟି ହୋଇ ଦୀପକ ରଣା (୨୩) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ଜିଲ୍ଲା ଟିଟଲାଗଡ ଅଞ୍ଚଳର ଖୋଲାନ ଗ୍ରାମରେ ଦୀପକଙ୍କ ଘର। ସେ ତାଙ୍କର ଜଣେ ସମ୍ପର୍କୀୟ ନିରା ରଣା ସହ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବାଲିପଡ଼ା ଗ୍ରାମକୁ ଯାଉଥଲେ। ପଛରେ ବସିଥିବା ନୀରା ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ନର୍ଲା ମେଡିକାଲ ଏବଂ ପରେ ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତରିତ କରାଯାଇଛି। ରବିବାର କେସିଙ୍ଗାରେ ଦୀପକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ଗୋଆରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ଧର୍ମଗଡ, ୯ ।୮ (ସମିସ): ନୂଆଁଖାଇ ମାତ୍ର କେହି ଦିନ ଅଛି। ଏବେ ବିଭିନ୍ନ ରାଜ୍ୟରୁ ଦାଦନ ଶ୍ରମିକଙ୍କ ଘର ବାହୁଡା ପର୍ବ ଆରମ୍ଭ ହେଲାଣି। ଠିକ୍ ଏତିକି ବେଳକୁ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଘରକୁ ଆସିଛି। ଧର୍ମଗଡ ବ୍ଲକ ଛଞ୍ଚାଣବାହାଲି ଗ୍ରାମର ନବୀନ ଭଇଁସାଲ (୨୫) ଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ଦେଖାଦେଇଛି। କିଛି ମାସ ତଳେ ଗାଁର ସାଙ୍ଗସାଥିଙ୍କ ସହ ସେ ଗୋଆକୁ ପେଟପାଟଣା ପାଇଁ ଯାଇଥିଲେ। ସେଠାରେ ଏକ ଘରୋଇ ଠିକାଦାର ପାଖରେ ରହି କାମ କରୁଥିଲେ। ଦୁଇ ଦିନ ତଳେ ଦେହ ହଠାତ ଅସୁସ୍ଥ ହୋଇପଡିଥିଲା। ସାଙ୍ଗରେ ଯାଇଥିବା ଭାଇ ଓ ସାଙ୍ଗ ସାଥି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶେଷରେ ସେ ଆଖି ବୁଜିଛନ୍ତି। ଠିକଦାର ଜଣକ ଗୋଆରୁ ରାୟପୁର ଯାଏ ବିମାନରେ ଶବ ପଠାଇବା ବ୍ୟବସ୍ଥା କରିଥିଲେ। ରାୟପୁରରୁ ଏକ ଆମ୍ବୁଲାନ୍ସ ଯୋଗେ ଗାଁରେ ଶବ ପହଞ୍ଚିଛି। ଶବ ପହଞ୍ଚିଲା ପରେ ଗାଁରେ କାନ୍ଦ ବୋବାଳି ପଡିଛି। ଭାଇବନ୍ଧୁ, ପରିଜନ ମିଶି ଗାଁ ମଶାଣିରେ ସତ୍କାର କରିଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ଧର୍ମଗଡ଼, ୯ ।୮ (ସମିସ): ଧର୍ମଗଡରେ ନବ ଗଠିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି କବିରାଜ ଦୁର୍ଗା ଅଧକ୍ଷତା କରିଥିଲେ। ବରିଷ୍ଠ ସଦସ୍ୟ ହରିସୁନ୍ଦର ପଣ୍ଡା, ବବ୍ରୁ ବାହନ ଯୋଶୀ, ହୃଷୀକେଶ ସାହୁ, ଫୁଲେଶ୍ୱର ସେନାପତି, ଲୋକନାଥ ବେହେରା, ଧନୁର୍ଦ୍ଧର ଦାସ, ମହେନ୍ଦ୍ର ବାଗଙ୍କୁ ନେଇ ଉପଦେଷ୍ଟା କମିଟି ଗଠନ କରାଯାଇଛି। କାର୍ଯ୍ୟକାରୀ ସଭାପତି ଭାବେ ସୁବାଷ ସାହୁ, ଉପସଭାପତି ଭାବେ ଶ୍ୟାମସୁନ୍ଦର ନାଗ ଓ ପ୍ରମୋଦ ହଂସ, ସମ୍ପାଦକ ରାଜେନ୍ଦ୍ର ଭାବେ ଭୋଇ, ସହ ସମ୍ପାଦକ ଭାବେ ଧରଣୀଧର ଧଙ୍ଗଡାମାଝୀ ଏବଂ କୋଷାଧକ୍ଷ ଭାବେ ପ୍ରତାପ କିଶୋର ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି।

# ମାନସିକ ରୋଗୀଙ୍କ ଚିକିତ୍ସା ଓ ଥଇଥାନ ପାଇଁ ସରପଞ୍ଚ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଧର୍ମଗଡ, ୯ ।୮ (ସମିସ): ଧର୍ମଗଡ ବ୍ଲକ ପର୍ଲା ଗ୍ରାମର ଦେବରାଜ ଗୋପାଳ (୪୫) ନାମକ ଜଣେ ମାନସିକ ରୋଗୀଙ୍କ ଚିକିତ୍ସା ଓ ଥଇଥାନ ନେଇ ସରପଞ୍ଚ ବ୍ରିଜଲାଲ ନାଏକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାନସିକ ଭାରସାମ୍ୟ ହରାଇ ସେ ଟେକା ପଥର ମାରୁଛନ୍ତି। ଏନେଇ ତାଙ୍କ ବାପା ସଦନ ଗୋପାଳ ସରପଞ୍ଚଙ୍କୁ ଜଣାଇ ଥିଲେ। ଦେବରାଜଙ୍କ ଚିକିତ୍ସା ଓ ଥଇଥାନ ପାଇଁ । ସରପଞ୍ଚ ବିଡିଓ ଏବଂ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ; ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାପରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲ୍ଲାପାଳ ଏ ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଛନ୍ତି। ଖୁବଶୀଘ୍ର ଦେବରାଜଙ୍କୁ ଉଦ୍ଧାର କରାଯିବ। ଚିକିତ୍ସା ପାଇଁ ପଠାଯିବ ବୋଲି ସମାଜ ମଙ୍ଗଳ ଅଧିକାରୀ ପ୍ରକାଶ କରିଛନ୍ତି।

# ବେହେରାପଡ଼ାରେ ବିଶ୍ୱ ଆଦିବାସୀ ଦିବସ




ଶଗଡା, ୯ ।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତ ଆରିମୂଳ ପ୍ରଗଣା ବେହେରା ପଡ଼ାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଛିଫ ବ୍ଲକ ଆଦିବାସୀ ସଙ୍ଘ ସଭାପତି ନରୋତ୍ତମ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଦିବାସୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆଦିବାସୀଙ୍କ ଜଳ ଓ ଜଙ୍ଗଲ ଜମି ଉପରେ ଆଲୋଚନା କରାଯାଇଥିଲା। ସଭ୍ୟ ରାବଣେଶ୍ୱର ବେହେରା, ପ୍ରେମାନନ୍ଦ ଭୋଇ, ଦେବାର୍ଚ୍ଚନ ନାଏକ, ପରେଶ ଧରୁଆ, ଧନପତି ମାଝୀ, ବିଭୀଷଣ କହଁର, ବିଜାମନ ବେହେରା, ବାହାଦୁଲ ବେହେରା, ଲୋକନାଥ ଜାନି, ରମେଶ ମଲ୍ଲିକ, ଦଣ୍ଡଧର ଜାନି ପ୍ରମୁଖ ଶତାଧିକ ଆଦିବାସୀ ଯୋଗ ଦେଇଥିଲେ।

# ରାକ୍ଷୀ ବାନ୍ଧି ନିଶା ସେବନ ନ କରିବାକୁ ସଂକଳ୍ପ କରାଇଲେ



ଶଗଡା, ୯ ।୮ (ସମିସ): କଣ୍ଟାମାଳ ବ୍ଲକ୍ ବିଚଣାପାଟିସ୍ଥିତ ଲୋପାମୁଦ୍ରା କଲେଜ ପରିସରରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ରକ୍ଷା ବନ୍ଧନ ଓ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ସମ୍ପାଦକ ଉତ୍ତମ ମହଲା ଉପସ୍ଥିତ ରହି ଏକ ସୁସ୍ଥ ସମାଜ ଗଠନ ପାଇଁ ଏହା ଏକ ନିଆରା ପଦକ୍ଷେପ ବୋଲି କହିବା ସହିତ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ସୁଶୀଳ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଧାରଣା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସ୍ଥିତ ଅଧ୍ୟାପକ, ଛାତ୍ର ତଥା କଲେଜର ପୁରୁଷ କର୍ମଚାରୀଙ୍କ ହାତରେ ଅଧ୍ୟାପିକା, ଛାତ୍ରୀ ଓ ମହିଳା କର୍ମଚାରୀମାନେ ରାଖୀ ବାନ୍ଧି ବଦଳରେ ନିଶା ଦ୍ରବ୍ୟ ଓ ତମାଖୁ ସେବନ ନ କରିବାକୁ ଶପଥ ନେବାକୁ କହିଥିଲେ। ଉପସ୍ଥିତ ପୁରୁଷମାନେ ନିଶାଦ୍ରବ୍ୟ ଓ ତମାଖୁ ବର୍ଜନ କରିବାକୁ ସଂକଳ୍ପ ନେଇଥିଲେ।

# ତରଭା ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ



ତରଭା, ୯ ।୮ (ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ ଏଥିରେ ଅଧକ୍ଷତା କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ମହେନ୍ଦ୍ର ତ୍ରିପାଠୀ ଯୋଗ ଦେଇଥିଲେ। ସୁରେଶ ମାହାର ଅତିଥି ପରିଚୟ ଦେବାସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଗଛରେ ରାକ୍ଷୀ ବାନ୍ଧିଲେ ଛାତ୍ରଛାତ୍ରୀ



ଶଗଡା, ୯ ।୮ (ସମିସ): ବୃକ୍ଷ ଆମର ପ୍ରକୃତ ଭାଇ। ବୃକ୍ଷ ଆମର ପ୍ରକୃତ ବନ୍ଧୁ। ଏହି ନାରା ଦେଇ ବୌଦ୍ଧ ଜିଲ୍ଲା କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ପବିତ୍ର ରକ୍ଷାବନ୍ଧନ ଉତ୍ସବରେ ବୃକ୍ଷଗୁଡ଼ିକୁ ରାକ୍ଷୀ ବାନ୍ଧିଛନ୍ତି। ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ୟୁନିଟ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ପ୍ରକାଶ ପ୍ରଧାନ ସଭାପତିତ୍ୱ କରିଥିଲେ। କଣ୍ଟାମାଳ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମଣି ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବୃକ୍ଷ ସଦାସର୍ବଦା ଦାତବ୍ୟ ଭାବରେ ମାନବ ସମାଜ ପାଇଁ ହିତ ସାଧନ କରିଥାଏ। ବୃକ୍ଷ ସମାଜକୁ ନିଜର ସର୍ବସ୍ୱ ପ୍ରଦାନ କରିଥାଏ। ଶିକ୍ଷକ ସୁଜିତ୍ ତରିଆ, ସତ୍ୟଜିତ ପଣ୍ଡା, ସରୋଜ ସାହୁ, ଦୁଷ୍ମନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ଏମ. ମାଧୁରୀ ଦୋରା, ସୁପ୍ରିୟା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ବନମାଳୀ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ମୀରାବାଇ ଧାରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଡ଼ଭେଲିପଦରରେ ରକ୍ଷାବନ୍ଧନ ଉତ୍ସବ

ମନମୁଣ୍ଡା, ୯ ।୮ (ସମିସ): ଗୁଡଭେଲିପଦର ଗ୍ରାମରେ ବିଳାସପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ନୀଳାମ୍ବର ଖମାରୀ ଏଥିରେ ଅଧକ୍ଷତା କରିଥିଲେ। ନାଟ୍ୟକାର ପ୍ରମୋଦ ମେହେର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରିଚାଳନା ସମିତିର ଉପସଭାପତି ପ୍ରଫୁଲ୍ଲ ଖମାରୀ ଓ ସଦସ୍ୟା ପ୍ରିୟଙ୍କା କୁମ୍ଭାର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସଂପାଦକ ସତ୍ୟନାରାୟଣ ବଘାର ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସଂପାଦକ ବିଜୟ ମେହେର ଓ ନୀଳକଣ୍ଠ କର୍ଣ୍ଣ ସହଯୋଗ କରିଥିଲେ। ଦମୟନ୍ତୀ



ଗଡୁଆ ମଞ୍ଚ ପରିଚାଳନା କରିଥିଲାବେଳେ ସ୍ୱିଟି ଦାଶ ଓ ରଶ୍ମିବାଳା ରଣା ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ। କୃପାସିନ୍ଧୁ ବଘାର, କଲ୍ୟାଣ ନାଏକ, ବିମଳା ବଘାର, ଜ୍ୟୋସ୍ନା ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ପୁଷ୍ପାଞ୍ଜଳି ଖଣ୍ଡଗିରୀ, ଭାଗ୍ୟଶ୍ରୀ ହାତୀ, ସନତ କଲତା, ଅନୁରାଧା ଖମାରୀ, ମୀନକେତନ ମେହେର, ନଳିନୀକାନ୍ତ ମହାକୁଡ଼ ସହଯୋଗ କରିଥିଲେ।

# ଧାନଖଣ୍ଡିରେ ଅଷ୍ଟପ୍ରହର ନାମଯଜ୍ଞ



ଶଗଡା, ୯ ।୮ ( ସମିସ): କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ଧାନଖଣ୍ଡି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରାରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। କଳସୀ ଧରି ଗ୍ରାମ୍ୟ ପୁଷ୍କରିଣୀରୁ ପାଣି ଆଣିବା ପରେ ପୂଜାର୍ଚ୍ଚନା ସହ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ନାମ ଯଜ୍ଞରେ ପୂଜକ ଭାବେ ସନ୍ତୋଷ ପ୍ରହରାଜ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। କର୍ତ୍ତା ଭାବେ କୁନ୍ତଦେବ ଗୁରାଣ୍ଡି ଓ ପତ୍ନୀ ଅନିତା ଗୁରାଣ୍ଡି ସପତ୍ନୀକ ସହଯୋଗ କରିଥିଲେ। କପିଳେଶ୍ୱର ବୋଲବମ କମିଟି ଓ ଧାନଖଣ୍ଡି ଗ୍ରାମବାସୀ ନାମଯଜ୍ଞରେ ସହଯୋଗ କରିଥିଲେ।

# ଜୁନାଗଡ଼ ଦଧିବାମନଙ୍କ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

ଜୁନାଗଡ, ୯ ।୮ (ସମିସ): ଜୁନାଗଡସ୍ଥିତ ମହାପ୍ରଭୁ ଦଧି ବାମନଙ୍କ ମନ୍ଦିର ପ୍ରାଙ୍ଗଣରେ ଚଳିତ ବର୍ଷ ନୂଆଖାଇ ଲଗ୍ନ ଧାର୍ଯ୍ୟ କରାଯାଇଛି। ପଣ୍ଡିତ ସଭା ବସି ଲଗ୍ନ ଧାର୍ଯ୍ୟ କରାଯାଇଛି। ବିଷ୍ଣୁପ୍ରସାଦ ପାଣିଗ୍ରାହୀ, ଫକୀର ମୋହନ ପାଟଯୋଶୀ, ଫକୀର ମୋହନ ପାତ୍ର, ମଧୁସୂଦନ ପୁରହିତ, ନଳିନୀ ରଞ୍ଜନ ବଡପଣ୍ଡା ପ୍ରମୁଖଙ୍କ ଉପସ୍ଥିତରେ ନବାନ୍ନ ଲଗ୍ନ ଉପରେ ଆଲୋଚନା ହୋଇ ସ୍ଥିର ହୋଇଥିଲା।

ସକାଳ
THE SAKALA



# ଭାଇ-ଭଉଣୀ 'ବନ୍ଧନ' ଆଗରେ ଫିକା ପଡ଼ିଲା ଜେଲ୍‌ର ବନ୍ଧନ

## ବ୍ରହ୍ମପୁର ଜେଲ୍‌ରେ ଭାଇ ହାତରେ ରାକ୍ଷୀ ବାନ୍ଧିଲେ ୭୨ ଭଉଣୀ

ବ୍ରହ୍ମପୁର, ୯।୮ (ସମିସ): ଝରକା ଆରପଟୁ ବଢ଼ାଇ ଦେଇଥିବା ହାତରେ ରାକ୍ଷୀ ବାନ୍ଧୁବାନ୍ଧୁ ଭଉଣୀ ଆଖିରୁ ଛଳଛଳ ହୋଇ ବୋହି ଆସୁଥିଲା ଅମାନିଆ ଲୁହ। ଭାଇର ମନ ବି କୋଉ ସମ୍ଭାଳ ପଡୁଥିଲା। ମନରେ ଅଜସ୍ର କୋହକୁ ଚାପି ଧରି ଭଉଣୀ ମୁଣ୍ଡରେ ଆଶୀର୍ବାଦଭରା ହାତ ବୁଲାଇ ଦେଉଥିଲା।ଆଜି ବ୍ରହ୍ମପୁର ମଣ୍ଡଳ କାରାଗାରର ଏ ଭାବବିହ୍ୱଳର ଦୃଶ୍ୟ ମୂକସାକ୍ଷୀ ଭଳି ଜେଲ୍ ଚାରିକାନ୍ଥ, ଲୁହାବାଡ଼ ଦେଖି ଚାଲିଥିଲେ। ହେଲେ, ଅନ୍ୟ ଦିନ ଭଳି ଭାଇ-ଭଉଣୀର ଅତୁଟ ସଂପର୍କରେ ସେମାନେ ବାଧା ସାଜି ନଥିଲେ।

ଆଜି ହାତରେ ହଳଦୀ, ସିନ୍ଦୂର, ଚନ୍ଦନ ଓ ରାକ୍ଷୀ ଧରି କାରାଗାର ପରିସରକୁ ଆସିଥିଲେ ୭୨ଜଣ ଭଉଣୀ। କଏଦୀମାନେ ବିଭିନ୍ନ ମାମଲାରେ ଗିରଫ ହୋଇ ଜେଲରେ ସଜା କାଟୁଛନ୍ତି। ଭିତରେ ୬ଜଣ ଭଉଣୀ ସେମାନଙ୍କ ଭାଇଙ୍କୁ ରାକ୍ଷୀ ବାନ୍ଧିଥିବା ବେଳେ ବାହାରୁ ୭୨ଜଣ ଭଉଣୀ ଜେଲ ଭିତରେ ଥିବା ଭାଇଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏଥିପାଇଁ ଶନିବାର ସକାଳୁସକାଳୁ ବ୍ରହ୍ମପୁର ମଣ୍ଡଳ କାରାଗାର ସମ୍ମୁଖରେ ଭଉଣୀମାନଙ୍କର ଭିଡ଼ ଜମିଥିଲା। ସେହିପରି ବିଭିନ୍ନ ସଂଗଠନର ସଦସ୍ୟମାନେ ବ୍ରହ୍ମପୁର ଜେଲକୁ ଯାଇ ଜେଲ ଅଧୀକ୍ଷକଙ୍କ ସମେତ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ଜେଲ୍‌ର ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ରନାଥ ବାରିକ, ଜେଲର୍ ଲକ୍ଷ୍ମୀକାନ୍ତ ଧାଙ୍ଗେଡ଼ାମାଝୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

**ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା**

# ବଢ଼ୁଛି ରହସ୍ୟ; ହଟୁନି ପରଦା

ପଟ୍ଟାମୁଣ୍ଡାଇ, ୯।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗାଁରେ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ୪ ଦିନ ପରେ ଏହା ଉପରୁ ରହସ୍ୟ ଉନ୍ମୋଚନ ହୋଇପାରୁନାହିଁ। ପୁଲିସ ଟିମ୍ ଜୋର୍‌ଦାର ତନାଘନା ଚଳାଇଥିଲେ ମଧ୍ୟ

- ପୁଣି ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ ଟିମର ତନାଘନା
- ଆଉ ଏକ ଏତଲା ଦେଲେ ଛାତ୍ରୀଙ୍କ ବାପା
- ମୃତ ଛାତ୍ରୀଙ୍କ ବାପା-ଭାଇକୁ ପଚରାଉଚରା

ଆତ୍ମଦାହର କାରଣ ଏବେ ବି ରହସ୍ୟଘେରରେ ରହିଛି।

ଦୁଇ ଦିନ ଧରି କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ ପୁଲିସ ଓ ସାଇଣ୍ଟିଫିକ ଟିମ ଧରି ଘଟଣାର ତନାଘନା କରୁଛନ୍ତି। ଛାତ୍ରୀ ପୋଡ଼ି ହୋଇଥିବା ଶିଢ଼ି ଘର, ଶିଢ଼ି ଘର ନିକଟ ରୋଷେଇଘର, ଛାତ ଉପର ଗ୍ରିଲ ଓ ଛାତ୍ରୀ




ମୃତ୍ୟୁବେଳେ ଭିତରୁ ବନ୍ଦ ଥିବା ଘରର ମୁଖ୍ୟ କବାଟ ଖୋଲି ଛାନଭିନ୍ କରିଛନ୍ତି। ଭିତରୁ କବାଟ ବନ୍ଦ ଥିବା ଓ ଏବଂ ବାପା ମା' ଶାବଳ ଦ୍ୱାରା ପ୍ରବେଶ ଦ୍ୱାର ମୁଖ୍ୟ କବାଟ ତାଡ଼ି ଘର ଭିତରେ ପଶିଥିଲେ ମଧ୍ୟ କବାଟରେ ଲାଗିଥିବା ଡମଣି ଓ ଲକର ଅକ୍ଷତ ରହିଛି। ନିଆଁରେ ପୋଡ଼ି ମୃତ୍ୟୁବରଣ କରିଥିବା ଛାତ୍ରୀଙ୍କ ମୃତ୍ୟୁସ୍ଥଳ ପୂର୍ବବତ୍ ପରିଷ୍କାର ରହିବା ପୁଲିସର ସନ୍ଦେହ ବଢ଼ାଇ ଦେଇଛି।

ଆଜି ରାକ୍ଷୀ ପୂର୍ଣ୍ଣିମାରେ କାଠିଆପଡ଼ା ଗାଁ ଶୂନଶାନ ଥିବା ବେଳେ ମୃତ ଛାତ୍ରୀଙ୍କ ଘର ଆଗରେ ଭିଡ଼ ଲାଗି ରହିଥିଲା। ଉକ୍ତ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ବ୍ଲାକମେଲ ଓ ଅଶ୍ଳୀଳ ଭିଡିଓ ଭାଇରାଲ ଧମକ ଯୋଗୁଁ ଛାତ୍ରୀ ଓ ପରିବାର ଅତିଷ୍ଠ ହୋଇ ଗତ ୬ ମାସ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଏବେ ପୁରୁଷ ବନ୍ଧୁଙ୍କୁ ଚେନାଇରୁ ଉଠାଇ ଆଣି ଜେରା କରାଯାଉଛି। ଏପଟେ, ମୃତ ଛାତ୍ରୀଙ୍କ ବାପା ବାରମ୍ବାର ବୟାନ ବଦଳାଇବା ଓ ପୂର୍ବ ଏତଲା ଅସ୍ପଷ୍ଟ ଥିବାରୁ ଶନିବାର ପୁଣି ଏକ ସାନି ଏତଲା ଦେଇଛନ୍ତି। ଆଜି ଆଇଜି ପ୍ରବୀଣ କୁମାରଙ୍କ ସହ ଏସପି ଭିନ୍ନ ଭିନ୍ନ ସ୍ଥାନରେ ପ୍ରତ୍ୟକ୍ଷ ଭାବେ ତନାଘନା କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ୍ୟ କରି ଘଟଣାର କିଛି ସୁରାକ ଖୋଜିବାକୁ ଚେଷ୍ଟା କରିଥିଲେ। ଏନେଇ ଆଇଜି ଏସ୍‌ପିଙ୍କ ସହ ଏକ ସମୀକ୍ଷା ବୈଠକ କରିଥିବା ଜଣାପଡ଼ିଛି। କିଛି ପ୍ରମାଣ ହସ୍ତଗତ ହୋଇଥିବା ଜଣାପଡିଛି। ପୁଲିସ ମୃତ ଛାତ୍ରୀଙ୍କ ମୋବାଇଲକୁ ଜବତ କରି ଗୁରୁତ୍ୱର ସହ ଯାଞ୍ଚ ଜାରି ରଖିଥିବା ବେଳେ ସିସିଟିଭି ଫୁଟେଜକୁ ମଧ୍ୟ ଯାଞ୍ଚ କରି ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାକୁ ଉଦ୍ୟମ ଜାରି ରଖିଛି।

ତଦନ୍ତ ପ୍ରକ୍ରିୟାକୁ ଚୂଡ଼ାନ୍ତ କରିବା ପାଇଁ ଆଜି ସନ୍ଧ୍ୟାରେ ପୁଲିସ ଉକ୍ତ କଲେଜ ଛାତ୍ରୀ ପିଡି ସଂଗୀତାଙ୍କ ବାପା ଶଶିକାନ୍ତ ପରିଡ଼ା ଓ ଏକମାତ୍ର ଭାଇ ପିଡି ସାଗର ଓରଫ ସୋନୁଙ୍କୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଡାକି ଜେରା କରିଛି। ତଥାପି ପୋଷ୍ଟମର୍ଟମ ରିପୋର୍ଟ ଉପରେ ଏହି ତଦନ୍ତ ପ୍ରକ୍ରିୟା ନିର୍ଭର କରୁଥିବା ଏସପି ସୂଚନା ଦେଇଛନ୍ତି। ଖୁବଶୀଘ୍ର ମାମଲାର ଫର୍ଦ୍ଦାଫାସ ସହ ବଡ଼ କାର୍ଯ୍ୟାନୁଷ୍ଠାନ ହେବାର ସ୍ପଷ୍ଟ ସୂଚନା ମିଳୁଛି।

**ଯବାନଙ୍କୁ ମହଙ୍ଗା ପଡ଼ିଲା ପ୍ରେମିକାକୁ ଚାପୁଡ଼ା**

# ନିର୍ଘୁମ୍ ଛେଚିଲେ ମହିଳା କନଷ୍ଟେବଲ

ବ୍ରହ୍ମପୁର, ୯।୮ (ସମିସ): ମହିଳା ପୁଲିସ୍ ବାରାକ୍‌ରେ ପଶି ପ୍ରେମିକାକୁ ମାରପିଟ୍ କରିବା ଜଣେ ଯବାନଙ୍କୁ ମହଙ୍ଗା ପଡ଼ିଛି। ଏକାଧିକ ପୁଲିସ୍ କନେଷ୍ଟବଳ ତାଙ୍କୁ ନିର୍ଘୁମ୍ ମାଡ଼ ମାରିବା ସହ ପୁଲିସ୍ ଜିମା ଦେଇଛନ୍ତି। ଆମ୍ବପୁଆସ୍ଥିତ ପୁଲିସ ବାରାକ୍‌ରେ ଆଜି ଏହି ଘଟଣା ଘଟିଛି। ମାଡ଼ ଖାଇଥିବା ଯବାନଜଣଙ୍କ ହେଲେ, ପୁରୁଷୋତ୍ତମପୁର ଶାହାପୁର କେଉଟସାହିର ପ୍ରଭଞ୍ଜନ ବେହେରା। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଯବାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ପ୍ରଭଞ୍ଜନ ବିବାହିତ। କିଛି ବର୍ଷ ତଳେ ତାଙ୍କର ଛାଡ଼ପତ୍ର ହୋଇଛି। ସେ ବ୍ରହ୍ମପୁର ପୁଲିସ ଜିଲ୍ଲାର ୨୦୨୩ ବ୍ୟାଚ୍‌ର ଜଣେ ମହିଳା କନେଷ୍ଟବଳଙ୍କୁ ପ୍ରେମ କରୁଥିଲେ। କିଛି ଦିନ ତଳେ ପ୍ରେମିକା ଛୁଟିରେ ଗାଁକୁ ଯାଇଥିବା ବେଳେ ଗତକାଲି ଡ୍ୟୁଟିରେ ଯୋଗ ଦେଇଥିଲେ। ଆଜି ସକାଳୁ ବୁଲିବାକୁ ଯିବା ଲାଗି ଗତକାଲି ଉଭୟ ସ୍ଥିର କରିଥିଲେ। ପ୍ରଭଞ୍ଜନ ଆଜି ସକାଳେ ରିଜର୍ଭ ଅଫିସ ନିକଟରେ ଥିବା ଏକ ମନ୍ଦିରରେ ଅପେକ୍ଷା କରିଥିଲେ। ଦୀର୍ଘ ଦେଢ଼ଘଣ୍ଟାରୁ ଅଧିକ ଅପେକ୍ଷା କରିବା ପରେ ମଧ୍ୟ ପ୍ରେମିକା ଆସିନଥିଲେ। ଏଥିରେ



ରାଗିଯାଇ ପ୍ରଭଞ୍ଜନ ମଦ ପିଇ ମହିଳା ପୁଲିସ ବାରାକ୍‌ରେ ପଶି ଯାଇଥିଲେ। ସେଠାରେ ପ୍ରେମିକାଙ୍କୁ ପଛପଟୁ ଭିଡ଼ି ଧରିବା ସହ ଗାଳିଗୁଲଜ କରି ମାଡ଼ ମାରିଥିଲେ। ନିକଟରେ ଥିବା ଅନ୍ୟ ପୁଲିସ କର୍ମଚାରୀମାନେ ଏହା ଦେଖି ପ୍ରଭଞ୍ଜନକୁ କାବୁ କରି ମାଡ଼ ମାରି ପୁଲିସରେ ଜିମା ଦେଇଥିଲେ। ଏନେଇ ଅସଦାଚରଣ ଶିକାର ହୋଇଥିବା ମହିଳା କନେଷ୍ଟବଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯବାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

**ରାଜ୍ୟ ପୁଲିସର ପ୍ରଦର୍ଶନ ରିପୋର୍ଟ**

# ପ୍ରଥମରେ ୪୨ ମୌଜା, ଦ୍ୱିତୀୟରେ ବଡ଼ଗଡ଼ ଥାନା

ଭୁବନେଶ୍ୱର, ୯।୮ (ସମିସ):ଗତ ୭ ମାସ ମଧ୍ୟରେ ରାଜ୍ୟ ପୁଲିସର ପ୍ରଦର୍ଶନ ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟ ଅପରାଧ ନଥି ସଂସ୍ଥା (ଏସସିଆରବି) ଓ ସିସିଟିଏନ୍‌ଏସ୍ ପକ୍ଷରୁ ସ୍ଥିର ହୋଇଥିବା ଉପୋରକ୍ତ ପରିମାପକ ଅନୁସାରେ ଗତ ୭ ମାସର ପ୍ରଦର୍ଶନ ରିପୋର୍ଟ ପ୍ରକାଶ ପାଇଛି। ଥାନା ଅଧିକାରୀମାନେ କରୁଥିବା ଏସ୍‌ଆର୍ କେସ୍, ନନ୍ ଏସ୍‌ଆର୍ କେସର ତଦନ୍ତ, ସୁପରଭିଜନ୍ ନୋଟ୍ ଓ ବିଭିନ୍ନ ମାମଲା ତଦାରଖ କାର୍ଯ୍ୟକୁ ନେଇ ଏହି ରିପୋର୍ଟ ପ୍ରକାଶ ପାଇଛି। କମିସନରେଟ ପୁଲିସ କଟକ ସହରାଞ୍ଚଳ ପୁଲିସ ଜିଲ୍ଲାର ୪୨ମୌଜା ଥାନା ରାଜ୍ୟରେ ଏକ ନମ୍ବର ସ୍ଥାନ ହାସଲ କରିଥିବାବେଳେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ବଡ଼ଗଡ଼ ଥାନା ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଶ୍ରୀ ଲିଙ୍ଗରାଜ ଥାନା ରାଜ୍ୟରେ ୮ମ ସ୍ଥାନ ହାସଲ କରିଛି। ସଫଳତା ପାଇଁ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଓ ବଡ଼ଗଡ଼ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକଙ୍କୁ ପ୍ରଶଂସା କରିବା ସହ ସମ୍ମାନିତ କରିଛନ୍ତି।

## ବିଶ୍ୱ ବାଣିଜ୍ୟ

**ଆଇସିଆଇସିଆଇ ବ୍ୟାଙ୍କର ନୂଆ ନିୟମ**

# ସଞ୍ଚୟ ଖାତାରେ ୫୦ ହଜାର ରଖିବା ଜରୁରୀ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଆଇଆଇସିଆଇ ବ୍ୟାଙ୍କର ଖାତାଧାରକଙ୍କୁ ନିଜ ଖାତାରେ ଏଥର ୫୦ ହଜାର ଟଙ୍କା ଲେଖାଏଁ ରଖିବାକୁ ପଡ଼ିବ। ଏହାଠାରୁ କମ୍ ଟଙ୍କା ରହିଲେ ଗ୍ରାହକଙ୍କୁ ଜୋରିମାନା ଦେବାକୁ ପଡ଼ିବ। ତେବେ ଏହି ନିୟମ କେବଳ ଚଳିତ ମାସ ୧ ତାରିଖ ପରଠାରୁ ଖୋଲା ଯାଇଥିବା ଖାତା ପାଇଁ କାର୍ଯ୍ୟକାରୀ ହେବ। ଖାତାରେ ସର୍ବନିମ୍ନ ବାଲାନ୍ସ ରଖିବାର ନିୟମ ସହର, ଗାଁ ଏବଂ ମେଟ୍ରୋ ସିଟି ଗୁଡ଼ିକ ପାଇଁ ଅଲଗା ଅଲଗା ରହିଛି। ବ୍ୟାଙ୍କୁ ସବୁ କ୍ଷେତ୍ରର ଜମା ସୀମା ବୃଦ୍ଧି କରିଛି। ଏବେ ମେଟ୍ରୋ ସହରଗୁଡ଼ିକରେ ଅତିକମରେ ୫୦ ହଜାର ଟଙ୍କା, ସେମି-ଅର୍ବାନ (ଅର୍ଦ୍ଧ-ସହରୀ) ଅଞ୍ଚଳରେ ୨୫ ହଜାର ଲେଖାଏଁ ଏବଂ ଗ୍ରାମାଞ୍ଚଳରେ ଖୋଲା ଯାଇଥିବା ଖାତାରେ ୧୦ ହଜାର ଟଙ୍କା ରଖିବାକୁ ହେବ। ଏହା ପୂର୍ବରୁ ମେଟ୍ରୋ ଏବଂ ସହରରେ ଅତିକମ୍‌ରେ ୧୦ ହଜାର ଟଙ୍କା, ସେମି-ଅର୍ବାନରେ ୫ ହଜାର ଟଙ୍କା, ଗାଁ ପାଇଁ ୨୫୦୦ ଟଙ୍କା ରଖିବାର ବ୍ୟବସ୍ଥା ଥିଲା। ଏହି ନିୟମ ସହିତ ଘରୋଇ ବ୍ୟାଙ୍କରେ ସର୍ବାଧିକ ଟଙ୍କା ରଖିବାର ସୀମା ଆଇସିଆଇସିଆଇ ବ୍ୟାଙ୍କ ନାମରେ ହୋଇଛି। ଏହି ବ୍ୟାଙ୍କ ୧୦ ବର୍ଷ ପରେ ସର୍ବନିମ୍ନ ଟଙ୍କା ରଖିବା ନିୟମ ପରିବର୍ତ୍ତନ କରିଛି।

**ଦିନ ଦ୍ୱିପହରେ ଲୁଟ୍‌ର ଖେଳ; ନିୟମ ପ୍ରତି ନିଘା ନାହିଁ**

# ନର୍ମାଲ ନାହିଁ, ସ୍ପିଡ୍ ପେଟ୍ରୋଲ ଦେଇ ୭ ଟଙ୍କା ଲୁଟ୍

ଭୁବନେଶ୍ୱର, ୯।୮ (ସମିସ)

ପ୍ରତ୍ୟେକ ଦିନ ଲୋକେ ତେଲ ଟାଙ୍କିକୁ ଯାଇ ପେଟ୍ରୋଲ ପକାଉଛନ୍ତି। କେଉଁ ପ୍ରକାରର ପେଟ୍ରୋଲ ଦିଆଯାଉଛି ତାହା ବି ଅନେକ ଦେଖନ୍ତି ନାହିଁ। ଜାଣିବାକୁ ବି ପ୍ରୟାସ କରନ୍ତି ନାହିଁ। ଲୋକଙ୍କ ଏହି ଅବହେଳା ସେମାନଙ୍କ ପକେଟକୁ ଖାଲି କରିଦେଉଛି। ଅଜାଣତରେ ଲୋକେ ପେଟ୍ରୋଲ ପିଛା ଅଧିକ ୭ ଟଙ୍କା ଦେଉଛନ୍ତି। ଆଉ ଏହା ଅସାଧୁ ମାଲିକ ତଥା କର୍ମଚାରୀଙ୍କୁ ସୁହାଉଛି। ସେମାନଙ୍କ ପକେଟ ଗରମ ହେଉଥିବାବେଳେ ଲୋକଙ୍କର ଖାଲି ହେବାରେ ଲାଗିଛି। ପେଟ୍ରୋଲ ଆଳରେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନିଆଯାଉଛି। ପ୍ଲାଷ୍ଟିକ ବୋତଲରେ ତେଲ ଦେବାକୁ ସରକାର ମନା କରିଦେଇଛନ୍ତି। ଏହି ଅଜବ ନିୟମକୁ ନେଇ ସଡ଼କଠାରୁ ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ଚର୍ଚ୍ଚା ଜାରି ରହିଥିବାବେଳେ ବଡ଼ ଠକେଇ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଦିନେ ଅଧେ ପେଟ୍ରୋଲ ପକାଇବାକୁ ଟାଙ୍କି ଯାଉ ନ ଥିବା ଲୋକ ବି ଏବେ ଗାଡ଼ି ଲଦି ଧାଉଁଥିବା ଦେଖାଯାଉଛି। କିନ୍ତୁ ଏପରି ସମୟରେ ନିୟମ ବି ପାଳନ କରାଯାଉନାହିଁ।

ଖୋଦ୍ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଏହି ଠକେଇର ଖେଳ ବେଶି ଚାଲିଛି। ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବାକୁ ଯାଉଥିବା ଲୋକଙ୍କୁ ସ୍ପିଡ୍ କି ନର୍ମାଲ ପକାଇବେ ନ କହି ସିଧା ସ୍ପିଡ୍ ପକାଇ ଦିଆଯାଉଛି। ଅନେକ ଲୋକେ ଏହି ଲୁଟ୍ ପ୍ରତି ଦୃଷ୍ଟି ଦେଉନାହାନ୍ତି। କିନ୍ତୁ ଯିଏ ଟିକେ ସଚେତନ ହୁଅନ୍ତି ସେ ଅନ୍ୟ ଟାଙ୍କିରେ ପେଟ୍ରୋଲ ପକାଇବାକୁ ପଳାନ୍ତି। ନର୍ମାଲ ପେଟ୍ରୋଲ କଥା ପଚାରିଲେ ସରି ଯାଇଛି ବୋଲି କହୁନ୍ତି। ଆଉ କିଛି ଲୋକେ ବାଧ୍ୟବାଧକତାରେ ଏହି ଲୁଟ୍‌ର ଖେଳର ଶିକାର ହେଉଛନ୍ତି। ଗାଡ଼ିରେ ପେଟ୍ରୋଲ ସରିଯିବା ସ୍ଥିତିରେ ଲୋକେ ସ୍ପିଡ୍ ପକାଉଛନ୍ତି। ଲୋକଙ୍କ ଏହି ପରିସ୍ଥିତିର ଫାଇଦା ନେଉଛନ୍ତି ପେଟ୍ରୋଲ ପମ୍ପ ମାଲିକମାନେ। ସିଧା ଲିଟର ପିଛା ୭ ଟଙ୍କା ଲେଖାଏଁ ଲୁଟି ନେଇଯାଉଛନ୍ତି। ଏବେ ଭୁବନେଶ୍ୱରରେ ନର୍ମାଲ ପେଟ୍ରୋଲ ଲିଟର ୧୦୧.୨୯ ଟଙ୍କା ଏବଂ ସ୍ପିଡ୍ ପେଟ୍ରୋଲ ୧୦୮.୩୦ ଟଙ୍କା ରହିଛି। ଏଭଳି ସ୍ଥିତିରେ ଜଣେ ବ୍ୟକ୍ତି ଗାଡ଼ିରେ ୧୦ ଲିଟର ସ୍ପିଡ୍ ପେଟ୍ରୋଲ ପକାଇଲେ ସିଧା ୭୦ ଟଙ୍କା କ୍ଷତି ସହୁଛି। ସେହିପରି ଭାବେ ଯଦି ଗୋଟିଏ ଦିନରେ




ଲକ୍ଷେ ଲିଟର ପେଟ୍ରୋଲ ବିକ୍ରି ହୁଏ ତେବେ ୭ ଲକ୍ଷ ଟଙ୍କା ଲୁଟ୍ ହେଲାଣି। ସରକାର ଯାଞ୍ଚକୁ ନେଇ ବଡ଼ ବଡ଼ କଥା କହୁଛନ୍ତି, କିନ୍ତୁ ଏଭଳି ଲୁଟ୍ ପ୍ରତି କାହାର ଦୃଷ୍ଟି ପଡୁନାହିଁ ତାହା ପ୍ରଶ୍ନବାଚୀ ପାଲିଟିଛି। ଭୁବନେଶ୍ୱରରେ ଥିବା ଅନେକ ପେଟ୍ରୋଲ ପମ୍ପରେ ଏଭଳି ଲୁଟ୍ ଖୁଲମ୍‌ଖୋଲା ଚାଲିଛି। ଗତ ୫ ତାରିଖରେ ଭୁବନେଶ୍ୱର ପାତ୍ରପଡ଼ା ସ୍ଥିତ ଏକ ପେଟ୍ରୋଲ ପମ୍ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। କେହି କିଛି ନ ପଚାରିଲେ ସ୍ପିଡ୍ ପେଟ୍ରୋଲ ଦିଆଯାଉଥିଲା। ଆଉ ଯିଏ ନିଜ ଆଡୁ ପଚାରିଲା ନାହିଁ କହି ଦିଆଯାଉଥିଲା। ଯାହାର ଜରୁରୀ ହୋଇଥାଏ ସେ ଶେଷରେ ବାଧ୍ୟ ହୋଇ ସ୍ପିଡ୍ ପେଟ୍ରୋଲ ପକାଇ ଯାଇଥାନ୍ତି। ଏ ଦିଗରେ ପ୍ରଶାସନ ଏବଂ ପେଟ୍ରୋଲିୟମ ବିଭାଗ ଦୃଷ୍ଟି ଦେବ ବୋଲି ଆଶା।

# ଓଡ଼ିଶାର ବିକାଶ ପାଇଁ ଶିଳ୍ପ-ସଂସଦ ଆଲୋଚନା




ନୂଆଦିଲ୍ଲୀ ୯।୮ (ସମିସ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ, ଓଡ଼ିଶା) ରାଜ୍ୟର ସାଂସଦଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟଙ୍କ ସହିତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ୧୪ ସାଂସଦ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଶିଳ୍ପ ଏବଂ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନାରେ ଚାରୋଟି ପ୍ରମୁଖ ପ୍ରାଥମିକତା ଉପରେ ଆଲୋକପାତ କରାଯାଇଥିଲା। ଐତିହ୍ୟ ଏବଂ ପ୍ରାକୃତିକ ସମ୍ପତ୍ତିର ଉପଯୋଗ କରି ପର୍ଯ୍ୟଟନକୁ ବୃଦ୍ଧି, ମୂଲ୍ୟ ଯୁକ୍ତ ଅଭିବୃଦ୍ଧି ଏବଂ ଗ୍ରାମୀଣ ଆୟ ବୃଦ୍ଧି ପାଇଁ କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ, ଅର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରବେଶ ମାଧ୍ୟମରେ ଏମଏସଏମଇ ଗୁଡ଼ିକୁ ସମର୍ଥନ, ନିବେଶ ସୁଯୋଗ ସୃଷ୍ଟି କରିବା ଏବଂ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଜିଲ୍ଲାଭିତ୍ତିକ ଶିଳ୍ପ ସମ୍ଭାବନାର ନକ୍ସା ପ୍ରସ୍ତୁତ କରିବା।

ଆଲୋଚନାରେ ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସାଂସଦ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ସଦସ୍ୟ ଏବଂ ବରିଷ୍ଠ ଶିଳ୍ପ ମୁଖ୍ୟଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା ଏବଂ ଅଧିବେଶନକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ସୁନୀଲ ଗୁପ୍ତା ପରିଚାଳନା କରିଥିଲେ। ଓଡ଼ିଶାର ଅର୍ଥନୈତିକ ପ୍ରାଥମିକତାକୁ ତ୍ୱରାନ୍ୱିତ କରିବା ଏବଂ ଏକ ସହାୟକ ନିବେଶ ପରିବେଶକୁ ପ୍ରୋତ୍ସାହନ ପାଇଁ ନୀତି ନିର୍ଦ୍ଧାରକମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସିଆଇଆଇ ଏହାର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି।

**ପ୍ରତିରକ୍ଷା ଉତ୍ପାଦନରେ ଭାରତର ରେକର୍ଡ**

# ୧.୫ ଲକ୍ଷ କୋଟିର ସାମଗ୍ରୀ ପ୍ରସ୍ତୁତ

ନୂଆଦିଲ୍ଲୀ, ୯।୮(ଏଜେନ୍ସି): ପ୍ରତିରକ୍ଷା ଉତ୍ପାଦନରେ ଭାରତ କ୍ରମାଗତ ଭାବେ ରେକର୍ଡ ସୃଷ୍ଟି କରିଚାଲିଛି। ୨୦୨୪- ୨୫ ଆର୍ଥିକ ବର୍ଷରେ ଭାରତର ଉତ୍ପାଦନ ୧, ୫୦, ୫୯୦ କୋଟି ଟଙ୍କା ରହିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର ଏ ନେଇ ସୂଚନା ଦେଇଛନ୍ତି। ଗତ ଆର୍ଥିକ ବର୍ଷରେ ଏହା ୧.୨୭ ଲକ୍ଷ କୋଟି ଟଙ୍କା ଥିଲା। ଏବର୍ଷ ଏଥିରେ ୧୮ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୯-୨୦ରେ ଏହା ୭୯, ୦୭୧ କୋଟି ଟଙ୍କା ଥିଲା ଓ ଏଥର ୯୦ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ପ୍ରତିରକ୍ଷା ରପ୍ତାନୀରେ ମଧ୍ୟ ଭାରତ ରେକର୍ଡ କରିଛି। ୨୦୨୪-୨୫ରେ ଏହା ରେକର୍ଡ ୨୩, ୬୨୨ କୋଟି ଟଙ୍କା ଥିଲା। କିନ୍ତୁ ଗତ ବର୍ଷ ଏହା ୨୧, ୦୮୩ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ ଏଥିରେ ୧୨.୦୪ ପ୍ରତିଶତ ବୃଦ୍ଧି ହୋଇଛି। ପ୍ରତିରକ୍ଷା ରପ୍ତାନୀରେ ଭାରତ ସାରା ବିଶ୍ୱରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏ କ୍ଷେତ୍ରରେ ଭାରତର ସ୍ଥିତି ଦିନକୁ ଦିନ ଦୃଢ ହେବାରେ ଲାଗିଛି। ଭାରତର ପ୍ରତିରକ୍ଷା ଉତ୍ପାଦନରେ ରେକର୍ଡ ବୃଦ୍ଧିକୁ ଦେଖି ଆମେରିକା ଓ ପାକିସ୍ତାନ ଭଳି ଦେଶ ଈର୍ଷାନ୍ୱିତ ହୋଇଛନ୍ତି। ଏବେ ବିଭିନ୍ନ ଦେଶ ଭାରତଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି। ଏହା ନିଶ୍ଚିତ ଭାବେ ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଡିଆରଡିଓ ତରଫରୁ କୁହାଯାଇଛି।

# ୧୩ ରେ କଟକରେ ଖୋଲିବ ଜୟଆଲୁକ୍କାସର ପ୍ରଥମ ଶୋ'ରୁମ୍

କଟକ, ୯।୮ (ସମିସ): ବିଶ୍ୱର ପ୍ରସିଦ୍ଧ ଅଳଙ୍କାର ବିକ୍ରେତା ଜୟଆଲୁକ୍କାସ୍ କଟକରେ ପ୍ରଥମ ଶୋ'ରୁମ୍ ଖୋଲିବାକୁ ଯାଉଛି। ଆସନ୍ତା ୧୩ ତାରିଖ ସନ୍ଧ୍ୟା ୫ଟାରେ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସମଗ୍ର ଅଞ୍ଚଳର କ୍ରେତାଙ୍କୁ ଆକୃଷ୍ଟ କରିବା ବୋଲି ଆଶା। ଏହି ବିଶେଷ ଅବସରରେ ଜୟଆଲୁକ୍କାସ୍ ଡାଇମଣ୍ଡ ଏବଂ ଅନ୍‌କଟ୍ ଡାଇମଣ୍ଡ ଅଳଙ୍କାର ଉପରେ ୨୫% ରିହାତି ଏବଂ ଲକ୍ଷେ ଟଙ୍କା ଓ ତାଠାରୁ ଅଧିକ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ଷ୍ଟୋନ୍‌ର ଅଳଙ୍କାର ଉପରେ ୫ ଗ୍ରାମ ରୂପା ବିସ୍କୁଟ (ବାର) ପ୍ରଦାନ କରାଯାଉଛି। କେବଳ ସେତିକି ନୁହେଁ, ପ୍ରତ୍ୟେକ କ୍ରେତା ଅଫର ଅବଧି ମଧ୍ୟରେ ପ୍ରତି କ୍ରୟ ସହିତ ଏକ ସୁନିଶ୍ଚିତ ମାଗଣା ଉପହାର ପାଇବେ। ନୂତନ ଜୟଆଲୁକାସ୍ ଶୋ'ରୁମ ମିଲେନିୟମ୍ ସିଟିରେ ଏକ ବିଶ୍ୱସ୍ତରୀୟ ଏବଂ ବିଳାସପୂର୍ଣ୍ଣ ସପିଂ ଅଭିଜ୍ଞତା ଆଣିଛି। ବିସ୍ତୃତ ଆଭ୍ୟନ୍ତରୀଣ ସାଜସଜ୍ଜା ଏକ ସମସାମୟିକ ଲେଆଉଟ ଏବଂ ଆମର ବିଶ୍ୱସ୍ତରୀୟ ଆତିଥ୍ୟ ସହିତ କ୍ରେତାମାନେ ପାରମ୍ପରିକ ସୁନା ଏବଂ ବିବାହ ଅଳଙ୍କାରଠାରୁ ଆରମ୍ଭ କରି ଚମତ୍କାର ଡାଇମଣ୍ଡ ଏବଂ ମୂଲ୍ୟବାନ ଷ୍ଟୋନ୍ ଖଣ୍ଡ ପର୍ଯ୍ୟନ୍ତ ଚକ୍ରମିକିଆ ସଂଗ୍ରହର ଏକ ବିସ୍ତୃତ ସମ୍ଭାର ରହିଛି। ଜୟଆଲୁକ୍କାସ୍ ଗ୍ରୁପର ଅଧ୍ୟକ୍ଷ ଡକ୍ଟର ଜୟ ଆଲୁକ୍କାସ୍ କହିଛନ୍ତି ଯେ ପରମ୍ପରାରେ ପରିପୂର୍ଣ୍ଣ, ସୂକ୍ଷ୍ମ କାରିଗରୀର ସହର କଟକରେ ନୂଆ ଶୋ'ରୁମ ଆଣି ଆମେ ବହୁତି ଖୁସି। ସମସ୍ତଙ୍କୁ ଜୟବାଲୁକ୍କାସକୁ ଆମେ ସ୍ୱାଗତ କରୁଛୁ।

**ଖାଦ୍ୟରୁ ସାମଗ୍ରୀ, ସବୁ ମହଙ୍ଗା**

# ଆମେରିକା ଭୋଗୁଛି 'ଟ୍ରମ୍ପ ଟାରିଫ୍'ର ପରିଣତି

ୱାସିଂଟନ, ୯।୮ (ଏଜେନ୍ସି): ବିଶ୍ୱରେ ଶୁଳ୍କ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି। ଟ୍ରମ୍ପ ନିଜେ ନିଜକୁ ଧ୍ୱଂସ କରୁଛନ୍ତି ବୋଲି ଆମେରିକା ଅର୍ଥଶାସ୍ତ୍ରୀ ତଥା ଜନ୍ ହପ୍‌କିନ୍ସ ୟୁନିଭର୍ସିଟିର ପ୍ରାଧ୍ୟାପକ ଷ୍ଟିଭେ ହାନ୍‌କେ କହିଛନ୍ତି। ତାଙ୍କ ମତରେ ଟ୍ରମ୍ପଙ୍କ ଶୁଳ୍କ ନିଷ୍ପତ୍ତି ସବୁଠୁ ଖରାପ ଏବଂ ଏହା ସବୁ କିଛି ଧୂଳିସାତ କରିଦେବ। ଅର୍ଥନୀତି ହିଁ ଭୁଲ୍ ହୋଇଯାଇଛି। ଟ୍ରମ୍ପ ନିଜେ ନିଜକୁ ହିଁ ଧ୍ୱଂସ କରୁଛନ୍ତି। ନିଜେ ନିଜକୁ ଧ୍ୱଂସ କରୁଥିବା ଶତ୍ରୁର କାର୍ଯ୍ୟରେ ହସ୍ତକ୍ଷେପ କରିବା ଅନୁଚିତ। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିବାବେଳେ ହାନ୍‌କେ ଏଭଳି ମନ୍ତବ୍ୟ ଦେଇଛନ୍ତି। ହାନ୍‌କେ ଭାରତକୁ ନେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ଶୁଳ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖି କିଛି ସମୟ ଅପେକ୍ଷା କରିବେ। କାରଣ ଟ୍ରମ୍ପଙ୍କ ତାସର ଘର ଭୁଶୁଡ଼ି ପଡ଼ିବ। ଶୁଳ୍କ ପାଇଁ ହେଉଥିବା ଆର୍ଥିକ କମ୍ପନ ବାଲିଘର ଉପରେ ଛିଡ଼ା ହୋଇଛି। ହାନକେ କହିଛନ୍ତି ଯେ ଆମେରିକାର ବାଣିଜ୍ୟ କ୍ଷତି ବହୁତ ଅଧିକ ରହିଛି। କାରଣ ଆମେରିକୀୟଙ୍କ ବ୍ୟୟ ମୋଟ ଜାତୀୟ ଉତ୍ପାଦଠାରୁ ଅଧିକ। ଏଥିପାଇଁ ଅର୍ଥଶାସ୍ତ୍ର ସମ୍ପୂର୍ଣ୍ଣ ଭୁଲ୍ ହୋଇଯାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ନୀତିର ଖରାପ ପ୍ରଭାବ ଦେଶ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି।

ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି। ଏଥିରେ ବିଚଳିତ ହୋଇ ଆମେରିକୀୟ ଲୋକମାନେ ସେମାନଙ୍କର କିଣାକିଣି ଅଭ୍ୟାସ ପରିବର୍ତ୍ତନ କରୁଛନ୍ତି। ସେମାନେ ଏବେ ଅର୍ଥନୀତିକୁ ନେଇ ଚିନ୍ତିତ। ଟ୍ରମ୍ପଙ୍କ ଶୁଳ୍କର ପ୍ରଭାବ ସାରା ବିଶ୍ୱରେ ଦେଖିବାକୁ ମିଳୁଛି। ଏହା ସହିତ ସେମାନଙ୍କ ନିଜ ଘର ମଧ୍ୟ ତାପ ଅନୁଭବ କରୁଛି। ରିପୋର୍ଟ ଅନୁଯାୟୀ, ଏକ ସାମ୍ପ୍ରତିକ ସର୍ଭେରୁ ଜଣାପଡିଛି ଯେ ଅଧାରୁ ଅଧିକ ଆମେରିକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟକୁ ନେଇ ଚିନ୍ତିତ। ୫୩% ଲୋକ କହିଛନ୍ତି ଯେ ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ସେମାନଙ୍କର ସବୁଠାରୁ ବଡ଼ ଚିନ୍ତା। ସର୍ଭେରୁ ଜଣାପଡ଼ିଛି ଯେ ଆମେରିକୀୟ ଲୋକମାନେ ଖାଦ୍ୟ ସାମଗ୍ରୀର ଉଚ୍ଚ ମୂଲ୍ୟ ଏବଂ ଅର୍ଥନୀତିର ଅବସ୍ଥାକୁ ନେଇ ଚିନ୍ତିତ। ବିଶେଷକରି ଅଣ୍ଡା, ମାଂସ, କମଳା ରସ ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବହୁତ ବୃଦ୍ଧି ପାଇଛି। ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ବିଦେଶରୁ ଆସୁଥିବା ଫଳ, କ୍ୟାନ ସାମଗ୍ରୀ, କଫି ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଉଛି। ଲୋକେ ବାହାରେ ଖାଇବାପିଇବା ମଧ୍ୟ ବନ୍ଦ କରିଦେଇଛନ୍ତି।

# ପରିଚୟ ଦେଇଛି ଫୁଲକରୀ

ଆଧୁନିକତାର ଯୁଗରେ ଲୋକେ ଏବେ ହାତ ତିଆରି ଜିନିଷ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ବିଶେଷ କରି ଫୁଲକରୀ ଡିଜାଇନ ପ୍ରତି ମହିଳାଙ୍କର ସଉକ୍ ରହିଥାଏ । ଏହା ପଞ୍ଜାବର ଏକ ପାରମ୍ପରିକ ଏମ୍ବ୍ରୋଡରୀ କଳା । ଅବଶ୍ୟ ମେସିନ୍ ନିର୍ମିତ ପୋଷାକ ପରିଧାନ ହେତୁ, ଫୁଲକରୀ ଧୀରେ ଧୀରେ ଲୁପ୍ତ ହେବାକୁ ବସିଲାଣି ; କିନ୍ତୁ ଏହି କଳାକୁ ଜୀବନ୍ତ ରଖି, ଭଳିକି ଭଳି ଫୁଲକରୀ ସୁଟ୍ , ଟପ୍‌ସ, ଜ୍ୟାକେଟ୍, ଓଢ଼ଣୀ ପ୍ରସ୍ତୁତ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ପଞ୍ଜାବ ପଟିଆଲାର ଲାଜବନ୍ତୀ ଛାବଡ଼ା । ଏହାଦ୍ୱାରା ସେ ଫୁଲକରୀ କଳାକୁ ଦେଶ ବିଦେଶରେ ପ୍ରଚାର ପ୍ରସାର, କରିବା ସହ ଗାଁ ମହିଳାଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ।



୬୫ ବର୍ଷୀୟା ଲାଜବନ୍ତୀ ଫୁଲକରୀ କଳାକାର ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି । ସେ ନିଜର କାରୁକାର୍ଯ୍ୟ ମାଧ୍ୟମରେ ଫୁଲକରୀକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି । ମାତ୍ର ଛଅବର୍ଷ ବୟସରେ ସେ ଫୁଲକରୀ ଏମ୍ବ୍ରୋଡୋରୀ ଆରମ୍ଭ କରିଥିଲେ । ୧୯୪୭ ମସିହା ବିଭାଜନ ସମୟରେ ଲାଜବନ୍ତୀଙ୍କ ପରିବାର ପାକିସ୍ତାନ ମୁଲତାନରୁ ଭାରତ ଆସିଥିଲେ । ସେବେଠୁ ଏହି ପାରମ୍ପରିକ ଫୁଲକରୀ କଳା ତାଙ୍କ ପରିବାରରେ ରହିଥିଲା । ଘରେ ସେ ଜେଜେ ମାଆଙ୍କୁ ଏହି କାର୍ଯ୍ୟ କରିବାର ଦେଖିଥିଲେ । ଧୀରେ ଧୀରେ ଏହି କଳା ଶିଖିଥିଲେ । ଏଥିପାଇଁ ସେ କୌଣସି ସ୍ଥାନରୁ ପ୍ରଶିକ୍ଷଣ ନେଇ ନଥିଲେ । ପ୍ରଥମେ ପରିବାରରେ ଏହାକୁ ସଉକ୍ ଭାବେ ତିଆରି କରୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ଏହା ତାଙ୍କ ଜୀବିକା ପାଲଟିଥିଲା ।

ଫୁଲ୍‌କରୀ ପଞ୍ଜାବର ଏକ ପ୍ରସିଦ୍ଧ ପାରମ୍ପରିକ ଏମ୍ବ୍ରୋଡୋରୀ କଳା । ଏହା ଦୁଇଟି ଶବ୍ଦରୁ ତିଆରି ହୋଇଛି । 'ଫୁଲ' ଏବଂ 'କରୀ' । ଏହାର ଅର୍ଥ 'ଫୁଲର କାର୍ଯ୍ୟ' । ଏଥିରେ ସୂତା କପଡ଼ାରେ ରଙ୍ଗିନ୍ ସୂତାକୁ ବ୍ୟବହାର କରି ଭଳିକି ଭଳି ଫୁଲ, ପତ୍ର, ସହ ଅନ୍ୟାନ୍ୟ ଆକର୍ଷଣୀୟ ଚିତ୍ର ଏମ୍ବ୍ରୋଡୋରୀ କରାଯାଇଥାଏ । ଏହି କଳା ପଞ୍ଜାବ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଭାବେ ଜଣାଯାଏ । ପଞ୍ଜାବରେ ବିବାହରେ ଏହାକୁ ଉପହାର ସ୍ୱରୂପ ଝିଅକୁ ଦିଆଯାଏ ।



ସେ ଫୁଲ୍‌କରୀରୁ ଭଳିକି ଭଳି ସୁଟ୍, ଶାଢ଼ି, ଓଢ଼ଣୀ ଆଦି ତିଆରି କରନ୍ତି । ଏହାକୁ ବିଭିନ୍ନ ହସ୍ତତନ୍ତ ପ୍ରଦର୍ଶନୀରେ ବିକ୍ରି କରିଥାନ୍ତି । ଏଥିସହ ଅନଲାଇନ ମାଧ୍ୟମରେ ମଧ୍ୟ ସେ ନିଜର ବ୍ୟବସାୟ ଜାରି ରଖିଛନ୍ତି । ତାଙ୍କ କହିବାନୁଯାୟୀ, ମହିଳାମାନେ ଫୁଲକରୀ ନିର୍ମିତ ସୁଟ୍ ଶାଢ଼ି ଆଦି ପିନ୍ଧିବାକୁ ସେତେ ପସନ୍ଦ କରନ୍ତିନି । କିନ୍ତୁ ଏଥିରୁ ନିର୍ମିତ ସାର୍ଟ, ଟପ୍ସ, କୁର୍ତ୍ତୀ ପିନ୍ଧିବାକୁ ପସନ୍ଦ କରନ୍ତି । ତେଣୁ ସେ ଫୁଲକରୀରୁ ଭଳିକି ଭଳି ଡିଜାଇନର ପୋଷାକ ତିଆରି କରନ୍ତି । ପ୍ରଥମେ କେବଳ ରେଶମ ସୂତାରେ ଏହି ଫୁଲକରୀ କଳାକୃତି ହେଉଥିଲା, କିନ୍ତୁ ସମୟ ଅନୁସାରେ ଏଥିରେ ପରିବର୍ତ୍ତନ ଦେଖାଯାଇଛି । ଏହି କଳାକୃତି ଦ୍ୱାରା ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ତାଲିମ୍ ପ୍ରଦାନ କରୁଛନ୍ତି । ଏହାଦ୍ୱାରା ଗାଁର ମହିଳାମାନେ ରୋଜଗାରକ୍ଷମ ହେବା ସହ ସେମାନଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି । ବିଦେଶୀ ମହିଳାମାନେ ମଧ୍ୟ ଏହି କଳାକୁ ପସନ୍ଦ କରୁଛନ୍ତି, ବୋଲି ଲାଜବନ୍ତୀ କୁହନ୍ତି । ସେହିପରି ବଲିଉଡ ଅଭିନେତ୍ରୀଙ୍କ ମଧ୍ୟରେ ଏହି ଫୁଲକରୀର ଚାହିଦା ରହିଛି । ଫୁଲକରୀ ଭାରତୀୟ ହସ୍ତତନ୍ତରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଯୋଗୁ ୨୦୨୧ ମସିହାରେ ସେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

# ବିନା ଫାଉଣ୍ଡେସନ୍‌ରେ ଚମକିବ ଚେହେରା



ମହିଳାମାନେ ସୁନ୍ଦର ଦେଖାଯିବା ପାଇଁ ଚାହାନ୍ତି । ଏଥିପାଇଁ ଫାଉଣ୍ଡେସନ, ସିରମ, ଆଦି ମେକ୍‌ଅପ୍ ପ୍ରସାଧନ ଲଗାଇଥାନ୍ତି । କିନ୍ତୁ ଅନେକ ସମୟରେ ବାହାରକୁ ଯିବାବେଳେ ଫାଉଣ୍ଡେସନ୍ ସରିଯାଏ । ଏପରିସ୍ଥଳେ, ଘରେ ଥିବା ଜିନିଷକୁ ଲଗାଇ ଏକ ଚମକଯୁକ୍ତ ଚେହେରା ପାଇପାରିବେ ।

- ମେକ୍‌ଅପ୍ ପୂର୍ବରୁ ତ୍ୱଚାକୁ ପରିଷ୍କାର କରି ଧୁଅନ୍ତୁ । ପରେ ଏକ ଟୋନର୍ କିମ୍ବା ଗୋଲାପଜଳ ଲଗାଇ ତ୍ୱଚାର ପିଏଚ୍ ସେଟ୍ କରନ୍ତୁ । ଏହାପରେ ଏକ ହାଲୁକା ମଏଶ୍ଚରାଇଜର୍ ଲଗାଇ ମୁହଁକୁ କୋମଳ କରନ୍ତୁ ।
- ଫାଉଣ୍ଡେସନ ଆବଶ୍ୟକତା ପୂରା କରିବା ପାଇଁ ତ୍ୱଚା ଅନୁଯାୟୀ, ଅଳ୍ପ କନସିଲର୍, ବିବି, ସିସି କ୍ରିମ୍ ଲଗାଇପାରିବେ । ଏହା ନଥିଲେ ଏକ କମ୍ପାକ୍ଟ ପାଉଡର୍‌ରେ ଅଳ୍ପ ମଏଶ୍ଚରାଇଜର୍ ମିଶାଇ ଏକ କ୍ରିମ୍ ପ୍ରସ୍ତୁତ କରନ୍ତୁ । ଏହାକୁ ତ୍ୱଚାରେ ଫାଉଣ୍ଡେସନ୍ ଭଳି ଲଗାନ୍ତୁ । ଏହି ଉପାୟ ମୁହଁରେ ଏକ ଉଜ୍ଜ୍ୱଳତା ଆଣିଥାଏ ।
- ଏଥିସହ ଚାହିଁଲେ, ଲିକୁଇଡ୍ ହାଇଲାଇଟର୍ କିମ୍ବା ଆଲୋଭେରା ଜେଲ୍‌ରେ ସାମାନ୍ୟ ହଳଦୀ ପକାଇ ଏହାକୁ ତ୍ୱଚାରେ ଲଗାଇପାରିବେ, ଏହାଦ୍ୱାରା ତ୍ୱଚାରେ ଏକ ପ୍ରାକୃତିକ ଚମକ ଆସିଥାଏ ।
- ସେହିପରି ଉଜ୍ଜ୍ୱଳ ତ୍ୱଚା ପାଇଁ ବ୍ଲଶ୍ ବ୍ୟବହାର କରିପାରିବେ । ବ୍ଲଶ୍ ନଥିଲେ, ଲିପ୍‌ଷ୍ଟିକ୍‌କୁ ହାଲୁକା ଗାଲରେ ଲଗାଇ ଏହାକୁ ବ୍ଲେଣ୍ଡ କରନ୍ତୁ । ଏହା ତ୍ୱଚାକୁ ଏକ ଫ୍ରେଶ୍ ଲୁକ୍ ଦେଇଥାଏ ।

ମୋ ହାଣ୍ଡିଶାଳରୁ...

# ପଣସମଞ୍ଜି ତରକାରି

**ଆବଶ୍ୟକ ସାମଗ୍ରୀ**


ପଣସମଞ୍ଜି- ୨୦୦ ଗ୍ରାମ, ବେସନ – ଅଧା କପ୍, କାଜୁ-ପାଞ୍ଚ, ଛଅଟି, ରସୁଣ ବୁଦା - ଗୋଟିଏ, ଅଦା – ଖଣ୍ଡେ, କଟା ଟମାଟୋ- ଅଧା କପ୍, କଟା ପିଆଜ – ଏକ କପ୍, ତେଜପତ୍ର– ଦୁଇଟି, କଞ୍ଚାଲଙ୍କା – ଦୁଇଟି, ରାଶି – ଏକ ଚାମଚ, ଜିରା – ଅଧା ଚାମଚ, ଗରମ ମସଲା– ଏକ ଚାମଚ, ହଳଦୀଗୁଣ୍ଡ –ଅଧା ଚାମଚ, କସୁରୀ ମେଥି –ଅଳ୍ପ, ଦନିଆ ପତ୍ର – ଅଳ୍ପ, ଗୋଟା ଗରମ ମସଲା – ଅଳ୍ପ, ଲୁଣ – ସ୍ୱାଦାନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।



**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ପଣସ ମଞ୍ଜିରୁ ଚୋପା ଚଢ଼ାଇ ଧୋଇ ରଖନ୍ତୁ । ଏହାକୁ ଏକ ଜାର୍‌ରେ ଦେଇ ସେଥିରେ ବେସନ, କାଜୁ, ରସୁଣ, ଅଦା, କଞ୍ଚାଲଙ୍କା, କସୁରୀମେଥି, ଗରମମସଲା, ଲୁଣ ଓ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡ କରି ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । କଡ଼େଇ ଗରମ ହୋଇଯିବା ପରେ ସେଥିରେ ପଣସମଞ୍ଜି ବଟାକୁ ଦେଇ ଅଳ୍ପ ସମୟ ଜନ୍ତନ୍ତୁ । ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଏହାକୁ ଥାଳିରେ କାଢ଼ିଦିଅନ୍ତୁ । ଥଣ୍ଡା ହୋଇଗଲେ ଛୋଟ, ଛୋଟ ଖଣ୍ଡରେ ଏହାକୁ କାଟନ୍ତୁ । ଆଉ ଗୋଟେ କଡ଼େଇରେ ତେଲ ଦେଇ କାଟି ରଖିଥିବା ପଣସମଞ୍ଜି ବଟାକୁ ପକାଇ ଛାଣନ୍ତୁ । ଏହାପରେ ଏକ ପ୍ୟାନରେ ଅଳ୍ପ ତେଲ ଦେଇ ସେଥିରେ ଜୀରା, ତେଜପତ୍ର, ଲବଙ୍ଗ ପିଆଜ ପକାଇ ଭାଜନ୍ତୁ । ଏହାପରେ ଟମାଟୋ, ଅଦା ରସୁଣ ପେଷ୍ଟ ଦେଇ କଷନ୍ତୁ । ଏଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ଗୁଣ୍ଡ, ଜୀରା ଗୁଣ୍ଡ ଦେଇ ପିଠାଖଡ଼ିକାରେ ଗୋଳାଇ ଦିଅନ୍ତୁ । ଏହାପରେ ଛାଣି ରଖିଥିବା ପଣସମଞ୍ଜିକୁ ଦେଇ ମସଲାରେ ମିଶାନ୍ତୁ । ପରେ ଏଥିରେ ଅଳ୍ପ ପାଣି ଦେଇ ପାଞ୍ଚମିନିଟ୍ ଫୁଟାନ୍ତୁ । ଫୁଟିଗଲା ପରେ ଗରମ ମସଲା, ଧନିଆ ପତ୍ର ପକାଇ ପରଷନ୍ତୁ 'ପଣସ ମଞ୍ଜି ତରକାରି' ।

# ବାଥ୍‌ରୁମ୍ ମିରର୍ ଡିଜାଇନ୍



ସାଧାରଣତଃ ଘର ସଜାଇବାକୁ ସମସ୍ତେ ଚାହାନ୍ତି । ଏଥିପାଇଁ ଲୋକେ ବିଭିନ୍ନ ଇଣ୍ଟେରିୟର ଡିଜାଇନ୍ କରିଥାନ୍ତି । ଘର ପରି ବାଥ୍‌ରୁମ୍ ସାଜସଜ୍ଜା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ବାଥରୁମ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆକର୍ଷୀୟ କରିବାକୁ ଚାହୁଁଥିଲେ, ବଜାରରେ ମିଳୁଥିବା ଡିଜାଇନର୍ ମିରର୍ ଲଗାଇପାରିବେ ।

**ବ୍ରାସ ମିରର୍**

ବାଥ୍‌ରୁମ୍‌କୁ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ବ୍ରାସ ମିରର୍ ଲଗାଇପାରିବେ । ଏହା ବାଥ୍‌ରୁମ୍‌କୁ ଗୋଲ୍‌ଡ ରୟାଲ୍ ଲୁକ୍ ଦେଇଥାଏ । ଏଥିସହ ଗାଢ଼ ରଙ୍ଗ ଟାଇଲ କିମ୍ବା ୱାଲ୍‌ପେପର୍ ମଧ୍ୟ ଲଗାଇପାରିବେ । ଏହା ବାଥ୍‌ରୁମ୍‌କୁ ସୁନ୍ଦର କରିଥାଏ ।

**ଛାଡ଼ନ୍ତୁ ଆକାରର ଚିନ୍ତା**

ବାଥ୍‌ରୁମ୍ ଡିଜାଇନ୍‌କୁ ଭିନ୍ନ କରିବାକୁ ଚାହୁଁଥିଲେ, ଏହାକୁ କାନ୍‌ଭାସ ଷ୍ଟାଇଲ୍‌ରେ ସଜାନ୍ତୁ । ଏଥିରେ ଦୁଇ କିମ୍ବା ଅଧିକ ମିରର ବ୍ୟବହାର କରିପାରିବେ । ବାଥ୍‌ରୁମ୍ ଆକାର ଅନୁସାରେ ମିରର୍ ଚୟନ କରନ୍ତୁ । ଏଥିସହ ଚାହିଁଲେ, ବଲ୍‌ବ ଲଗାଇପାରିବେ ।

**ଭିନ୍‌ଟେଜ୍ ଲୁକ୍**

ବାଥ୍‌ରୁମ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଭିନ୍‌ଟେଜ୍ ମିରର ବ୍ୟବହାର କରିପାରିବେ । ବାଥ୍‌ରୁମ୍ ଟାଇଲ୍ସ ଗାଢ଼ ହେଉ କିମ୍ବା ଫିକା ଏହା ସବୁଥିରେ ସୁନ୍ଦର ଦିଶିଥାଏ । ବାଥରୁମ୍ ଆକାର ଅନୁସାରେ ମିରର୍ ଲଗାଇବା ଆବଶ୍ୟକ । ଅବଶ୍ୟ ବଡ଼ ମିରର ବାଥରୁମକୁ ସୁନ୍ଦର କରିଥାଏ ।

**ମଲ୍‌ଟିପଲ୍ ମିରର୍**

ବାଥରୁମ୍ ଛୋଟ ଥିଲେ ଏହାକୁ ବଡ଼ ଆକାର ଦେବାପାଇଁ, ମଲ୍‌ଟିପୁଲ୍ ମିରର୍ ପାଟର୍ଣ୍ଣ ବ୍ୟବହାର କରିପାରିବେ । ଏଥିରେ ଏକା ସହିତ ଦୁଇ ବା ତାଠୁ ଅଧିକ ମିରର ଲଗାଯାଇଥାଏ । ଏଥିପାଇଁ ଛୋଟ ବାଥ୍‌ରୁମ୍ ବଡ଼ ଦେଖାଯାଏ । ଏହା ଷ୍ଟାଇଲିଶ୍ ସାଙ୍ଗକୁ ଏକ ମଡର୍ଣ୍ଣ ଲୁକ୍ ଦେଇଥାଏ ।

# ବୟସ ଅନୁସାରେ ଲଗାନ୍ତୁ ସନ୍‌ସ୍କ୍ରିନ୍


ତ୍ୱଚା ପାଇଁ ସନ୍‌ସ୍କ୍ରିନ୍ ବେଶ ଜରୁରୀ ହୋଇଥାଏ । ଏହାକୁ ସଭିଏଁ, ଘରେ ଓ ବାହାରକୁ ଯିବା ସମୟରେ ଲଗାଇଥାନ୍ତି । ସାଧାରଣତଃ ତେଲିଆ, ଶୁଷ୍କ, ତ୍ୱଚା ଅନୁସାରେ ମହିଳାମାନେ ଏହାକୁ ଲଗାଇଥାନ୍ତି । କିନ୍ତୁ ଏହା ତ୍ୱଚା ପାଇଁ ଯଥେଷ୍ଟ ହୋଇ ନଥାଏ । ବୟସ ବଢ଼ିବା ସହ ତ୍ୱଚାରେ ନାନା ପରିବର୍ତ୍ତନ ଦିଶିଥାଏ, ତେଣୁ ବୟସ ଅନୁସାରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ ।

**୧୩ ରୁ ୧୯ ବର୍ଷ**

ସାଧାରଣତଃ କିଶୋରବସ୍ଥାରେ ପିଲାଙ୍କଠାରେ ହରମୋନ୍ ପରିବର୍ତ୍ତନ ହୋଇଥାଏ । ଏପରିସ୍ଥଳେ ତ୍ୱଚାର ଯତ୍ନ ପାଇଁ ଜେଲ୍ କିମ୍ବା ୱାଟର୍ ବେସ୍‌ଡ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ । ବାହାରକୁ ଯିବାର ୨୦ ମିନିଟ୍ ପୂର୍ବରୁ ଏହାକୁ ଲଗାଇପାରିବେ । ଧ୍ୟାନ ରଖିବେ ସର୍ବଦା ଫେସ୍‌ୱାସ୍ ପରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ ।

**୨୦ ରୁ ୩୦ ବର୍ଷ**

ଏହି ସମୟରେ ତ୍ୱଚାରେ ପିଗ୍‌ମେଣ୍ଟସନ୍, ଟ୍ୟାନିଂ, ଚର୍ମ କୁଞ୍ଚନ, ଆଦି ସମସ୍ୟା ରହିଥାଏ । ଏଥିପାଇଁ ହାଇଡ୍ରେଟିଙ୍ଗ୍ ସନ୍‌ସ୍କ୍ରିନ୍ ଲଗାଇପାରିବେ । ଏଥିରେ ଏସ୍‌ପିଏଫ୍ ୫୦ ଥିବା ଆବଶ୍ୟକ । ଏଥିସହ ସହ ଚାହିଁଲେ, କ୍ରିମ୍ କିମ୍ବା ଜେଲ୍ ସନ୍‌ସ୍କ୍ରିନ୍ ଲଗାଇପାରିବେ । ଏହାକୁ ଆଖି ତଳେ ଲଗାଇବା ଆବଶ୍ୟକ । ସେହିପରି ଏହାକୁ ଭିଟାମିନ୍ ସି ସିରମ ସହ ଲଗାଇଲେ ଦ୍ୱିଗୁଣା ଲାଭ ମିଳିଥାଏ ।



**୪୦-୫୦ ବର୍ଷ**

ଏହି ସମୟରେ ତ୍ୱଚାର ଇଲାଷ୍ଟିସିଟି କମିଯାଏ । କଳାଦାଗ ଆଦି ସମସ୍ୟା ବଢ଼ିଥାଏ । ତେଣୁ ଏହି ବୟସରେ ଆଣ୍ଟି ଏଜିଙ୍ଗ ଗୁଣଥିବା ମଏଶ୍ଚରାଇଜିଙ୍ଗ୍ ସନ୍‌ସ୍କ୍ରିନ୍ ଲଗାଇ ଭଲ ।

# ପାଦକୁ ସୁନ୍ଦର ସରୁ ପାଉଁଞ୍ଜି

ବ୍ୟସ୍ତବହୁଳ ଜୀବନ ମଧ୍ୟରେ ମହିଳାମାନେ ସାଧା ଓ ଆକର୍ଷଣୀୟ ଅଳଙ୍କାର ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏହାକୁ ଧ୍ୟାନ ଦେଇ ଏବେ ବଜାରରେ ମିନିମାଲିଷ୍ଟ୍ ଡିଜାଇନର ପାଉଁଞ୍ଜି ଓ ଆଙ୍କ୍‌ଲେଟ୍ ମିଳୁଛି । ଏହା ଦେଖିବାକୁ ସିମ୍ପଲ ଓ ଆକର୍ଷଣୀୟ ହୋଇଥାଏ । କେବଳ ସେତିକି ନୁହେଁ, ଏହା ଫେଶନ ଷ୍ଟେଟ୍‌ମେଣ୍ଟ ହେବା ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ଏଥି ସହ ଏହା ବିଭିନ୍ନ ଆଉଟ୍‌ଫିଟ୍‌କୁ ମାନିଥାଏ ।



**ସାଧା ଚେନ୍**

ସାଧା ସହ ପାଦକୁ ଏକ କ୍ଲାସି ଲୁକ୍ ଦେବାକୁ ଚାହୁଁଥିଲେ, ପତଳା ଚେନ୍ ପାଉଞ୍ଜି ପିନ୍ଧିପାରିବେ । ଏହାକୁ ଅଫିସ୍, ସ୍କୁଲ୍, ଯିବା ସହ ନିତିପିନ୍ଧା ମଧ୍ୟ କରିପାରିବେ । ଏହା ପାଦକୁ ସୁନ୍ଦର କରିଥାଏ ।

**ବିଡସ୍**

ଷ୍ଟାଇଲିସ ସହ ରଙ୍ଗିନ ମାଳି ଚାହୁଁଥିଲେ, ବିଡ୍‌ସ ପାଉଞ୍ଜି କିଣିପାରିବେ । ଏଥିରେ ଚେନ୍ ସାଙ୍ଗକୁ ଛୋଟ ମାଳି ରହିଥାଏ । ଏହା ସିମ୍ପୁଲ ସହ ଅଧିକ ଷ୍ଟାଇଲିଶ୍ ଲାଗିଥାଏ । ଏଥିନିକ୍‌ରୁ ନେଇ ୱେଷ୍ଟର୍ଣ୍ଣ ଏହା ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ ।

**ଡବଲ୍ ଲେୟାର୍ଡ**

ଏହି ପାଉଞ୍ଜି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏଥିରେ ଦୁଇଟି ପତଳା ଚେନ୍ ଲାଗିଥାଏ । ଏହା ଚାଲିବା ସମୟରେ ପାଦରେ ଝୁଲି ରହିଥାଏ । ଏହା ପାଦ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ପୂଜା ପର୍ବରେ ଏ ପ୍ରକାର ପାଉଞ୍ଜି ପିନ୍ଧିଲେ ଏହା ଖୁବ୍ ସୁନ୍ଦର ଦେଖାଯାଏ ।

■ ଭାରତରେ ଡୋପ୍ ଟେଷ୍ଟ

## ୨୦୨୪ରେ ଧରାପଡ଼ିଛନ୍ତି ୨୬୦

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଭାରତରେ ଅନୁବନ୍ଧିତ ଡ୍ରଗ୍ସ ସେବନକାରୀ ଆଥ୍ଲେଟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ମଧ୍ୟରେ ୨୦୨୪ରେ ନ୍ୟାସନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା କରାଯାଇଥିବା ୭,୪୬୬ଟି ଡୋପ୍ ଟେଷ୍ଟରୁ ୨୬୦ଟି କେସ ପଜିଟିଭ୍ ହୋଇଛନ୍ତି। ଭାରତରେ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ଏହା ସର୍ବାଧିକ କେସ୍। ୨୦୧୯ରେ ଏହି ସଂଖ୍ୟା ୨୨୪ ଥିଲା। ଏ ସମ୍ପର୍କରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟସଭାରେ ଦିଆଯାଇଥିବା ତଥ୍ୟରୁ ଏହା ଜଣାଯାଇଛି। ଏ ସମ୍ପର୍କରେ କ୍ରୀଡ଼ା ବିଭାଗ ଅବଗତ ଅଛନ୍ତି ଓ କ୍ରୀଡ଼ାବିତ୍‌ଙ୍କୁ ଡ୍ରଗ୍ସମୁକ୍ତ କରିବାକୁ ବଦ୍ଧ ପରିକର ଅଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି।

■ ଜାତୀୟ ଜୁନିଅର ମହିଳା ହକି

## ପୁଣି ଓଡ଼ିଶାକୁ କ୍ୱାର୍ଟର ଝଟ୍‌କା

ଭୁବନେଶ୍ୱର, ୯।୮ (ସମିସ): ଆନ୍ଧ୍ର ପ୍ରଦେଶରେ ଚାଲିଥିବା ଜାତୀୟ ଜୁନିଅର ମହିଳା ହକି (ଡିଭିଜନ-ଏ)ରେ ଓଡ଼ିଶା ଦଳ କ୍ୱାର୍ଟରରେ ନିରାଶ କରିଛି। ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ମହିଳା ଦଳ ୧-୪ ଗୋଲରେ ହରିୟାଣା ନିକଟରୁ ହାରି ଅଭିଯାନ ଶେଷ କରିଛି। ଓଡ଼ିଶା ପକ୍ଷରୁ ଅମିଶା ଏକ୍କା ୪୭ତମ ମିନିଟ୍‌ରେ ଏକମାତ୍ର ଗୋଲଟି ଦେଇଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ଝାଡ଼ଖଣ୍ଡ, ଚଣ୍ଡିଗଡ଼ ଓ ଉତ୍ତର ପ୍ରଦେଶ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି। ଉଲ୍ଲେଖଯୋଗ୍ୟ, ଏଥିପୂର୍ବରୁ ନିକଟରେ ତାମିଲନାଡୁରେ ଶେଷ ହୋଇଥିବା ୧୫ତମ ଜାତୀୟ ସବ୍‌ଜୁନିଅର ବାଳକ ହକିରେ ମଧ୍ୟ ଓଡ଼ିଶା କ୍ୱାର୍ଟରଫାଇନାଲରେ ହାରି ଅଟକି ଯାଇଥିଲା।

■ ଭାରତ-'ଏ' ବିପକ୍ଷ ଟି-୨୦ ସିରିଜ୍

## ଅଷ୍ଟ୍ରେଲିଆ ଆଗୁଆ ବିଜୟୀ

ମ୍ୟାକୟ, ୯।୮ (ଏଜେନ୍ସି): ଅନ୍ତର୍ଜାତୀୟ ତାରକା ଅଲିଶା ହିଲି (୪୪ ବଲରେ ୭୦ ରନ୍)ଙ୍କ ଅର୍ଦ୍ଧଶତକ ଓ କିମ୍ ଗାର୍ଥ (୭ ରନ୍‌ରେ ୪ୱିକେଟ୍)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ଅନ୍‌ଅଫିସିଆଲ ମହିଳା ଟି-୨୦ରେ ଅଷ୍ଟ୍ରେଲିଆ-ଏ ୧୧୪ ରନ୍‌ର ବିଶାଳ ବ୍ୟବଧାନରେ ଭାରତ-ଏ'କୁ ପରାସ୍ତ କରିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଅଷ୍ଟ୍ରେଲିଆ ଆଗୁଆ ଜିତିନେଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ-ଏ' ୧୩ ରନ୍‌ରେ ଜିତିଥିଲା। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଆସନ୍ତାକାଲି ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୪ ୱିକେଟରେ ୧୮୭ ରନ୍‌ର ବଡ଼ ସ୍କୋର କରିଥିଲା। ଜବାବରେ ଭାରତ-ଏ ୧୫.୧ ଓଭରରେ ମାତ୍ର ୭୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ଦୁଇଜଣ ବ୍ରିନ୍ଦା ଦିନେଶ ୨୧ ଓ ମିନୁ ମାନି ୨୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅଧିନାୟିକା ରାଧା ଯାଦବଙ୍କୁ ପ୍ରତିପକ୍ଷ ଇନିଂସରେ ୨ଟି ୱିକେଟ ମିଳିଥିଲା।

## ପ୍ରଥମ ଦିନିକିଆରେ ପାକିସ୍ତାନ ବିଜୟୀ

ତାରୋବା, ୯।୮ (ଏଜେନ୍ସି): ଅଧିନାୟକ ମହମ୍ମଦ୍ ରିଜୱାନ୍ ଓ ହାସନ ନୱାଜଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ରାତିରେ ଅନୁଷ୍ଠିତ ପ୍ରଥମ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପାକିସ୍ତାନ ଘରୋଇ




ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୪୯ ଓଭରରେ ୨୮୦ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଏଭିନ ଲୁଇସ୍ ସର୍ବାଧିକ ୬୦, ଅଧିନାୟକ ସାଇ ହୋପ୍ ୫୫ ଓ ରୋଷ୍ଟୋନ ଚେଜ୍ ୫୩ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ସାହିନ୍ ଆଫ୍ରିଦୀ ୪ଟି ଓ ନସୀମ ଶାହ ୩ଟି ୱିକେଟ ପାଇଥିଲେ। ଜବାବରେ ପାକିସ୍ତାନ ୪୮.୫ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ନୱାଜ୍ ୫୪ ବଲ୍‌ରେ ଅପରାଜିତ ୬୩, ହୁସେନ ତଲତ ଅପରାଜିତ ୪୧, ଅଧିନାୟକ ରିଜୱାନ୍ ୫୩ ଓ ବାବର ଆଜମ ୪୭ ରନ୍ କରିଥିଲେ। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ପାକିସ୍ତାନ ୧-୦ରେ ଆଗୁଆ ରହିଛି। ସେହିପରି ପୂର୍ବରୁ ଖେଳାଯାଇଥିବା ଟି-୨୦ ସିରିଜ୍‌କୁ ପାକିସ୍ତାନ ୨-୧ ବ୍ୟବଧାନରେ ଜିତିନେଇଥିଲା।



ଆଜି ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ୍

# କଳିଙ୍ଗରୁ ଟୋକିଓକୁ ଯୋଗ୍ୟତା ଲକ୍ଷ୍ୟ

ଭୁବନେଶ୍ୱର, ୯।୮ (ସମିସ):

ଭାରତୀୟ କ୍ରୀଡ଼ା ଇତିହାସରେ ରବିବାର ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ପ୍ରଥମଥର ଲାଗି ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ୍) ଭାରତରେ ଆୟୋଜିତ ହେବାକୁ ଯାଉଛି। ଆଇକନିକ କଳିଙ୍ଗ ଷ୍ଟାଡିୟମ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି। ପୂର୍ବରୁ ଦୁଇ ଦୁଇଥର ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ (୨୦୧୮ ଓ ୨୦୨୩), ଏସିଆନ ଆଥ୍ଲେଟିକ୍ସ ଚାମ୍ପିଅନସିପ୍ (୨୦୧୭), ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ (୨୦୨୨) ଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ କରିଥିବା କଳିଙ୍ଗ କ୍ରୀଡ଼ା ଇତିହାସରେ ମଧ୍ୟ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହେବ।

ରବିବାର ଅପରାହ୍ନରେ ଆରମ୍ଭ ହେବାକୁ ଥିବା ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌କୁ ବିଶ୍ୱ ଆଥ୍ଲେଟିକ, ଭାରତୀୟ ଆଥ୍ଲେଟିକ ମହାସଂଘ ଓ ଓଡ଼ିଶା ସରକାର ମିଳିତ ଭାବେ ଆୟୋଜନ କରୁଛନ୍ତି। ସାଢ଼େ ୩ ଘଣ୍ଟାର ଏହି ଦୌଡ଼କୁଦ ପ୍ରତିଯୋଗିତାରେ ବିଶ୍ୱର ୧୭ ଦେଶର ୧୫୬ଜଣ ଆଥଲେଟ ଭାଗନେବେ। ଯେଉଁଥିରେ ଆୟୋଜକ ଭାରତରୁ ସର୍ବାଧିକ ୯୩ଜଣ ରହିଛନ୍ତି। ୧୯ଟି ମେଡାଲ ଇଭେଣ୍ଟରେ ପ୍ରତିଯୋଗିତା ହେବ। ପୁରୁଷ ଓ ମହିଳାରେ ୯ଟି ଲେଖାଏ କ୍ରୀଡ଼ା ଇଭେଣ୍ଟ ରହିଥିବାବେଳେ ଗୋଟିଏ ମିକ୍ସଡ ରିଲେ ରେସ୍ ରହିଛି। ଆଥ୍ଲେଟଙ୍କ ପାଇଁ ଏହା କେବଳ ଯେ ଏକ ପଦକ ପ୍ରତିଯୋଗିତା ନୁହେଁ, ବରଂ କଳିଙ୍ଗରେ ଭଲ ପ୍ରଦର୍ଶନ କରି ଆସନ୍ତା ମାସରେ ଜାପାନର ଟୋକିଓରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପକୁ ଯୋଗ୍ୟତା ଅର୍ଜନ କରିବାକୁ ଆଥଲେଟଙ୍କ ଲାଗି ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ଏହି ଯୋଗ୍ୟତା ସିଧାସଳଖ ଧାର୍ଯ୍ୟ ଟାଇମିଂ ମାଧ୍ୟମରେ ହୋଇପାରେ କିମ୍ବା ୱାର୍ଲ୍ଡ ର୍‌ୟାଙ୍କିଂ ପଏଣ୍ଟରେ ଉନ୍ନତି ଆଣି ବିଶ୍ୱ ଚାମ୍ପିଅନସିପ୍ ଟିକଟ୍ ହାସଲ କରିପାରିବେ।

### ଅନିମେଶଙ୍କ ଉପରେ ନଜର

ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଏହି ଇଭେଣ୍ଟରୁ ଓହରିଯାଇଛନ୍ତି। ସେ ବିଶ୍ୱ ଚାମ୍ପିଅନସିପ୍‌କୁ ଆଗୁଆ ଯୋଗ୍ୟତା ଅର୍ଜନ କରିଥିବାରୁ ଏବେ ୟୁରୋପରେ ତାଙ୍କ ପ୍ରସ୍ତୁତି ଚଳାଇଛନ୍ତି। ନୀରଜ ଭାଗନେଉ ନ ଥିବାରୁ ଏବେ ସମସ୍ତଙ୍କ ଫୋକସରେ ରହିଛନ୍ତି ଦେଶ ତଥା ରାଜ୍ୟର ତାରକା ସ୍ପ୍ରିଣ୍ଟର



ଅନିମେଶ କୁଜୁର। ଭୁବନେଶ୍ୱରରେ ଦୀର୍ଘ ବର୍ଷ ଧରି ପ୍ରଶିକ୍ଷଣ ନେଉଥିବା ଅନିମେଶ ଘରୋଇ ପଡ଼ିଆ ଓ ଦର୍ଶକଙ୍କ ସାମ୍ନାରେ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତ ନଜର ରହିଛି। ଅନିମେଶ ବର୍ତ୍ତମାନ ଉଭୟ ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି। ଉଭୟ ରେକର୍ଡକୁ ସେ ଚଳିତ ବର୍ଷ ହାସଲ କରିଛନ୍ତି। ୧୦୦ ମିଟରକୁ ସେ ୧୦.୧୮ ସେକେଣ୍ଡରେ ଓ ୨୦୦ ମିଟରକୁ ୨୦.୩୨ ସେକେଣ୍ଡରେ ଫିନିଶ କରି ଶ୍ରେଷ୍ଠତ୍ୱ ଦେଇଛନ୍ତି। ଆଗାମୀ ଟୋକିଓ ବିଶ୍ୱ ଚାମ୍ପିଅନସିପ୍ ଲାଗି ୧୦୦ ମିଟରରେ ୧୦ ସେକେଣ୍ଡ ଓ ୨୦୦ ମିଟରରେ ୨୦.୧୬ ସେକେଣ୍ଡ ଯୋଗ୍ୟତା ଟାଇମିଂ ରହିଛି। ଅନିମେଶ ଏହାକୁ ଏଠାରେ ହାସଲ କରି ଟୋକିଓକୁ ଯୋଗ୍ୟତା ଅର୍ଜନ କରନ୍ତୁ ବୋଲି ଓଡ଼ିଶା କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି। ଅନିମେଶଙ୍କ ବ୍ୟତୀତ ଓଡ଼ିଶାରୁ ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ ମଧ୍ୟ ଏଥିରେ ଭାଗନେବେ।

### ଦର୍ଶକଙ୍କ ଲାଗି ୩ଟି ପ୍ରବେଶ ପଥ

ଏହି ମେଗା ଇଭେଣ୍ଟ ଲାଗି ଦର୍ଶକଙ୍କ ପାଇଁ ମାଗଣା ପ୍ରବେଶ ବ୍ୟବସ୍ଥା କରାଯାଇଛି। ୩ଟି ଫାଟକ ଦେଇ ଦର୍ଶକ କଳିଙ୍ଗ ଷ୍ଟାଡିୟମକୁ ଯାଇପାରିବେ। ଯେଉଁମାନେ ବିନା ଗାଡ଼ିରେ ଆସିଥିବେ ସେମାନେ ଫାଟକ ନଂ-୩, ଦୁଇ ଚକିଆ ଓ ଚାରି ଚକିଆରେ ଆସିଥିବା ଦର୍ଶକ ଯଥାକ୍ରମେ ଗେଟ୍ ନଂ-୪ ଓ ଗେଟ୍ ନଂ-୮ ବି'ରେ ପ୍ରବେଶ କରିବେ।

### ୱାର୍ଲ୍ଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ କ'ଣ

ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ୨୦୨୦ରେ ପ୍ରଥମେ 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍' ଆରମ୍ଭ କରାଯାଇଥିଲା। ଇଣ୍ଟରନ୍ୟାସନାଲ ଟ୍ରାକ୍ ଆଣ୍ଡ ଫିଲ୍ଡର ଏକାଧିକ ଇଭେଣ୍ଟକୁ ନେଇ ଏହା ଆୟୋଜିତ ହୋଇଥାଏ। ଏହା ଏକ ଏକଦିବସୀୟ ଇଭେଣ୍ଟ। ଡାଇମଣ୍ଡ ଲିଗରୁ ଏହାର ର୍‌ୟାଙ୍କ ନିମ୍ନ। କଣ୍ଟିନେଣ୍ଟାଲ ଟୁର୍ ୪ଟି ସ୍ତରରେ ଅନୁଷ୍ଠିତ ହୋଇଥାଏ। ଯଥା ଗୋଲ୍ଡ, ସିଲଭର, ବ୍ରୋଞ୍ଜ ଓ ଚ୍ୟାଲେଞ୍ଜର। ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ବ୍ରୋଞ୍ଜ ଲେଭଲ୍‌ରେ ମୋଟ୍ ୨୫ ହଜାର ଡଲାର (ପାଖାପାଖି ୨୨ ଲକ୍ଷ ଟଙ୍କା) ପୁରସ୍କାର ରାଶି ରହିଛି। ପୋଡିୟମର ପ୍ରଥମ ୪ଟି ସ୍ଥାନରେ ରହିଥିବା ଖେଳାଳିଙ୍କୁ ଅର୍ଥରାଶି ପ୍ରଦାନ କରାଯିବ। ପ୍ରଥମ ସ୍ଥାନରେ ରହିଥିବା ଖେଳାଳି ୭୦ ହଜାର ଟଙ୍କା ପାଇବେ।

## ୧୩ ବର୍ଷରୁ କମ୍ ଚେସ୍ | ଓପନ୍‌ରେ ୩, ବାଳିକାରେ ୪ ଆଗୁଆ

ପୁରୀ, ୯।୮ (ସମିସ): ଓଡ଼ିଶା ରାଜ୍ୟ ଓ ପୁରୀ ଜିଲ୍ଲା ଚେସ ସଂଘର ମିଳିତ ଆନୁକୂଲ୍ୟରେ ପୁରୀ କ୍ରିକେଟ ଷ୍ଟାଡିୟମ୍ ପରିସରରେ ଚାଲିଥିବା ରାଜ୍ୟ ୧୩ ବର୍ଷରୁ କମ୍ ଚେସ୍‌ର ୪ର୍ଥ ରାଉଣ୍ଡ ଶନିବାର ଶେଷ ହୋଇଛି। ୪ର୍ଥ ରାଉଣ୍ଡ ଶେଷରେ ଓପନ ବିଭାଗରେ ୩ଜଣ ଖେଳାଳି ୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ଖେଳାଳିମାନେ ହେଲେ ଶିୟାମ ସତ୍ୟାଂଶ, ଆର୍ଯ୍ୟନ ବେହେରା ଓ ସ୍ୱସ୍ତିକ ଶୁଭ ପଟ୍ଟନାୟକ। ଏମାନଙ୍କ ପଛକୁ ଆଦିତ୍ୟ ଜେନା, ଆଦର୍ଶ କୁମାର ବେରିହା, ବିନୀତ ନାୟକ ଓ ରାଘବ ବିଶ୍ୱାଳ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବାଳିକା



ବିଭାଗରେ ନିଭ୍ରିତା ପଟ୍ଟନାୟକ, ଲବ୍ଧି ସ୍ୱାଇଁ, ଶୁଭସ୍ମିତା ପ୍ରିୟଦର୍ଶିନୀ, ଅନିଶା ଆଚାର୍ଯ୍ୟ ଓ ନୟନିକା ସାହୁ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଆର୍ଣ୍ଣିକା ଦାଶ, ଅଦିତି ମହାରଣା, ଇଶାନୀ ଦାସ ଓ ୟେଶସ୍ୱୀ ବିବେକ ବାରୱେ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୪ଟି ଜିଲ୍ଲାରୁ ମୋଟ ୧୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓପନରରେ ୮୮ ଓ ବାଳିକାରେ ୪୦ଜଣ ପ୍ରତିଯୋଗୀ ରହିଛନ୍ତି। ଏଥିରେ ମୋଟ ୫୨ଟି ଟ୍ରଫି ସହ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

## ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନରେ ଓଡ଼ିଶାକୁ ଆଉ ୩ ପଦକ



ଭୁବନେଶ୍ୱର, ୯।୮ (ସମିସ): କେରଳରେ ଚାଲିଥିବା ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ ୩ଟି ପଦକ ମିଳିଛି। ଶନିବାର ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ସହ ମୋଟ ୩ଟି ପଦକ ଜିତିଛି। ୯୩ କିଗ୍ରା ଓଜନବର୍ଗରେ ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ୬୩ କିଗ୍ରାରେ ନିହତି ବର୍ମନ ନାୟକ ଓ ୭୬ କିଗ୍ରା ମୌସୁମୀ ତର୍କ କାଂସ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ବିଜୟୀ ହୋଇଥିଲା। ଫଳରେ ଏହି ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୮ରେ ପହଞ୍ଚିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ଅଂଶଗ୍ରହଣ କରିଛନ୍ତି।

## ୧୦ ବର୍ଷରୁ କମ୍ ଓପନ୍ ଚେସରେ ଆୟୁଷ ଚାମ୍ପିଅନ




ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା ଷ୍ଟେଟ୍ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଏକଦିବସୀୟ ୧୦ ବର୍ଷରୁ କମ୍ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ବଡ଼ଗଡ଼ସ୍ଥିତ ଓମ୍ ଗୁରୁକୂଳ ପବ୍ଲିକ ସ୍କୁଲରେ ଆୟୋଜିତ ଏହି ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଆୟୁଷ ଦାସ (ସେଣ୍ଟ ଜାଭିଅର ସ୍କୁଲ, ଭୁବନେଶ୍ୱର) ଚାମ୍ପିଅନ ହୋଇଛନ୍ତି। ସେହିଭଳି ଅର୍ନବ ଦାଶ, ସତଭିକ ମହାନ୍ତି, ସନ୍ଦୀପ ବେହେରା ଓ ଆୟୁଷମାନ ମହାନ୍ତି ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ବିଭିନ୍ନ ବୟସବର୍ଗରେ ଭେଦିକା ସିଂ, ଆଦିତ୍ୟ ନାରାୟଣ ମହାପାତ୍ର, ପ୍ରଣତୀ ଦାସ, ସାଏଶ ସାହୁ ଓ ଶ୍ରାଗଭି ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

## ଓସିଏର ସ୍କୋରର୍ ପ୍ରଶିକ୍ଷଣ ଶିବିରରେ ଭାଗନେଲେ ୬୮

ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ ପରିସରରେ ଏକ ସ୍କୋରର୍ ପ୍ରଶିକ୍ଷଣ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି। ଏଥରେ ରାଜ୍ୟର ୬୮ଜଣ ସ୍କୋରର୍ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୪୦ଜଣ ନବାଗତ ସ୍କୋରର୍ ରହିଥିଲେ। ଓସିଏର ଆଗାମୀ ଘରୋଇ ସିଜନରେ ଏମାନେ ସ୍କୋରିଂରେ ସହାୟତା କରିବେ। ବିସିସିଆଇ ସ୍ୱିକୃତୀପ୍ରାପ୍ତ ସ୍କୋରର୍ ସିଡି ସୁନିଲଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଓସିଏର ଡାଟା ମ୍ୟାନେଜମେଣ୍ଟ ମୁଖ୍ୟ ଗଣେଶ କର, ସିଇଓ ସୁବ୍ରତ ବେହେରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

## ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍ | ଫାଇନାଲରେ ରମେଶ ବୁଦ୍ଧିଲାଲ୍

ଚେନ୍ନଇ, ୯।୮ (ଏଜେନ୍ସି):

ସର୍ଫିଙ୍ଗ୍‌ରେ ବିରାଟ ଢେଉକୁ ସାମ୍ନା କରିବା ଓ ବିପୁଳ ଅର୍ଥବ୍ୟୟ କରିବା ଭାରତୀୟଙ୍କ ପକ୍ଷେ ସମ୍ଭବ ନୁହେଁ। କିନ୍ତୁ ଏହାକୁ ସଫଳତାର ସହ ମୁକାବିଲା କରିବାରେ ସମର୍ଥ ହୋଇଛନ୍ତି ଜଣେ ଭାରତୀୟ ରମେଶ ବୁଦ୍ଧିଲାଲ। ମହାବଳିପୁରମରେ ଚାଲିଥିବା ଏସିଆନ୍ ସର୍ଫିଙ୍ଗ୍ ଫାଇନାଲରେ ପ୍ରବେଶ କରି ରମେଶ ଭାରତୀୟମାନେ ଏଭଳି କରିପାରିବେ ବୋଲି ବିଶ୍ୱାସ ଜନ୍ମାଇବାରେ ସମର୍ଥ ହୋଇଛନ୍ତି। ଏହି ରେସ୍‌ରେ ଇଣ୍ଡୋନେସିଆର ପାଜାର ଆରିୟାନା ପ୍ରଥମ ସ୍ଥାନରେ ରହିଥିଲେ। ଏଥିରେ ଦ୍ୱିତୀୟ ସ୍ଥାନିତ ଖେଳାଳି ମଧ୍ୟ ଫାଇନାଲରେ ପ୍ରବେଶ କରିପାରିବେ। ଚୀନ୍‌ର ଶିଡୋଙ୍ଗ ଉ ଓ ଭାରତର କିଶୋର କୁମାରଙ୍କୁ ପଛରେ ପକାଇ ରମେଶ ଦ୍ୱିତୀୟ ସ୍ଥାନ ଅଧିକାର କରି ପାଜାରଙ୍କ ସହ ଫାଇନାଲରେ ପ୍ରବେଶ କରିଛନ୍ତି। କେରଳ କୋଭାଲାମ୍‌ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ରମେଶ କୋଭାଲାମ



ସର୍ଫିଙ୍ଗ କ୍ଲବ୍ ଓ ବେଲଜିୟମ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସେବାଷ୍ଟିଆନ୍ ଇଣ୍ଡିଆନ୍ ସୋସିଆଲ ପ୍ରୋଜେକ୍ଟରେ ସର୍ଫିଙ୍ଗ ଅଭ୍ୟାସ କରିଥିଲେ। ଭାରତରେ ସର୍ଫିଙ୍ଗ ଲାଗି ବିଶେଷ ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି ବେସରକାରୀ ଓ ସରକାରୀ ସଂଗଠନ ସହାୟତା ଯୋଗାଇ ନ ଥାନ୍ତି। ଏଭଳି ସ୍ଥିତିରେ ସର୍ଫିଙ୍ଗ ଲାଗି ଆବଶ୍ୟକ ସର୍ଫବୋର୍ଡ, ୱେଟସୁଇଟ୍ସ ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ଲାଗି ଆବଶ୍ୟକ ଅର୍ଥ ମିଳି ନ ଥାଏ। ଏହା ସତ୍ତ୍ୱେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି କ୍ରୀଡ଼ା ଭାରତରେ ତିଷ୍ଠି ରହିଛି।

ରମେଶ ଫାଇନାଲରେ ପ୍ରବେଶ କରିବା ପରେ ଭାରତୀୟଙ୍କ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ଜାପାନରେ ହେବାକୁ ଥିବା ପରବର୍ତ୍ତୀ ଏସିଆଡ୍‌ରେ ସର୍ଫିଙ୍ଗ କ୍ରୀଡ଼ା ଏକ ଇଭେଣ୍ଟ ଭାବେ ଖେଳାଯିବ। ଏଥିଲାଗି ଭାରତରୁ ୨ଟି କୋଟା ସଂରକ୍ଷିତ ରହିଛି। ଏସିଆଡ୍ ଗେମ୍ସ ଆରମ୍ଭ ହେଲାବେଳକୁ ଆହୁରି କିଛି ସ୍ଥାନ ଭାରତୀୟଙ୍କୁ ମିଳିବ। ଏଠାରେ କିନ୍ତୁ ରମେଶ ଇଣ୍ଡୋନେସିଆର ମେଗା ଆର୍ଟାନା, ଆରିଆନା, ଦକ୍ଷିଣ କୋରିଅରୀ କାନୋଆ ହିଜାଏଙ୍କ ବିପକ୍ଷରେ ପଦକ ଜିତିବା ଲାଗି ଜୋରଦାର ଲଢ଼େଇ କରିବାକୁ ହେବ। ସେ ପଦକ ଜିତନ୍ତୁ କି ନାହିଁ, ସର୍ଫିଙ୍ଗ ଇତିହାସରେ ଭାରତ ଯେ ଇତିହାସ ସୃଷ୍ଟି କରିବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।

## ୟୁପି ଟି-୨୦ ଲିଗ୍‌ରୁ ଦୟାଲ ବାସନ୍ଦ

ଲକ୍ଷ୍ନୌ, ୯।୮ (ଏଜେନ୍ସି): ଆଇପିଏଲ୍ ଟ୍ରଫି ବିଜୟୀ ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ରୁତ ବୋଲର ୟଶ ଦୟାଲଙ୍କ ପାଇଁ ଅଡୁଆ ବଢ଼ିବାରେ




ଲାଗିଛି। ଦୁଷ୍କର୍ମ ମାମଲାରେ ଛନ୍ଦି ହୋଇପଡ଼ିଥିବା ଦୟାଲଙ୍କୁ ଆଗାମୀ ୟୁପି ଟି-୨୦ ଲିଗ୍‌ରେ ଖେଳିବାରୁ ବାସନ୍ଦ କରାଯାଇଛି। ଉତ୍ତର ପ୍ରଦେଶ କ୍ରିକେଟ ଆସୋସିଏସନ (ୟୁପିସିଏ) ଏହି ବାସନ୍ଦାଦେଶ ଲଗାଇଛି। ୟୁପି ଟି-୨୦ ଲିଗ୍‌ରେ ଗୋରଖପୁର ଲାୟନ୍ସ ଦଳ ଦୟାଲ୍‌ଙ୍କୁ ୭ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇରେ ଜଣେ ୧୭ ବର୍ଷୀୟା ନାବାଳିକା ଜୟପୁରର ସାଙ୍ଗନର ସଦର ପୁଲିସ ଷ୍ଟେସନରେ ଦୟାଲଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ କରିଥିଲେ। ଏହି ମାମଲାର ଶୁଣାଣି ଅଗଷ୍ଟ ୨୨ରେ ହେବାର ରହିଛି।

ମ୍ୟାଚ୍‌ରେ କନୱେ, ସିରିଜ୍‌ରେ ହେନରୀ ଶ୍ରେଷ୍ଠ

## ନ୍ୟୁଜିଲାଣ୍ଡର ଟେଷ୍ଟ କ୍ଲିନ୍ ସ୍ୱିପ୍



ବୁଲାୱାୟୋ, ୯।୮ (ଏଜେନ୍ସି): ଘରୋଇ ଜିମ୍ବାୱେ ଦଳକୁ ଏକ ଇନିଂସ ଓ ୩୫୯ ରନ୍‌ରେ ପରାସ୍ତ କରି ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଏଠାରେ ଶନିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ବୃହତ୍ ବିଜୟ ହାସଲ କରିଛି। ଏହା ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ନ୍ୟୁଜିଲାଣ୍ଡ କ୍ଲିନ୍ ସ୍ୱିପ୍ କରିଛି। ପୂର୍ବରୁ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ନ୍ୟୁଜିଲାଣ୍ଡ ୯ ୱିକେଟରେ ଜିତିଥିଲା। ଦ୍ୱିତୀୟ ଟେଷ୍ଟରେ ୧୫୩ ରନ୍ କରିଥିବା ନ୍ୟୁଜିଲାଣ୍ଡ ଓପନର ଡେଭନ କନୱେଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ୨ଟି ଟେଷ୍ଟରେ ୧୬ଟି ୱିକେଟ ନେଇଥିବା ଫାଷ୍ଟ ବୋଲର ମ୍ୟାଟ୍ ହେନରୀଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଦ୍ୱିତୀୟ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୧୨୫ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩ ୱିକେଟରେ ୬୦୧ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ୪୭୬ ରନ୍‌ରେ ପଛୁଆ ଥିବା ଜିମ୍ବାୱେ ଦ୍ୱିତୀୟ ଇନିଂସରେ ୧୧୭ ରନ୍ କରିଥିଲା। ନିକ୍ ୱେଲଚ ୪୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପେସ୍ ବୋଲରଙ୍କୁ ସମସ୍ତ ୧୦ଟି ଯାକ ୱିକେଟ ମିଳିଥିଲାବେଳେ ଡେବ୍ୟୁଟାଣ୍ଟ ଜାକାରି ଫୋଲ୍କସ ସର୍ବାଧିକ ୫ଟି ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS